- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-158 ◆THURSDAY ◆4 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୮ ◆ଗୁରୁବାର ◆୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ବିରାଟଙ୍କ କ୍ରମାଗତ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

### ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ରୁଷ୍ ସଂସଦର ଅନୁମୋଦନ

# ସାମରିକ ଘାଟି ଉଭୟଙ୍କୁ ଖୋଲା



ଆଜି ଆସୁଛନ୍ତି ପୁତିନ

■ ମସ୍କୋ, ୩।୧୨ (ଏଜେନ୍ସି): ଆସନ୍ତାକାଲି ଭାରତର ଦୁଇ ଦନିଆ ଗସ୍ତରେ ଆସୁଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ। ଏହି ଅବସରରେ ଭାରତ ଓ ରୁଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ଏଥିମଧ୍ୟରେ ରହିଛି ପାରସ୍ପରିକ ସାମରିକ ଘାଟି ବ୍ୟବହାର ପାଇଁ ଅନୁମତି। ଏହି ଚୁକ୍ତି କର୍ଯ୍ୟକାରୀ ହେଲେ ଉଭୟ ଭାରତ ଏବଂ ରୁଷିଆ ପରସ୍ପରର ସାମରିକ ଘାଟି ଲଜିଷ୍ଟିକ ସେବା ପାଇଁ ବ୍ୟବହାର କରିପାରିବେ। ଦୁଇ ଦେଶ ପରସ୍ପରର ସାମରିକ ଘାଟି ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସୁଯୋଗ, ସମ୍ବଳକୁ ମଧ୍ୟ ବ୍ୟବହାର କରିପାରିବେ। ଏଥିରେ ବନ୍ଦର ଏବଂ ଅନ୍ୟ ସାମରିକ ଭିତ୍ତିଭୂମି ରହିଛି। ଏସଂକ୍ରାନ୍ତ ପ୍ରସ୍ତାବକୁ ରୁଷ ସଂସଦ 'ଡୁମା' ମଞ୍ଜୁରୀ ପ୍ରଦାନ କରିଛି।

ଚଳିତ ବର୍ଷ ଫେବୃଆରୀ ୧୮ରେ ଏହି ଚୁକ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ସପ୍ତାହରେ ରୁଷିଆ ପ୍ରଧାନମନ୍ତ୍ରୀ ମିଖାଇଲ୍ ମିସୁଷ୍ଟିନ୍ ମଞ୍ଜୁରୀ ପାଇଁ ଏହାକୁ ସଂସଦକୁ ପଠାଇଥିଲେ। ଏହି ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଓ ସାମରିକ ଚୁକ୍ତି ଆହୁରି ଦୃଢ଼ ହେବ ବୋଲି ରୁଷିଆ ସଂସଦ ବାଚସ୍ପତି ଭ୍ୟାଚେସ୍‌ଲାଭ ଭୋଲୋଡିନ କହିଛନ୍ତି। ସାମରିକ ଦୃଷ୍ଟିକୋଣରୁ ଏହି ଚୁକ୍ତି ବିଶେଷ ମହତ୍ତ୍ୱ ରଖୁଛି। ଏସଂପର୍କରେ ଜଣେ ଭାରତୀୟ ଅଧିକାରୀ କହିଛନ୍ତି ଯେ ଏହି ଚୁକ୍ତି ଦୁଇ ଦେଶ ମଧ୍ୟରେ ଐତିହାସିକ ହେବ। ଉଭୟ ଦେଶ ପରସ୍ପରର ସାମରିକ ▶ପୃଷ୍ଠା-୭

## ରସାତଳକୁ ଗଲା ଟଙ୍କା

# ୧ ଡଲାର = ୯୦.୧୩ ଟଙ୍କା

■ ମୁମ୍ବଇ, ୩।୧୨ (ଏଜେନ୍ସି): ଦୁର୍ବଳ ହେବାରେ ଲାଗିଛି ଭାରତୀୟ ମୁଦ୍ରା 'ଟଙ୍କା'। ବୁଧବାର ଟଙ୍କା ମୂଲ୍ୟ ରେକର୍ଡ ସର୍ବନିମ୍ନ ୯୦ ଟଙ୍କା ସ୍ତରକୁ ଖସିଆସିଛି। ଆମେରିକୀୟ ଡଲାର ମଜବୁତ ହେବାର ପ୍ରଭାବରେ ଟଙ୍କା ମୂଲ୍ୟରେ ଏଭଳି ଐତିହାସିକ ହ୍ରାସ ଘଟିଛି। ଫଳରେ ଚାପଗ୍ରସ୍ତ ହୋଇଛି ଘରୋଇ ମୁଦ୍ରା। ଭାରତୀୟ ମୁଦ୍ରା ଇତିହାସରେ ପ୍ରଥମ ଥର ପାଇଁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି।

ଟଙ୍କା ଉପରେ ବଢୁଥିବା ଚାପ ପଛରେ ଅନେକ କାରଣ ରହିଛି। ଯେପରିକି ଡଲାର ଚାହିଦାରେ ବୃଦ୍ଧି ଓ ବିଶ୍ୱରେ ରାଜନୈତିକ-ଅର୍ଥନୈତିକ ଅନିଶ୍ଚିତତା। ବିଗତ କିଛି ଦିନ ହେବ ବୈଦେଶିକ ମୁଦ୍ରା ବିନିମୟ ବଜାରରେ



ଟଙ୍କା ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଆଜି ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୯ ପଇସା ହ୍ରାସ ଘଟି ଏହା ୯୦.୧୩ ▶ପୃଷ୍ଠା-୭

# ବଢ଼ିବନି ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍

■ ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଇପିଏଫ୍ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ ଆଉ ବଢ଼ିବନି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କ ସର୍ବନିମ୍ନ ପେନ୍‌ସନ୍। କେବଳ ଏତିକି ନୁହେଁ ପେନ୍‌ସନ୍‌ଭୋଗୀଙ୍କୁ ମିଳିବନି ମହଙ୍ଗା ଭତ୍ତା (ଡିଏ) ବୃଦ୍ଧିର ଲାଭ। ଅର୍ଥାତ୍ ଏଣିକି ଡିଏ ବୃଦ୍ଧି ଆଧାରରେ ବଢ଼ିବନି ପେନ୍‌ସନ୍ ଭୋଗୀଙ୍କ ମହଙ୍ଗା ଆଶ୍ୱସ୍ତି (ଡିଆର୍)। ଆଶା କରାଯାଉଥିଲା ଯେ ସରକାର କର୍ମଚାରୀ ପେନସନ ଯୋଜନା ୧୯୯୫ (ଇପିଏସ୍-୯୫) ଅନ୍ତର୍ଗତ ସ୍ୱଳ୍ପ ପେନ୍‌ସନ୍ ପରିମାଣକୁ ଏକ ସମ୍ମାନଜନକ ସ୍ତରକୁ ବୃଦ୍ଧି କରିବେ। ସର୍ବନିମ୍ନ ଇପିଏଫ୍ ପେନ୍‌ସନ ବର୍ତ୍ତମାନର ୧୦୦୦ ରୁ ୭୫୦୦ ଟଙ୍କାକୁ ବୃଦ୍ଧି

**ବୃଦ୍ଧି ହେବନି ପେନ୍‌ସନ୍ ଭୋଗୀଙ୍କ ଡିଆର୍**

**ସଂସଦରେ ସଫା ସଫା ମନା କଲେ ମନ୍ତ୍ରୀ**

ହେବା ନେଇ ବେଶ ଚର୍ଚ୍ଚା ହେଉଥିଲା। କେତେକ ଗଣମାଧ୍ୟମ ରିପୋର୍ଟରେ ଗତ ଅକ୍ଟୋବର ମାସର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ▶ପୃଷ୍ଠା-୭

# ୩ଟି ପର୍ଯ୍ୟାୟରେ ଯୁକ୍ତ ଦୁଇ ପରୀକ୍ଷା

■ ଭୁବନେଶ୍ୱର, ୩।୧୨ (ସମିସ): ଚଳିତ ଶିକ୍ଷାବର୍ଷରେ ଯୁକ୍ତ ଦୁଇ ପରୀକ୍ଷା ପାଇଁ ଆଜି ତାରିଖ ସୂଚୀ ପ୍ରକାଶ ପାଇଛି। ଚଳିତବର୍ଷରେ ୩ଟି ପର୍ଯ୍ୟାୟରେ + ୨ ପରୀକ୍ଷା ହେବ। ଇଣ୍ଟରନାଲ ଆସେସ୍‌ମେଣ୍ଟ ଓ ପ୍ରୋଜେକ୍ଟ ମୂଲ୍ୟାଙ୍କନ ଡିସେମ୍ବର ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବ। ଜାନୁଆରୀ ୨ରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ୧୫ ତାରିଖରେ ସରିବ। ଫେବୃଆରୀ ୧୮ ତାରିଖରୁ ଲିଖିତ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୧ ତାରିଖରେ ସରିବ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ମୋଟ୍ ୨୨ ▶ପୃଷ୍ଠା-୭

**ଡିସେମ୍ବର ୨୨ରୁ ଇଣ୍ଟରନାଲ୍, ଜାନୁଆରୀରୁ ପ୍ରାକ୍ଟିକାଲ ଏବଂ ଫେବୃଆରୀ ୧୮ ରୁ ଲିଖିତ ପରୀକ୍ଷା**

# ଓଡ଼ିଶାକୁ ବହୁମୂଲ୍ୟ ଦେବାକୁ ପଡ଼ିବ: ମହୁଆ

## ପୁଲିସ ଡିଜି, ନୟାଗଡ଼ ଏସ୍‌ପିଙ୍କୁ ଚେତାବନୀ

■ ଭୁବନେଶ୍ୱର, ୩।୧୨ (ସମିସ): ବାଂଲାଦେଶୀ, ରୋହିଙ୍ଗ୍ୟାଙ୍କ ନାମରେ ପଶ୍ଚିମବଙ୍ଗ ବାସିନ୍ଦାଙ୍କୁ ଓଡ଼ିଶା ପୁଲିସ ଅଟକ ରଖୁଛି। ବଙ୍ଗଳାରେ କଥାବାର୍ତ୍ତା କରୁଥିବା ଲୋକଙ୍କୁ ଓଡ଼ିଶା ପୁଲିସ ଉଠାଇ ନେଉଛି। କେବଳ ବଙ୍ଗାଳୀ ହୋଇଥିବାରୁ ସେମାନଙ୍କୁ ତଡ଼ାଯାଇଛି। ଭିଡ଼ତନ୍ତ୍ରର ଏଭଳି ଏଜେଣ୍ଡାକୁ ପୁଲିସ ଦମନ କରିବା ବଦଳରେ ଅଧିକ ହାୱା ଦେଉଛି। ଏହା ଠିକ୍ ନୁହେଁ। ଓଡ଼ିଶାକୁ ଏହାର ମୂଲ୍ୟ ଦେବାକୁ ପଡ଼ିବ। ତୁମେ ବେଙ୍ଗାଲୀଙ୍କ ସହ ଯାହା କରୁଛ ଆମ ସରକାର ଓଡ଼ିଆଙ୍କ ସହ ଏଠାରେ ସେମିତି କଲେ ସ୍ଥିତି ବିଗିଡ଼ିଯିବ ବୋଲି ଓଡ଼ିଶାକୁ ଚେତାବନୀ ଦେଇଛନ୍ତି ଟିଏମ୍‌ସି ସାଂସଦ ମହୁଆ ମୋଇତ୍ର। ନୟାଗଡ଼ର ଏକ ଘଟଣାକୁ ନେଇ ଓଡ଼ିଶାର ପୁଲିସ ଡିଜି ଓ ନୟାଗଡ଼ ଏସ୍‌ପିଙ୍କୁ ଶ୍ରୀମତୀ ▶ପୃଷ୍ଠା-୭

# ଧାନ କିଣା ଆରମ୍ଭରୁ ବିଭ୍ରାଟ

## ବିଧାନସଭାରେ ସରକାରଙ୍କୁ ଘେରିଲେ ବିଜେଡି-କଂଗ୍ରେସ



**ମନଇଚ୍ଛା କଟ୍‌ନୀଛଟ୍‌ନୀ ନେଇ ବିରୋଧୀଙ୍କ ସନ୍ଦେହ**

**ଗତ ଖରିଫରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଛି: ଶାସକ**

■ ଭୁବନେଶ୍ୱର, ୩।୧୨ (ସମିସ): ଘାରେ ନ ପଶୁଣୁ ଚାଳ ବାଜିବା ପରି ଧାନ କିଣା ଆରମ୍ଭରୁ ଦେଖାଦେଇଛି ବିଭ୍ରାଟ। ପ୍ରାୟ ମାସେ ବିଳମ୍ବରେ ପଶ୍ଚିମ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଳମ୍ବ ପ୍ରକ୍ରିୟା କାରଣରୁ ଚାଷୀ ଅଭାବୀ ବିକ୍ରିର ମଧ୍ୟ ଶିକାର ହେଲେଣି। ସରକାର ମିଲରଙ୍କର ଷ୍ଟକ ଯାଞ୍ଚ କରିନାହାନ୍ତି। ସବୁ ଆଡେ ଗ୍ରେନ ଆନାଲାଇଜର ମେସିନ ପହଞ୍ଚି ନାହିଁ। ଯେଉଁଠି ମେସିନ ନାହିଁ ସେଠାରେ ପୂର୍ବବର୍ଷ ପରି ମନଇଚ୍ଛା କଟନୀ ଛଟନୀ ହେବାର ଆଶଙ୍କା ଦେଖା ଦେଲାଣି। ଖରିଫ୍ ଧାନ କିଣା ପ୍ରକ୍ରିୟାକୁ ନେଇ ବୁଧବାର ବିଧାନସଭାରେ ଏମିତି ସନ୍ଦେହ ବ୍ୟକ୍ତ କରିଛନ୍ତି ବିରୋଧୀ। କେନ୍ଦ୍ର ସରକାରଙ୍କ ଘୋଷିତ ଏମଏସପି ୨୩୬୯ ଏବଂ ରାଜ୍ୟ ସରକାରଙ୍କ ଇନପୁଟ ସବସିଡି ୮୦୦ ଟଙ୍କାକୁ ମିଶାଇ ମୋଟ ୩୧୬୯ ଟଙ୍କା ସରକାର ଦେବେ କି ନାହିଁ ସିଧାସଳଖ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଶାସକ ଦଳ ବିଧାୟକମାନେ ବିରୋଧୀଙ୍କ ଅଭିଯୋଗ ଅମୂଳକ କହିବା ସହ ନୂଆ ସରକାର ଆସିବା ପରେ କଟନୀ ଛଟନୀ କମିଛି ବୋଲି ଯୁକ୍ତି ବାଢ଼ିଛନ୍ତି।

ମୁଲତବୀ ଆଲୋଚନା ଆରମ୍ଭ କରି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଲେ ଯେ ପଶ୍ଚିମ ଓଡ଼ିଶାରେ ଡିସେମ୍ବର ପ୍ରଥମ ସପ୍ତାହରୁ ଧାନ ସଂଗ୍ରହ ପ୍ରକ୍ରିୟା ସବୁଥର ଆରମ୍ଭ ହୁଏ। ମାତ୍ର ଚଳିତ ଥର ଏଥିରେ ପ୍ରାୟ ମାସେ ବିଳମ୍ବ ଘଟିଛି। ଧାନ ଅମଳ ପରେ ଚାଷୀ ନିଜ ପାଖରେ ଧାନ ରଖିପାରେ ନାହିଁ। ସେଥିପାଇଁ ଚାଷୀ ଅଭାବୀ ବିକ୍ରି ଆରମ୍ଭ କଲେଣି। ଧାନ କିଣା ଆରମ୍ଭରେ କାହିଁକି ବିଳମ୍ବ ହେଲା ସରକାର ତାହାର ଉତ୍ତର ରଖିବାର ଆବଶ୍ୟକତା ରହିଛି। ବରଗଡ଼ରେ ପ୍ରାୟ ୫୦୦୦ ଚାଷୀ ପଞ୍ଜୀକରଣ କରିପାରି ନାହାନ୍ତି। ସେମାନେ କେଉଁଠାରେ ଧାନ ବିକିବେ ? ▶ପୃଷ୍ଠା-୭

# ୩୧୬୯ ନୁହେଁ; ସରକାର ଦେବେ ୩୧୦୦ ଟଙ୍କା: ମନ୍ତ୍ରୀ

■ ଭୁବନେଶ୍ୱର, ୩।୧୨ (ସମିସ): କେନ୍ଦ୍ର ସରକାର ଚଳିତ ଖରିଫରେ କ୍ୱିଣ୍ଟାଲ ପିଛା ୬୯ ଟଙ୍କା ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଘୋଷଣା କରିଥିଲେ। ସେହି ଅନୁଯାୟୀ ଏମଏସପି ୨୩୬୯ ଟଙ୍କା ଏବଂ ଇନପୁଟ ସବସିଡି ବାବଦକୁ ୮୦୦ ଟଙ୍କା ମିଶାଇ ଚାଷୀ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବା ନେଇ ସମ୍ଭାବନା ଦେଖା ଦେଇଥିଲା। ତେବେ ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରିବେ ବୋଲି ଆଜି ବିଧାନସଭାରେ ସ୍ପଷ୍ଟ କରିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବିରୋଧୀଙ୍କ ପକ୍ଷରୁ ଆଗତ ମୁଲତବୀ ଆଲୋଚନାରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଚଳିତ ଖରିଫରେ ୧୯ ଜୁଲାଇ ୨୦୨୫ରୁ ୧୯ ଅଗଷ୍ଟ ୨୦୨୫ ଯାଏଁ ଚାଷୀ ପଞ୍ଜୀକରଣ ଧାର୍ଯ୍ୟ ହୋଇଥିଲା। ▶ପୃଷ୍ଠା-୭

# ଶୀତ ସହ ବଢ଼ିବ କୁହୁଡ଼ି

■ ଭୁବନେଶ୍ୱର, ୩।୧୨ (ସମିସ): ରାଜ୍ୟରେ ପୁଣି ତାପମାତ୍ରା ହ୍ରାସ ପାଇବ। ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିବ। ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ତାମିଲନାଡୁ ଓ ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ବାତ୍ୟା ଦୁର୍ବଳ ହୋଇ ସଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ଦୁର୍ବଳ ହେବା ପରେ ପୁଣି ଥରେ ରାଜ୍ୟକୁ ଉତ୍ତର ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ଆରମ୍ଭ ହୋଇଛି। ଏହା ଫଳରେ ରାଜ୍ୟର ଅନେକ ସ୍ଥାନରେ ଶୀତ ବଢ଼ିବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ, ସାରା ରାଜ୍ୟରେ ବୁଧବାର ରାତିଠାରୁ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଆସନ୍ତା ଶନିବାର ରାତି ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ଜାରି ରହିବ। ଏହି ୪ ଦିନରେ ପାରଦ ପ୍ରାୟ ୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ୭ ତାରିଖ ଅର୍ଥାତ ରବିବାର ରାତିରେ ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶା ଓ କେନ୍ଦ୍ରୀୟ ଓଡ଼ିଶାରେ ଆଉ ୧ ଡିଗ୍ରୀ କମିପାରେ। ୮ ତାରିଖ ରାତିରେ ଅନେକ ସ୍ଥାନରେ ୧-୨ ଡିଗ୍ରୀ ବଢ଼ି ପୁଣି ତା ପରଦିନ ତାପମାତ୍ରା କମିବ ଓ ଶୀତ ଜାରି ରହିବ। ଆଗକୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ଏହି ସମୟରେ ରାଜ୍ୟର ଅନେକ ସ୍ଥାନରେ କୁହୁଡ଼ି ବଢ଼ିବ। ବିଶେଷ କରି ୫ ଓ ୯ ତାରିଖ ରାତିରେ ଘନ ▶ପୃଷ୍ଠା-୭









# ବୈଜ୍ଞାନିକଙ୍କ ସ୍ଥାନ ନେବ ଏଆଇ!

ଏଆଇ ଆସିବା ପରଠୁ ପ୍ରତ୍ୟେକ ଦିନ କିଛି ନା କିଛି ପରିବର୍ତ୍ତନ ଆସୁଛି। ସେହିପରି ବହୁତ ବଡ଼ ବଡ଼ କାମକୁ ଏଆଇ ମାତ୍ର କେଇ ମିନିଟ୍ ମଧ୍ୟରେ କରି ଦେଉଥିବା ବେଳେ ଏଥିଯୋଗୁଁ ଅନେକଙ୍କ ଚାକିରି ପ୍ରତି ବିପଦ ସୃଷ୍ଟି ହୋଇଛି। ଏପରିକି ଅନେକଙ୍କୁ ଚାକିରି ମଧ୍ୟ ହରାଇବାକୁ ପଡ଼ିଛି। ଏହାରି ଭିତରେ ଓପନ ଏଆଇର ସିଇଓ ସାମ୍ ଅଲଟମ୍ୟାନ୍ ଏମିତି କିଛି କହିଛନ୍ତି, ଯାହାକି ପୂରା ଟେକ୍ ଦୁନିଆରେ ହଇଚଇ ସୃଷ୍ଟି କରିଛି। ୨୦୨୮ ସୁଦ୍ଧା ଓପନ ଏଆଇ ଏକ ଏଆଇ ଗବେଷକ ତିଆରି କରିବ। କହିବାକୁ ଗଲେ, ଏହା ଏମିତି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଯାହାକି ମଣିଷ ଭଳି ନୁହେଁ, ବରଂ ମଣିଷଠାରୁ ଅଧିକ ଚିନ୍ତା କରିପାରିବ ଏବଂ ଗବେଷଣା କରିବ। ଏହି କଥା ସାମ୍ନାକୁ ଆସିବା ପରେ ଏଆଇ ଏବେ ମାନବ ଗବେଷକ, ବୈଜ୍ଞାନିକ ଏବଂ ଗବେଷଣା ଚାକିରି ଲାଗି ବିପଦ ଆଣିପାରେ ବୋଲି ଲୋକଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ତେବେ ମେସିନ୍ ନିଜେ ଗବେଷଣା କରିବା ଦ୍ୱାରା ଅନେକ ଗବେଷଣା ଏବଂ ବିଶ୍ଳେଷଣ ସହ ଜଡ଼ିତ ଚାକିରି ପାଇଁ ବିପଦ ଆଣିପାରେ। ଏନେଇ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ବୈଜ୍ଞାନିକମାନଙ୍କୁ ଗବେଷଣାରେ ସହାୟତା କରିବା ପାଇଁ ସେପ୍ଟେମ୍ବର ୨୦୨୬ ସୁଦ୍ଧା ଏକ ଏଆଇ ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସ୍ତୁତ କରାଯିବ। ସେହିଭଳି ୨୦୨୮ ସୁଦ୍ଧା ଏହା ଏକ ପୂର୍ଣ୍ଣକାଳୀନ ଏଆଇ ଗବେଷକରେ ପରିଣତ ହୋଇ ନିଜେ ଗବେଷଣା କରିବାକୁ ସକ୍ଷମ ହେବ। ଏହି ନୂଆ ଏଆଇ କଠିନରୁ କଠିନ ଗବେଷଣାକୁ ନିଜେ ନିଜେ କରିବାକୁ ସକ୍ଷମ ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।



# ନୌସେନା ଦିବସ

ଭାରତୀୟ ନୌସେନା ଦିବସ ପ୍ରତିବର୍ଷ ଡିସେମ୍ବର ୪ରେ ପାଳନ କରାଯାଏ। ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧରେ ହୋଇଥିଲା ଅପରେସନ ଟ୍ରାଇଡେଣ୍ଟ। ଅପରେସନ ଟ୍ରାଇଡେଣ୍ଟର ସଫଳତା ସ୍ମୃତିରେ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳିତ ହୁଏ। ଏହା ଭାରତୀୟ ନୌସେନାର ଶକ୍ତି, ସାହସ ଓ ପରାକ୍ରମର ପ୍ରତୀକ। ନୌସେନା ଦିବସ କେବଳ ନୌସେନାର ବୀରତ୍ୱର କାହାଣୀ କହେନି, ବରଂ ଦେଶର ସୁରକ୍ଷାରେ ନୌସେନାର ପ୍ରତିବଦ୍ଧତାକୁ ଦର୍ଶାଇଥାଏ। ଭାରତୀୟ ନୌସେନା ବାହିନୀକୁ ସମ୍ମାନ ଦେବା ଏବଂ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ନେଇ ଏହା ହେଉଛି ଏକ ବିଶେଷ ଅବସର। ଦେଶର ପ୍ରତିରକ୍ଷା କ୍ଷେତ୍ରରେ ନୌସେନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସମୁଦ୍ରକୁ ଲାଗି ରହିଥିବା ସୀମାବର୍ତ୍ତୀ ଅଞ୍ଚଳରେ ନୌସୈନିକମାନେ ଦିନରାତି ସଜାଗ ରହି ଦେଶକୁ ଶତ୍ରୁ ମୁଖରୁ ରକ୍ଷା କରିଥାନ୍ତି। ୧୯୭୧ ମସିହା ଡିସେମ୍ବର ୩ ତାରିଖରେ ପାକିସ୍ତାନୀ ସେନା ଭାରତୀୟ ବାୟୁସୀମା ଓ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଆକ୍ରମଣ ପାଇଁ ଉଦ୍ୟମ କରୁଥିଲା। ଏହାର ଜବାବରେ 'ଅପରେସନ ଟ୍ରାଇଡେଣ୍ଟ' ଜରିଆରେ ପାକିସ୍ତାନ ନୌସେନା ଉପରେ ଆକ୍ରମଣ କରିଥିଲା ଭାରତ। ଏଥିରେ ପାକିସ୍ତାନର କିଛି ଜାହାଜ ଓ ତେଲ ଡିପୋ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଧ୍ୱଂସର ପ୍ରଭାବ ଏତେ ଥିଲା ଯେ, ୭ ଦିନ ପର୍ଯ୍ୟନ୍ତ ଏହି ଡିପୋଗୁଡ଼ିକ ଜଳିଥିଲା। ଆକ୍ରମଣ ଯୋଗୁଁ ପାକିସ୍ତାନୀ ନୌସେନାର ଡେଷ୍ଟ୍ରୟର୍ ପିଏନ୍ଏସ୍ ଖାଇବର ଓ ମାଇନ୍ ସ୍ୱିପର ପିଏନ୍ଏସ୍ ମୁହାଫିଜ ଧ୍ୱଂସ ହୋଇଯାଇଥିଲା। ଏଥିରେ ୭୨୦ ପାକିସ୍ତାନୀ ନୌସୈନିକ ପ୍ରାଣ ହରାଇଥିଲେ। ଶେଷରେ ପାକିସ୍ତାନ ନୌସେନା ଭାରତ ନିକଟରେ ଆତ୍ମ ସମର୍ପଣ କରିଥିଲା। ତେବେ ଭାରତୀୟ ନୌସେନାର ଏହି ବଡ଼ ବିଜୟକୁ ମନେ ପକାଇବା ସହ ସେମାନଙ୍କ ବୀରତ୍ୱକୁ ସଲାମ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ନୌସେନା ଦିବସ ପାଳନ କରାଯାଇ ଆସୁଛି। ଏହି ଦିନ ଆମ ସୁରକ୍ଷା ବାହିନୀ ପ୍ରତି କୃତଜ୍ଞତା ଜଣାଇବା ଓ ସେମାନଙ୍କର ଅବଦାନ ବୁଝିବା ପାଇଁ ଏକ ସୁଯୋଗ ପ୍ରଦାନ କରିଥାଏ। ଭାରତୀୟ ନୌସେନାର ଏହି ଅବଦାନକୁ ସମ୍ମାନ ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ।

## ଆଜିର ଇତିହାସ

- ୧୮୮୮- ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ଜନ୍ମ।
- ୧୯୨୪- ଗେଟ୍ ୱେ ଅଫ୍ ଇଣ୍ଡିଆର ଉଦ୍‌ଘାଟନ।
- ୧୯୬୭- ଦେଶର ପ୍ରଥମ ରକେଟ୍ 'ରୋହିଣୀ ଆର୍ଏଚ୍-୭୫' ଉତ୍କ୍ଷେପଣ କରାଗଲା।
- ୧୯୯୬- ନାସା ମଙ୍ଗଳ ଗ୍ରହ ପାଇଁ ମହାକାଶଯାନ 'ମାର୍ସ ପାଥ ଫାଉଣ୍ଡର'କୁ ପ୍ରକ୍ଷେପିତ କଲା।
- ୨୦୦୬- ଫିଲିପାଇନ୍ସର ଏକ ଗାଁରେ ତୋଫାନ ପରେ ମାଟି ଧସିଯିବାରୁ ୧୦୦୦ ଲୋକଙ୍କ ପ୍ରାଣହାନି।

# ବିଶ୍ୱର ସବୁଠୁ ଛୋଟ ଘୋଡ଼ା

## ଉଚ୍ଚତା ୨୧ ଇଞ୍ଚ

ସାଧାରଣତଃ ଗୋଟିଏ ବ୍ୟାଗ୍ରେ ଆକାର ୨୧ ଇଞ୍ଚରୁ ଅଧିକ ହୋଇଥାଏ। ଏବେ ପୁମୁକେଲ ନାମକ ଘୋଡ଼ା ବିଶ୍ୱର ସବୁଠୁ ଛୋଟ ଘୋଡ଼ା ଭାବେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛି। ଜର୍ମାନୀରେ ରହୁଥିବା ପୁମୁକେଲର ଲମ୍ବ ୨୧.୧ ଇଞ୍ଚ। ପୂର୍ବରୁ ଏହି ରେକର୍ଡ ପୋଲାଣ୍ଡର ବମ୍ବେଲ ନାମକ ଘୋଡ଼ା ନାମରେ ଥିଲା। ବମ୍ବେଲର ଲମ୍ବ ୫୬.୭ ସେଣ୍ଟିମିଟର ଅର୍ଥାତ୍ ୨୨.୩୬ ଇଞ୍ଚ ଥିଲା। ପୁମୁକେଲର ମାଲିକାଣୀ କୈରୋଲା ୱିଡେମାନ କହିବାନୁଯାୟୀ, 'ସେ ଜଣେ ବନ୍ଧୁଙ୍କଠାରୁ ପୁମୁକେଲ ବାବଦରେ ଜାଣିଥିଲେ। ଏହାପରେ ସେ ଗାଡ଼ି ଚଳାଇ ପୁମୁକେଲ ରହୁଥିବା ସ୍ଥାନକୁ ଯାଇଥିଲେ। ସେଠାରେ ସେ ଏତେ ଛୋଟ ଘୋଡ଼ାକୁ ଦେଖି ଚକିତ ହୋଇଯାଇଥିଲେ। ଏହି ଘୋଡ଼ାକୁ ସେ ଅକ୍ଟୋବର ୨୦୨୦ ମସିହାରେ ଘରକୁ ଆଣିଥିଲେ। ପୁମୁକେଲକୁ ସେ ଯେତେବେଳେ ଘରକୁ ଆଣିଥିଲେ ଏହା ମାତ୍ର ପାଞ୍ଚ



ମାସର ହୋଇଥିଲା। ସେତେବେଳେ ତାର ଲମ୍ବ ୪୭ ସେଣ୍ଟିମିଟର ଥିଲା। କୈରୋଲା ପୁମୁକେଲକୁ ଥେରାପି ଘୋଡ଼ା ଭାବେ ତାଲିମ ପ୍ରଦାନ କରିଛନ୍ତି। ପୁମୁକେଲ ପ୍ରତିଦିନ ନର୍ସିଂ ହୋମ, ଧର୍ମଶାଳା, ସ୍କୁଲ୍, ଭିନ୍ନକ୍ଷମ ଲୋକଙ୍କ ନିକଟକୁ ଯାଇ ସେମାନଙ୍କୁ ଖୁସି କରିବାକୁ ଚେଷ୍ଟା କରେ।

# କ୍ଷୀରରୁ ପୋଷାକ

କ୍ଷୀର ଛିଡ଼ିଗଲେ ସେଥିରୁ ଛେନା ତଥା ପନିର ତିଆରି ହେବା କଥା ସମସ୍ତେ ଜାଣନ୍ତି। ହେଲେ ଏବେ କ୍ଷୀରରୁ କପଡ଼ା ତିଆରି କରାଯାଉଛି। ଏହି କପଡ଼ାକୁ 'ମିଲ୍କ ଫ୍ୟାବ୍ରିକ୍' କୁହାଯାଉଛି। ଜର୍ମାନୀ କମ୍ପାନି 'କ୍ୟୁ ମିଲ୍କ' ଏହି ଟେକ୍ନିକ୍‌କୁ ପରିଚିତ କରାଇଛି। ତେବେ ଉକ୍ତ କମ୍ପାନି କେବଳ ଖରାପ ହୋଇଯାଉଥିବା କ୍ଷୀରକୁ ହିଁ ଏହି କାମ ଲାଗି ଉପଯୋଗ କରୁଛି। ଏହି ପଦ୍ଧତିରେ ଗୋଟିଏ ଲିଟର କ୍ଷୀରରୁ ୧୦ ଗ୍ରାମ୍ କପଡ଼ା ବାହାର କରାଯାଇପାରିବ। କହିବାକୁ ଗଲେ ଗୋଟିଏ ଟି-ସାର୍ଟ ବନାଇବାକୁ ୬୦-୭୦ ଲିଟର କ୍ଷୀର ଆବଶ୍ୟକ। ଏହି କାରଣ ଯୋଗୁଁ ଏହାର ଦାମ୍ ମଧ୍ୟ ଆକାଶଛୁଆଁ। ସେହିପରି ଗୋଟିଏ ମିଟର ମିଲ୍କ ଫ୍ୟାବ୍ରିକର ଦାମ୍ ୧୫ ହଜାରରୁ ୪୫ ହଜାର ଟଙ୍କା ମଧ୍ୟରେ ହୋଇଥାଏ। ପ୍ରଥମେ କ୍ଷୀରକୁ ଛିଡ଼ାଯାଇ ସେଥିରୁ କେସିନ ପ୍ରୋଟିନ୍ ବାହାର କରାଯାଏ। ଏହି ପ୍ରୋଟିନ୍‌କୁ ପାଣିରେ ମିଶାଇ ଲିକ୍ୱିଡ୍ ତିଆରି କରାଯାଏ। ଏହାପରେ ସ୍ପିନିଂ ମେସିନ୍‌ରେ ଏହାକୁ ତନ୍ତୁରେ ରୂପାନ୍ତରିତ କରାଯାଏ। ଏହି ତନ୍ତୁ ଚମକଦାର ଏବଂ ମୁଲାୟମ ହୋଇଥାଏ। ଏହାପରେ ଏହାକୁ ବୁଣି କପଡ଼ା ତିଆରି କରାଯାଏ। ଏହି ପୂରା ପ୍ରକ୍ରିୟାରେ କୌଣସି ରସାୟନ ବ୍ୟବହାର କରାଯାଏ ନାହିଁ। ତେଣୁ ଏହା ପରିବେଶ ଅନୁକୂଳ ହେବା ସହ ଚର୍ମ ପାଇଁ ମଧ୍ୟ ଭଲ ହୋଇଥାଏ। ତେବେ କ୍ଷୀରରୁ କପଡ଼ା ତିଆରି କରିବା ଟେକ୍ନୋଲୋଜି ନୂଆ ନୁହେଁ। ୧୯୩୦ ମସିହାରେ ଇଟାଲିରେ ଯେତେବେଳେ ଉଲ୍‌ର ଅଭାବ ଦେଖାଯାଇଥିଲା ସେତେବେଳେ ସେଠାକାର ବୈଜ୍ଞାନିକ କ୍ଷୀରରୁ କପଡ଼ା ତିଆରି କରିବା ଆରମ୍ଭ କଲେ। ସେତେବେଳେ ଏହାକୁ 'ଲାନିଟାଲ' କୁହାଯାଉଥିଲା। ହେଲେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ଶେଷବେଳକୁ ଉଲ୍ ଏବଂ ସିନ୍ଥେଟିକ୍ କପଡ଼ା ଆସିବାରୁ ଏହା ହଜିଗଲା। ଏବେ ପୁଣି ୨୦୨୫ରେ ଏହା ଫେରିଛି। ଅନ୍ୟପଟେ ମିଲ୍କ ଫ୍ୟାବ୍ରିକ୍ ରେଶମଠାରୁ ତିନି ଗୁଣ ଅଧିକ ନରମ। ଝାଳରେ ବି ଏହା ଦୁର୍ଗନ୍ଧ ହେବ ନାହିଁ। ଏହା ଶୀତରେ ଗରମ ଏବଂ ଗରମରେ ଶରୀରକୁ ଶୀତଳତା ପ୍ରଦାନ କରେ। ସବୁଠୁ ବଡ଼ କଥା ହେଉଛି, ଏହା ଦୁଇ ବର୍ଷ ମଧ୍ୟରେ ମାଟିରେ ମିଶିଯିବ।






# କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ



ସାଧାରଣତଃ ଲୋକେ ପ୍ରତିଦିନ ଯେଉଁ ପ୍ଲେଟ୍ ବା ଥାଳିରେ ଖାଦ୍ୟ ଖାଆନ୍ତି, ତାହାର ସିଧା ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ ବୋଲି ହୁଏତ ଅନେକ ଜାଣି ନଥିବେ। ଅନେକ ସମୟରେ ଲୋକେ ସହଜ, ସୁବିଧା, ଷ୍ଟାଇଲିସ୍ ପାଇଁ ନିଜ ହିସାବରେ ବାସନ ଚୟନ କରନ୍ତି। ହେଲେ ପ୍ରତ୍ୟେକ ବାସନ ଶରୀର ଉପରେ ଅଲଗା ଅଲଗା ପ୍ରଭାବ ପକାଏ। କିଛି ପ୍ଲେଟ୍‌ର ବ୍ୟବହାର ସୁରକ୍ଷିତ ହୋଇଥିବାବେଳେ ଆଉ କିଛି ପ୍ଲେଟ୍‌ରେ ଖାଦ୍ୟ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚେ। ଏଭଳି କ୍ଷେତ୍ରରେ କାଚ, ପିତ୍ତଳ, ପ୍ଲାଷ୍ଟିକ୍, ପତ୍ର ଭଳି କେଉଁ ପ୍ଲେଟ୍‌ରେ ଖାଇବା ସୁରକ୍ଷିତ, ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ। ତେବେ କାଚ ପ୍ଲେଟ୍‌କୁ ସବୁଠୁ ସୁରକ୍ଷିତ ବୋଲି କୁହାଯାଏ। ଏହା ବିଷାକ୍ତ ହୋଇ ନ ଥିବା ବେଳେ ଏଥିରେ ରାସାୟନିକ ପ୍ରତିକ୍ରିୟା ହେବା ଆଶଙ୍କା ନଥାଏ। ଏପରିକି ଏଥିରେ ଜୀବାଣୁ ବୃଦ୍ଧିର ଆଶଙ୍କା କମ୍। ଏହାସହ କାଚ ପ୍ଲେଟ୍‌କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରିବ ଏବଂ ଏହାକୁ ସଫା କରିବା ବି ସହଜ। ଏଣୁ କାଚ ପାତ୍ରରେ ଖାଦ୍ୟ ଖାଇବା ସବୁଠୁ ସୁରକ୍ଷିତ। ସେହିପରି ପତ୍ର ପ୍ଲେଟ୍ ପରିବେଶ ପାଇଁ ଅନୁକୂଳ। ଏହା ପରିବେଶ ଅନୁକୂଳ ହେବା ସହ ଏବଂ ଏଥିରେ କୌଣସି ପ୍ରକାର କ୍ଷତିକାରକ ରସାୟନ ନ ଥାଏ। ତେବେ ପତ୍ର ପ୍ଲେଟ୍ ପରିଷ୍କାର ଥିବା ସହ ଏହା ଖରାପ ହୋଇ ନ ଥିବା ଆବଶ୍ୟକ। ଅନ୍ୟପଟେ ପତ୍ର ପ୍ଲେଟ୍ ଖରାପ ହୋଇଯାଇ ଥିଲେ ଏଥିରୁ ଜୀବାଣୁଜନିତ ସଂକ୍ରମଣ ହେବା ଆଶଙ୍କା ବୃଦ୍ଧି ପାଏ। ଏ ଦୃଷ୍ଟିରୁ ପତ୍ରରେ ବେଳେବେଳେ ଖାଦ୍ୟ ଖାଇବା ସୁରକ୍ଷିତ। ସବୁବେଳେ ଏହାକୁ ବ୍ୟବହାର କରିବା ଅନୁଚିତ। ଅନ୍ୟପଟେ କଂସା ପିତ୍ତଳ ବାସନ ସ୍ୱାସ୍ଥ୍ୟ ପକ୍ଷେ ହିତକର। ଏହା ଖାଦ୍ୟକୁ ଗରମ ରଖିବାରେ ସାହାଯ୍ୟ କରେ ଏବଂ ଏଥିରୁ କିଛି ପୋଷକ ତତ୍ତ୍ୱ ବି ମିଳିଥାଏ। ସେହିପରି ପିତ୍ତଳ ବାସନରେ ଟିଣ କୋଟିଂ ନ ଥିଲେ ଏବଂ ଏହା ପୁରୁଣା ହୋଇଯାଇଥିଲେ, ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ। ଏହାବାଦ୍ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଗରମ ଖାଦ୍ୟ ରଖିଲେ ଏଥିରେ ଥିବା ରସାୟନ ଖାଦ୍ୟରେ ମିଶି ଯାଇପାରେ। ଫଳରେ ଏହାଦ୍ୱାରା ହରମୋନ ଅସନ୍ତୁଳନ, ପାଚନ ସମସ୍ୟା ଏବଂ ଗମ୍ଭୀର ରୋଗ ଆଶଙ୍କା ବୃଦ୍ଧି କରେ। ବିଶେଷକରି ମାଇକ୍ରୋୱେଭ୍‌ରେ ପ୍ଲାଷ୍ଟିକ୍ ପ୍ଲେଟ୍ ବ୍ୟବହାର ଅଧିକ ବିପଜ୍ଜନକ ହୋଇଥାଏ। ତେଣୁ ପ୍ଲାଷ୍ଟିକ୍ ପ୍ଲେଟ୍‌ରେ ଖାଦ୍ୟ ଖାଇବା ଅନୁଚିତ। ଯଦି ସବୁଠୁ ସୁରକ୍ଷିତ ପ୍ଲେଟ୍ କଥା କୁହାଯିବ, ତେବେ କାଚ ପ୍ଲେଟ୍‌ରେ ଖାଦ୍ୟ ଖାଇବାକୁ ସବୁଠୁ ସୁରକ୍ଷିତ ବୋଲି କୁହାଯିବ। ସେହିପରି ପତ୍ର ପ୍ଲେଟ୍ ବି ସୁରକ୍ଷିତ। ହେଲେ ଏହା ସଫା ଓ ତାଜା ହୋଇଥିବା ଆବଶ୍ୟକ।

# ୧୦ ବର୍ଷ ପରେ ଏକାଠି ଆସିବେ ରଣବୀର-ଦୀପିକା



ଏକଦା ରଣବୀର କପୁର ଓ ଦୀପିକା ପାଦୁକୋନ୍‌ଙ୍କ ପ୍ରେମ ସମ୍ପର୍କ ବଲିଉଡ୍‌ରେ ବେଶ୍ ଚର୍ଚ୍ଚାରେ ରହିଥିଲା। ଉଭୟ ଶେଷଥର ପାଇଁ ୨୦୧୫ରେ 'ତମାସା' ଫିଲ୍ମରେ ନଜର ଆସିଥିଲେ। ତେବେ ବଲିଉଡ୍‌ର ଏହି ହଟ୍ ଯୋଡ଼ିଙ୍କୁ ପୁଣି ଥରେ ପରଦା ଉପରେ ଦେଖିବା ପାଇଁ ତାଙ୍କ ପ୍ରଶଂସକମାନେ ଦୀର୍ଘ ଦିନ ଧରି ଅପେକ୍ଷା କରିଥିଲେ। ଏବେ ଏହି ଯୋଡ଼ି ପୁଣି ଥରେ ଏକାଠି ପରଦାକୁ ଫେରୁଛନ୍ତି। ରଣବୀର ତାଙ୍କ ଫିଲ୍ମ 'ରାମାୟଣମ୍'କୁ ନେଇ ଚର୍ଚ୍ଚାରେ ଥିବାବେଳେ ଦୀପିକା ଏବେ ଶାହାରୁଖ୍ ଖାନ୍‌ଙ୍କ ସହ 'କିଙ୍ଗ୍'ରେ କାମ କରୁଛନ୍ତି। କିଛି ଦିନ ପୂର୍ବରୁ ଦୀପିକା ଓ ରଣବୀର ଏକାଠି ମୁମ୍ବାଇ ବିମାନବନ୍ଦରରେ ନଜର ଆସିଥିଲେ। ସେବେଠାରୁ ଉଭୟ କୌଣସି ଫିଲ୍ମରେ କାମ କରୁଛନ୍ତି ବୋଲି ଦର୍ଶକେ ଅନୁମାନ କରୁଥିଲେ। ଏବେ ଏହା ଉପରୁ ପରଦା ଉଠିଛି। ଅୟାନ ମୁଖାର୍ଜୀ କ୍ଲାସିକ୍ ଫିଲ୍ମ 'ଚୋରି ଚୋରି'(୧୯୫୬)ରୁ ପ୍ରେରିତ ହୋଇ ଏକ ଫିଲ୍ମ ନିର୍ମାଣ କରିବାକୁ ଚାହୁଁଛନ୍ତି। ଏହି ଫିଲ୍ମରେ ରାଜ୍ କପୁର ଓ ନରଗିସ୍ ଦତ୍ତ ଲିଡ୍‌ରୋଲରେ ଦେଖାଯାଇଥିଲେ। ଅୟାନ୍ ଏହାକୁ ରିମେକ୍ କରିବା ବଦଳରେ ମୂଳ ଫିଲ୍ମରେ କେବଳ ନୂଆ ସ୍ପର୍ଶ ଦେବାକୁ ଚାହୁଁଛନ୍ତି। ତେବେ ଏହି ଫିଲ୍ମ ରାଜ୍ କପୁରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ କରାଯାଉଥିବାରୁ ରଣବୀରଙ୍କ ପାଇଁ ଭାବନାତ୍ମକ ରୂପେ ଏହା ବେଶ୍ ସ୍ୱତନ୍ତ୍ର ହେବ। ରଣବୀର ଓ ଦୀପିକା ଏହି ଫିଲ୍ମ ମାଧ୍ୟମରେ ଏକ ରୋମାଣ୍ଟିକ୍ କାହାଣୀକୁ ହାଲ୍‌କା ଫୁଲ୍‌କା ଭାବେ ପରଦାରେ ଦେଖାଇବେ। ଏଠାରେ ପ୍ରକାଶ ଥାଉ କି, ୨୦୦୮ ରେ 'ବଚନା ଏ ହସିନୋ' ଫିଲ୍ମ ମାଧ୍ୟମରେ ରଣବୀର ଓ ଦୀପିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ୨୦୧୦ରେ ଅଲଗା ହୋଇଯାଇଥିଲେ। ଏହି ସମ୍ପର୍କ ଭାଙ୍ଗିବା ପରେ ଦୀପିକା ଦୀର୍ଘ ଦିନ ଧରି ଅବସାଦ ମଧ୍ୟରେ ରହିଥିଲେ।

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଆର୍ଥିକ ସମସ୍ୟା ଦୂର ହୋଇପାରେ।

**ବୃଷ:** ଘନିଷ୍ଠ ଲୋକଙ୍କ ସହଯୋଗ ରହିବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ନିଜକୁ କମଜୋର ଭାବନ୍ତୁ ନାହିଁ। ଧୈର୍ଯ୍ୟ ରଖନ୍ତୁ। ବିଦ୍ୟାର୍ଥୀମାନେ ଖେଳକୁଦରେ ଅଧିକ ସମୟ ବିତାଇବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ। ଯାନବାହନ କ୍ରୟ କରିପାରନ୍ତି।

**କର୍କଟ:** ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଜୀବନସାଥିଙ୍କ ସହଯୋଗ ଲୋଡ଼ିବେ। ରାଜନୀତିରେ ସକ୍ରିୟ ରହିପାରନ୍ତି। ଅଚାନ ଖୁସି ଖବର ପାଇବେ।

**ସିଂହ:** ଭାବିଚିନ୍ତି କାର୍ଯ୍ୟ କରନ୍ତୁ। ଧନପ୍ରାପ୍ତି ଯୋଗ ରହିଛି। ପିଲାମାନଙ୍କ ଉନ୍ନତିରେ ଖୁସି ଅନୁଭବ କରିବେ। କିଣା-ବିକାରେ ସମୟ ବିତିବ। ବୈବାହିକ ଜୀବନ ସୁଖମୟ ହେବ। ନୂତନ ଜମି କ୍ରୟ କରିପାରନ୍ତି।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ।

**ତୁଳା:** ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇପାରନ୍ତି। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ବ୍ୟବସାୟରୁ ଲାଭ ପାଇବେ। ହାତେ ମାପି ଚାଖଣ୍ଡେ ଚାଲନ୍ତୁ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ ହସଖୁସିର ସମୟ ବିତାଇପାରନ୍ତି। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କୁମ୍ଭ:** ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ପିଲାମାନଙ୍କ କାର୍ଯ୍ୟ କଳାପରେ ଦିନଟି ଭଲରେ ବିତିବ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

# ଭିନ୍ନକ୍ଷମଙ୍କ ପ୍ରତିଭାର ଉପଯୋଗ ଲାଗି ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୩।୧୨(ସମିସ): ଭିନ୍ନକ୍ଷମମାନଙ୍କ ସମସ୍ୟା ଉପରେ ଆମ ସରକାର ସବୁବେଳେ ପ୍ରାଥମିକତା ଦେଉଛି। ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ଯତ୍ନ ପ୍ରଦାନ କରି ସାମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆମ ସରକାର ଗୁରୁତ୍ୱ ଦେଇ କାମ କରୁଛି ବୋଲି ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ତିନିଦିନିଆ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶାରୀରିକ କ୍ଷମତା ବା ଭିନ୍ନ-କ୍ଷମତା ପ୍ରତିଭାର ବିକାଶରେ କେବେ ବି ବାଧା ସୃଷ୍ଟି କରେ ନାହିଁ। ସମାଜର ସହଯୋଗ ଓ ପରିବାରର ପ୍ରେରଣା ଦ୍ୱାରା ଆଜି ଅନେକ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ କ୍ଷେତ୍ରରେ ସଫଳତା ପ୍ରଦର୍ଶନ କରି ଏହା ପ୍ରମାଣିତ କରିଛନ୍ତି। ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଦାୟିତ୍ୱ ନେବା ପରେ ଭିନ୍ନକ୍ଷମଙ୍କ ପାଇଁ ଦିବ୍ୟାଙ୍ଗ ଶବ୍ଦ ଆରମ୍ଭ କରିଥିଲେ। ଆମ ରାଜ୍ୟରେ ଅନେକ ଭିନ୍ନକ୍ଷମ ଯୁବକ ଯୁବତୀ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇ ଦକ୍ଷତାର ସହ କାମ କରୁଛନ୍ତି। ଭିନ୍ନକ୍ଷମମାନଙ୍କ



ପାଖରେ ଭରପୂର ପ୍ରତିଭା ରହିଛି। ନିଯୁକ୍ତିଦାତାମାନେ ସେମାନଙ୍କୁ ଉପଯୁକ୍ତ ସୁଯୋଗ ଦେବା ଆବଶ୍ୟକ। ଭିନ୍ନକ୍ଷମ ମାନେ କାହାର ଦୟା କିମ୍ବା ସମବେଦନା ଚାହାନ୍ତି ନାହିଁ। ସେମାନଙ୍କୁ ସମ୍ମାନର ସହିତ ଜୀବନ ନିର୍ବାହ କରିବାର ଅଧିକାର ଏବଂ ସେ ଅଧିକାର ପ୍ରଦାନ କରିବା ହେଉଛି ଆମର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଟି-୨୦ ଦୃଷ୍ଟିବାଧିତ ମହିଳା ବିଶ୍ୱକପ କ୍ରିକେଟର ୪ ଜଣ ଖେଳାଳିଙ୍କ ସମେତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ସମୁଦାୟ ୩୩ ଜଣ ଭିନ୍ନକ୍ଷମ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୃତୀ ବିଦ୍ୟାର୍ଥୀମାନଙ୍କୁ ଲାପଟପ୍ ବଣ୍ଟନର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଏହି ତିନିଦିନିଆ ଉତ୍ସବରେ ଆମର ଭିନ୍ନକ୍ଷମ ଭାଇ ଭଉଣୀମାନେ ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ଉତ୍ସାହର ସହ ପ୍ରଦର୍ଶିତ କରିଛନ୍ତି । ଭିନ୍ନକ୍ଷମ ଭାଇ ଭଉଣୀମାନଙ୍କୁ ସମସ୍ତ ସହଯୋଗ ଓ ସେବା ପ୍ରଦାନ ଜରିଆରେ ସମାଜରେ ସମ୍ମାନଜନକ ସ୍ଥାନରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍. ଏସ୍. ଗୋପାଳନ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱତନ୍ତ୍ର ସଚିବ ରଜନୀ ଦାନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ଟି ଶୀତଳ ଭଣ୍ଡାର ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ମଞ୍ଜୁରୀ

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟରେ ସମୁଦାୟ ୧୩୩ଟି ଶୀତଳ ଭଣ୍ଡାର ଥିବାବେଳେ ସେଥିମଧ୍ୟରୁ ମାତ୍ର ୩୫ଟି କାର୍ଯ୍ୟକ୍ଷମ ଅଛି। ବଳକା ୯୮ଟି ଅଚଳ ହୋଇ ପଡ଼ିଛି। ୩୫ଟି କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ମଧ୍ୟରୁ ୨ଟି ସରକାରୀ ଏବଂ ୩୩ଟି ବେସରକାରୀ ଶୀତଳ ଭଣ୍ଡାର ରହିଛି ବୋଲି ବୁଧବାର ବିଧାନସଭାରେ କୃଷି ବିଭାଗର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପକ୍ଷରୁ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପରୋକ୍ତ ସୂଚନା ପ୍ରଦାନ କରିଛନ୍ତି।

ବୁଧବାର ପ୍ରଶ୍ନକାଳରେ କଂଗ୍ରେସ ଦଳ ନେତା ରାମଚନ୍ଦ୍ର କାଡାମ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ପ୍ରଶ୍ନ କରିଥିଲେ। ସରକାର ସବୁ ସବଡିଭିଜନରେ ଗୋଟିଏ ଲେଖାଏଁ ମୋଟ ୫୧ଟି ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଘୋଷଣା କରିଥିଲେ। ଏହାର ସ୍ଥିତି ଏବେ କଣ। ସରକାର ସବୁ ଜିଲ୍ଲାରେ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନେବେ କି ବୋଲି ସେ ଜାଣିବାକୁ ଚାହିଁଥିଲେ।

ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଗତ ଜାନୁଆରୀ ମାସରୁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ରାଜ୍ୟର ସବୁ ଡିଭିଜନରେ ଗୋଟିଏ ଲେଖାଏଁ ଶୀତଳ ଭଣ୍ଡାର କରାଯିବ। ଆବଶ୍ୟକ ହେଲେ ବ୍ଲକରେ ମଧ୍ୟ ଶୀତଳ ଭଣ୍ଡାର ହେବ। ଏଥିପାଇଁ ଚଳିତ ବଜେଟରେ ୨୫୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ଯୋଜନା ଆସନ୍ତା ୨୦୨୯-୩୦ ଯାଏଁ ଜାରି ରହିବ। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ବେସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ଏସସି, ଏସଟି ବର୍ଗ ଓ ମହିଳାଙ୍କୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି। ଏ ବାବଦରେ ସେମାନଙ୍କୁ ୬.୫୦ କୋଟି ଟଙ୍କା ସବ୍‌ସିଡି ବାବଦରେ ଅର୍ଥ ଦିଆଯାଉଛି। ଅନ୍ୟ ବର୍ଗଙ୍କୁ ଏକ୍ଷେତ୍ରରେ ୬ କୋଟି ଟଙ୍କା ବ୍ୟବସ୍ଥା ରହିଛି। ସେହିପରି ବିଦ୍ୟୁତ୍ ବିଲ୍ ବାବଦରେ ମଧ୍ୟ ରାଜ୍ୟ ସରକାର ଯୋଜନା ଅଧୀନରେ ୫୦ ପ୍ରତିଶତ ରିଆତି ବ୍ୟବସ୍ଥା ରଖିଛନ୍ତି। ଅଚଳ ଶୀତଳ ଭଣ୍ଡାରକୁ ସଚଳ କରିବା ପାଇଁ ସରକାର ଷ୍ଟୋରେଜ ପିଛା ୧.୫ କୋଟି ଟଙ୍କା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ବେସରକାରୀ ସ୍ତରରେ ୧୫ଟି ଆବେଦନ କରାଯାଇଥିବା ବେଳେ ତନ୍ମଧ୍ୟରୁ ୫ଟିକୁ ମଞ୍ଜୁରୀ ମିଳିଛି। ବାକି ପ୍ରକ୍ରିୟା ମଧ୍ୟରେ ଅଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ।

ଅତିରିକ୍ତ ପ୍ରଶ୍ନକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ ଉଭୟ ସରକାରୀ ଏବଂ ବେସରକାରୀ ସ୍ତରରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଦାବି କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ବିଧାୟକମାନେ ନିଜ ନିଜ ଅଞ୍ଚଳର ଉଦ୍ୟୋଗୀମାନଙ୍କୁ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ଉତ୍ସାହିତ କରନ୍ତୁ। ବିଧାୟକଙ୍କ ସୁପାରିସକୁ ସରକାର ସର୍ବାଧିକ ପ୍ରାଥମିକତା ଦେବେ। ସେହିପରି ଅଚଳ ସରକାରୀ ଶୀତଳଭଣ୍ଡାରକୁ ସଚଳ କରିବା ପାଇଁ ବିଧାୟକମାନେ କରିଥିବା ଦାବିକୁ ସରକାର ବିଚାରକୁ ନେବେ ବୋଲି ସେ ଗୃହରେ ଅବଗତ କରିଥିଲେ।

■ ଏସ୍‌ଆଇ ଚାକିରି ବିକ୍ରି ମାମଲା

# ସିଲିକନ ଟେକ୍ କଳାତାଲିକା ଭୁକ୍ତ

ଭୁବନେଶ୍ୱର,୩।୧୨(ସମିସ): ପୁଲିସ ଏସଆଇ ଚାକିରି ବିକ୍ରି ମାମଲାରେ ଠିକାସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସରକାର। ଅନିୟମିତତାରେ ସମ୍ପୃକ୍ତି ସାମ୍ନାକୁ ଆସିବା ପରେ ରାଜ୍ୟ ଆଇଟି ବିଭାଗ ସିଲିକନ ଟେକ୍‌କୁ କଳାତାଲିକାଭୁକ୍ତ କରିଛି। ଏହାସହ ସିଲିଟନ ଟେକ୍ ସହ ସମସ୍ତ ଚୁକ୍ତି ବାତିଲ ହୋଇଛି। ଏହି କେଳେଙ୍କାରୀ ମାମଲାରେ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସିଲିକନ୍ ସିଇଓ ସୁରେଶ ନାୟକଙ୍କୁ ଗିରଫ କରାଯାଇଥିଲା। ଏହା ସହ ସୁରେଶଙ୍କୁ ମାଷ୍ଟର ମାଇଣ୍ଡ ବୋଲି ଦର୍ଶାଇଥିଲା। ସୁରେଶଙ୍କ ଦାୟୀତ୍ୱରେ ପ୍ରଶ୍ନପତ୍ର ପରିବହନ, ମୁଦ୍ରଣ ଦାୟୀତ୍ୱ ଥିବା ଦର୍ଶାଇଥିଲା। ଅନ୍ୟପକ୍ଷରେ ସୁରେଶ ମଧ୍ୟ ଶଙ୍କରଙ୍କୁ ପ୍ରୋତ୍ସାହନ ଦେଉଥିଲେ। ପୁଲିସ ପାଖରୁ ବଞ୍ଚିବାକୁ ସେ ତାଙ୍କୁ ନିଜ ସେଫ୍ ହାଉସ୍‌ରେ ରଖୁଥିଲେ। ସୁରେଶଙ୍କ ଇଶାରାରେ ଶଙ୍କର ବାରମ୍ବାର ତାଙ୍କ ଲୋକେସନ୍ ବଦଳାଥଇ ପୁଲିସକୁ ଚକମା ଦେଉଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଦର୍ଶାଯାଇଥିଲା। ସୂଚନାଯୋଗ୍ୟ ଏସ୍‌ଆଇ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଓପିଆର୍‌ବି ଏକ ସରକାରୀ ସଂସ୍ଥା ଆଇଟିଆଇକୁ ପରୀକ୍ଷା ପରିଚାଳନା ଦାୟୀତ୍ୱ ଦେଇଥିଲା। ଆଇଟିଆଇ ଏହି ଦାୟିତ୍ୱ ସିଲିକନ୍‌କୁ ଦେଇଥିଲା। ପରେ ସିଲିକନ୍ ପରୀକ୍ଷା ପରିଚାଳନାରେ ପଞ୍ଚସଫ୍‌ଟ୍‌ର ସହଯୋଗ ନେଇ ଚାକିରି ବିକ୍ରି କରିଥିଲା।

ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ବିଲ୍ ପାସ୍

# ୧୦ ଘଣ୍ଟାକୁ ବଢ଼ିଲା କର୍ମଚାରୀଙ୍କ କାର୍ଯ୍ୟ ଅବଧି

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟରେ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଏଣିକି କର୍ମଚାରୀମାନଙ୍କ କାର୍ଯ୍ୟ ଅବଧି ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଏହାସହିତ କର୍ମଚାରୀମାନଙ୍କ ପାଇଁ ରହିଥିବା ଓଭରଟାଇମ୍ ନିୟମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। କର୍ମଚାରୀମାନେ ଏଣିକି ୩ ମାସରେ ୫୦ ଘଣ୍ଟା ପରିବର୍ତ୍ତେ ୧୪୪ ଘଣ୍ଟା ଓଭରଟାଇମ୍ କରିବେ। ବୁଧବାର ରାଜ୍ୟ ବିଧାନସଭାରେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍, ୨୦୨ ପାରିତ ହେବା ପରେ ଏଭଳି ନିୟମ ଲାଗୁ ପାଇଁ ବାଟ ଫିଟିଛି। ଏହି ନିୟମ ସହିତ ଅନ୍ୟ କେତେକ ନିୟମରେ ମଧ୍ୟ ପରିବର୍ତ୍ତନ ଆସିଛି। ପୂର୍ବରୁ ଏକ ପ୍ରତିଷ୍ଠାନରେ ଜଣେ କର୍ମଚାରୀଙ୍କ ପାଇଁ ୫ ଘଣ୍ଟା କାର୍ଯ୍ୟ ଅବଧି ପରେ ଅଧ ଘଣ୍ଟାର ବିଶ୍ରାମ ମିଳୁଥିଲା। ହେଲେ ଏହାକୁ ନିରନ୍ତର ୬ ଘଣ୍ଟା କାର୍ଯ୍ୟ ଅବଧିକୁ ବଢ଼ାଇ ଦିଆଯାଇଛି। ଏହା ବ୍ୟତୀତ ମହିଳାମାନଙ୍କଠାରୁ ଲିଖିତ ଅନୁମତି ସହ ସେମାନଙ୍କୁ ରାତିରେ କାମ କରିବା ପାଇଁ ବିଲ୍‌ରେ ବ୍ୟବସ୍ଥା କରାଯାଇଛି। ଏହି ବିଲ୍‌ରେ ଅନ୍ୟ ଏକ ପରିବର୍ତ୍ତନ ସ୍ୱରୂପ ୨୦ ଜଣ କର୍ମଚାରୀଙ୍କ ପର୍ଯ୍ୟନ୍ତ ନିଯୁକ୍ତି ଦେଇଥିବା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ୍ ପ୍ରୟୋଗରୁ ବାଦ୍ ଦିଆଯାଇଛି। ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ଏହି ବିଲ୍ ଆଗତ ହେବା ପରେ ବିରୋଧୀ ବିଜେଡି ଏହାକୁ ତୀବ୍ର ବିରୋଧ କରିଛି। ବିଲ୍‌ରେ ରହିଥିବା କିଛି ସଂଶୋଧନ ରାଜ୍ୟରେ ଶ୍ରମିକ

■ ରାତିରେ ବି କାମ କରିପାରିବେ ମହିଳା କର୍ମଚାରୀ
■ ୨୦ରୁ କମ୍ ଶ୍ରମିକ ଥିଲେ ଲାଗୁ ହେବନି ନିୟମ

ମାନଙ୍କୁ ଶୋଷଣ କରିବ ବୋଲି ବିରୋଧୀ କହିଛନ୍ତି। ଏଥିପାଇଁ ବିଲ୍ ସିଲେକ୍ଟ କମିଟିକୁ ପଠାଯିବାକୁ ଦାବି ହୋଇଥିଲେ ମଧ୍ୟ ବାଚସ୍ପତି ଏହି ବିଲ୍‌କୁ ପାରିତ କରିଛନ୍ତି।

ବିଲ୍‌କୁ ବିଜେଡି ତୀବ୍ର ବିରୋଧ କରିଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଶ୍ରମିକମାରଣ ବୋଲି କହିଛନ୍ତି। ଏହି ବିଲ୍ ପାରିତ ହେବାଦ୍ୱାରା ଶ୍ରମିକଙ୍କ ସୁରକ୍ଷା ଦୁର୍ବଳ ହେବ। ୨୦ ଶ୍ରମିକରୁ କମ୍ ଶ୍ରମିକ ଥିବା ସଂସ୍ଥାଗୁଡ଼ିକ କର୍ମଚାରୀଙ୍କୁ କିଏ ସୁରକ୍ଷା ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କାର୍ଯ୍ୟ ଅବଧି ୯ ଘଣ୍ଟା ବଦଳରେ ୧୦ ଘଣ୍ଟା କରାଯିବା ଶ୍ରମିକଙ୍କ ସ୍ୱାର୍ଥ ନୁହଁ ବରଂ ଏହା ପୁଞ୍ଜିପତିଙ୍କ ସ୍ୱାର୍ଥ ପୂରଣ କରିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ବିଧାୟକ ଗଣେଶ୍ୱର ବେହେରା, ସାରଦା ପ୍ରସନ୍ନ ଜେନା ଓ ଧ୍ରୁବ ସାହୁ ପ୍ରମୁଖ ବିରୋଧ କରିଥିବା ବେଳେ ଶାସକ ଦଳ ପକ୍ଷରୁ ବିଧାୟକ ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ସ୍ୱାଇଁ ଓ ଜୟ ଢୋଲକିଆ ପ୍ରମୁଖ ସପକ୍ଷରେ ଯୁକ୍ତି ରଖିଥିଲେ। ଶେଷରେ ବିଭାଗୀୟ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ବିଲ ରାଜ୍ୟରେ ବ୍ୟବସାୟ କରିବାକୁ ସହଜତାକୁ ପ୍ରୋତ୍ସାହିତ କରିବ ବୋଲି କହିଛନ୍ତି। ଏହି ବିଲ ରାଜ୍ୟରେ ସାମଗ୍ରିକ ଉତ୍ପାଦତା ବୃଦ୍ଧି କରିବ, ବିଶେଷ କରି ମହିଳା କର୍ମଚାରୀଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୧୯ରୁ କମ୍ କର୍ମଚାରୀ ଥିବା ସଂସ୍ଥାଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ ପାଇଁ ରାଜ୍ୟର ଅନେକ ଆଇନ୍ ରହିଛି। ସେମାନଙ୍କୁ ମଧ୍ୟ ସଠିକ୍ ସୁରକ୍ଷା ମିଳିବ। ଏହି ବିଲ୍‌ରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଓଡ଼ିଆ ଭାଷାରେ ନାମଫଳକ ଲଗାଇବାକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

■ ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

# ଶିକ୍ଷା କର୍ମଚାରୀ ସଂଘଙ୍କ ଦାବି ଅନୁଧ୍ୟାନ କରିବାକୁ କମିଟି ଗଠନ

ଭୁବନେଶ୍ୱର,୩।୧୨(ସମିସ): ରାଜ୍ୟର ଶିକ୍ଷାନୁଷ୍ଠାନ ଗୁଡ଼ିକର କର୍ମଚାରୀ ସଂଘଙ୍କ ଦାବିର ଅନୁଶୀଳନ କରିବେ ସରକାର। ସେମାନଙ୍କ ଦାବି ଅନୁଶୀଳନ ପାଇଁ ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗ ଅଧିନରେ ବିଭିନ୍ନ ପ୍ରକାର ସରକାରୀ ଏବଂ ଅନୁଦାନପ୍ରାପ୍ତ ଓ ଅଣ-ଅନୁଦାନପ୍ରାପ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ରହିଛି। ଏହି ଶିକ୍ଷାନୁଷ୍ଠାନ ଗୁଡିକର ବିଭିନ୍ନ ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀ ସଂଘ

■ ପୂର୍ବତନ ଆଇଏଏସ୍ ଅଶୋକ ତ୍ରିପାଠୀ କମିଟି ଅଧ୍ୟକ୍ଷ ନିଯୁକ୍ତ
■ ୬ ମାସରେ ସରକାରଙ୍କୁ ଅନୁଶୀଳନ ରିପୋର୍ଟ ଦେବ କମିଟି

ସେମାନଙ୍କର ବିଭିନ୍ନ ପ୍ରକାରର ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିଆସୁଛନ୍ତି। ସେମାନଙ୍କର ଏହି ଦାବି ଉପରେ ବିଭିନ୍ନ ସମୟରେ ଆଲୋଚନା ମଧ୍ୟ କରାଯାଇଛି। ଏହାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରି ଶିକ୍ଷକ, ଅଧ୍ୟାପକ ଏବଂ କର୍ମଚାରୀମାନଙ୍କର ଦାବି ସମୂହର ଅନୁଶୀଳନ ନିମନ୍ତେ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କମିଟି ୬ ମାସ ମଧ୍ୟରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

ଚାଲିଥିଲା ଆନ୍ତଃରାଜ୍ୟ ହାତୀ ଦାନ୍ତ କାରବାର; ଜଗିଥିଲା ବନ ବିଭାଗର ସ୍ୱତନ୍ତ୍ର ଟିମ୍

# ୩ ଚୋରା ବେପାରୀ ଗିରଫ, ୧୫ କିଲୋ ଓଜନର ୩ଟି ହାତୀ ଦାନ୍ତ ଜବତ

କେନ୍ଦୁଝର/ଚମ୍ପୁଆ/ତୁରୁମୁଙ୍ଗା, ୩।୧୨(ସମିସ): ଚାଲିଥିଲା ହାତୀ ଦାନ୍ତର ବେଆଇନ କାରବାର। ମାଡ଼ିବସିଲା ବନ ବିଭାଗର ସ୍ୱତନ୍ତ୍ର ଚଢ଼ଉ ଟିମ୍। ଚଢ଼ଉରେ ୧୫ କିଗ୍ରା ଓଜନର ହାତୀ ଦାନ୍ତ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରିବାରେ ବନ ବିଭାଗ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ତିନି ଜଣ ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର କୈଳାସ ତିରିୟା, ଝାଡ଼ଖଣ୍ଡ ରାଜ୍ୟର ଗୁରୁଚରଣ କେରାଇ ଏବଂ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅନ୍ତର୍ଗତ ବଳଭଦ୍ରପୁର ଗାଁର ମିଶ୍ର ମୁଣ୍ଡା।



ସୂଚନା ଅନୁସାରେ, ଅବୈଧ ବନ୍ୟଜୀବ ବ୍ୟବସାୟ ବିରୋଧରେ ଜେଟିଏଫ୍ (ପିସିସିଏଫ୍, ବନ୍ୟଜନ୍ତୁ) ପକ୍ଷରୁ ଏକ ବିଶ୍ୱସ୍ତ ସୂଚନା ରହିଥିଲା। ଏହି ଆଧାରରେ କେନ୍ଦୁଝର ଡିଏଫଓ ଏର୍‌ଡି ଧନରାଜଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ଏକ ଘରୁ ଉକ୍ତ ଚଢ଼ଉ ଦଳ ୧୫ କି.ଗ୍ରା ଓଜନର ହାତୀ ଦାନ୍ତକୁ ଜବତ କରିଥିଲେ। ଯାଞ୍ଚ ବେଳେ ସମ୍ପୃକ୍ତ ୩ ଜଣ ଆନ୍ତରାଜ୍ୟ ହାତୀ ଦାନ୍ତ ବେପାରୀଙ୍କୁ ମଧ୍ୟ ବନ ବିଭାଗ କାବୁ କରି ନେଇଛି। ଚମ୍ପୁଆ ବନବିଭାଗ କାର୍ଯ୍ୟାଳୟରେ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଡିଏଫଓ ଏହି ସୂଚନା ଦେଇଛନ୍ତି। ଏସିଏଫ୍ ଅଶୋକ ଦାସ, ଅକ୍ଷୟ ଛତ୍ରିଆ, ବଡ଼ବିଲ ରେଞ୍ଜର ସଞ୍ଜୀବ ରାଉତଙ୍କ ସମେତ କେନ୍ଦୁଝର ଓ ଶୁଆକାଟିର ବନାଞ୍ଚଳ ଅଧିକାରୀମାନେ ଉପସ୍ଥିତ ଥିଲେ। ବନ ବିଭାଗର ଯୁଗ୍ମ ଟାସ୍କଫୋର୍ସ, ସ୍ଥାନୀୟ ପୁଲିସ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ବଳରେ ଏହି କାରବାରକୁ ପର୍ଦ୍ଦାଫାସ କରାଯାଇଛି। ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ରାମଲା ଫଗୁ ପୋଲ ନିକଟବର୍ତ୍ତୀ ରାମକୃଷ୍ଣ ହେସାଙ୍କ ଘରେ ପୂଜା ପାଠ ଆଳରେ ହାତୀ ଦାନ୍ତ ବିକ୍ରି ପାଇଁ ଯୋଜନା ଚାଲିଥିଲା। ଏ ସମ୍ପର୍କରେ ଓଆର୍ ମାମଲା ନମ୍ବର ୧୨ ସିଏଚ୍/୨୦୨୫-୨୬ ଏବଂ ବନ୍ୟଜୀବ ସୁରକ୍ଷା ଅଧିନିୟମ ୧୯୭୨ର ଧାରା ୯,୩୯(୩) ଏବଂ ୪୯ (ଖ) ଅନୁଯାୟୀ ଏକ ମାମଲା ପଞ୍ଜିକୃତ କରାଯାଇଛି। ଚଢ଼ଉ ସମୟରେ ସେମାନଙ୍କଠାରୁ ୧୫ କି.ଗ୍ରା ଓଜନର ୨ଟି ହାତୀ ଦାନ୍ତ, ୩ଟି ମୋବାଇଲ, ୨ଟି ମଟର ସାଇକଲ ଓ ୧ଟି ସ୍କୁଟି ଜବତ କରାଯାଇଛି। ପୁଲିସ ସହାୟତାରେ ବନ ବିଭାଗ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।


# ଶିମିଳିପାଳରେ କଳା ବାଘ ବଂଶବୃଦ୍ଧି

ବାରିପଦା,୩।୧୨(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ ଜୈବ ମଣ୍ଡଳ ଭାବେ ପ୍ରସିଦ୍ଧିଲାଭ କରିଥିବା ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ମେଲାନାଷ୍ଟିକ୍ କଳା ବାଘଙ୍କ ବଂଶବୃଦ୍ଧି ପାଇବାରେ ଲାଗିଛି। କଳା ବାଘ ବିଚରଣ କରୁଥିବାର

ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଭିଡିଓ ପୁଣି ସମ୍ମୁଖକୁ ଆସିଛି। ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ପର୍ଯ୍ୟଟକ ଉକ୍ତ କଳାବାଘକୁ ଦେଖିଥିବାବେଳେ ଭିଡିଓ ଉତ୍ତୋଳନ କରିଥିଲେ। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯାହାକି ଶିମିଳିପାଳରେ କଳା ବାଘଙ୍କ ଉପସ୍ଥିତି ସହ ତାଙ୍କ ବଂଶବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବିରଳ ମେଲାନିଷ୍ଟ ପ୍ରଜାତିର କଳାବାଘ ଚିତ୍ର ଅତ୍ୟନ୍ତ ମନୋରମ ରହିଛି। ଏହାକୁ ନେଇ ବନ୍ୟଜନ୍ତୁ ପ୍ରେମୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ଗତ କିଛିଦିନ ପୂର୍ବେ ବାଘ ଛୁଆ ବିଚରଣ କରୁଥିବାର ଭିଡିଓ ପୂର୍ବତନ ପିସିସିଏଫ୍ ସୋସିଆଲ ମିଡିଆରେ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବା ପରେ



କାଠ ମାଫିଆ ଓ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଯୁଗ୍ମ ଟାସ୍କଫୋର୍ସ, ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଯାହା ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘମାନେ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ସମଗ୍ର ଭାରତର ସମସ୍ତ କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୂର୍ବରୁ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି ପୂର୍ବରୁ ଏନ୍‌ଟିସିଏ ଘୋଷଣା କରିସାରିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବାବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

ଯବାନ-ପୁଲିସ ଗୁଳି ବିନିମୟ

# ୩ ଯବାନ ସହିଦ , ୧୨ ମାଓବାଦୀ ନିହତ

ମାଲକାନଗିରି, ୩।୧୨(ସମିସ): ଛତିଶଗଡ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ମାଓ କମିଟି ପକ୍ଷରୁ ଅସ୍ତ୍ର ତ୍ୟାଗ ସହ ପିଏଲଜିଏ ସପ୍ତାହ ପାଳିବୁ ନାହିଁ, ଖୁବ୍‌ଶୀଘ୍ର ମାଓବାଦୀମାନେ ଆତ୍ମସମର୍ପଣ କରିବେ ବୋଲି କିଛିଦିନ ପୂର୍ବେ ଏକ ଅଡିଓ ଟେପ୍‌ରେ ପ୍ରକାଶ କରିଥିଲେ। କିନ୍ତୁ କିଛି ମାଓବାଦୀଙ୍କ ଆତ୍ମସମର୍ପଣ ପରେ ପୁଣି ମାଓବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଘଟିଛି। ଏହି ଗୁଳିମାଡ଼ରେ ୩ ଜଣ ଯବାନ ସହିଦ ହୋଇଥିବା ବେଳେ ୧୨ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ ମାଓ ପ୍ରଭାବିତ ବିଜାପୁର ଜିଲ୍ଲାର ଘଞ୍ଚ ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା



ଖବର ପାଇ ଯବାନମାନେ ତଲାସୀ ଅଭିଯାନରେ ବାହାରିଥିଲେ। ଯବାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଉଭୟ ପକ୍ଷରୁ ଗୁଳି ବିନିମୟ ଜାରି ରହିଥିବା ବେଳେ ମାଓବାଦୀଙ୍କ ଗୁଳିମାରେ ୩ ଜଣ ଯବାନ ସହିଦ ହୋଇଥିବା କୁହାଯାଉଛି। ସେହିପରି ଘଟଣା ସ୍ଥଳରୁ ୧୨ ଜଣ ମାଓବାଦୀଙ୍କ ମର ଶରୀର, ଏସ୍‌ଏଲଆର ବନ୍ଧୁକ, ଇନ୍ସାସ ରାଇଫଲ, ଅନ୍ୟ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏବେ ମଧ୍ୟ ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡିଛି।

ବସ୍ତର ଆଇଜି ସୁନ୍ଦରରାଜ ପି ସୂଚନା ଦେଇଛନ୍ତି, ଏହି ଅଭିଯାନରେ ଡିଆରଜି, ଏସ୍‌ଟିଏଫ୍, ସିଆରପିଏଫ୍ ଏବଂ କୋବ୍ରା ବାହିନୀର ମିଳିତ ଦଳ ସାମିଲ ହୋଇଛନ୍ତି। ପଶ୍ଚିମ ବସ୍ତର ମାଓ ଡିଭିଜନର ମାଓବାଦୀ ସେଠାରେ ରହିଛନ୍ତି। ଜଣେ ଯବାନ ଆହତ ହୋଇଥିବା ଓ ୩ ଯବାନ ସହିଦ ହୋଇଛନ୍ତି। ଯବାନମାନେ ତଲାସୀ ଅଭିଯାନରୁ ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

■ ପୁଲିସ ଏସ୍‌ଆଇ ପରୀକ୍ଷା ଅନିୟମିତତା ମାମଲା

# ୨ ଦିନିଆ ରିମାଣ୍ଡ ଶେଷ; ଜେଲ୍ ଗଲେ ଅରବିନ୍ଦ

ଭୁବନେଶ୍ୱର, ୩।୧୨(ସମିସ): ପୁଲିସ୍ ସବ୍ ଇନ୍ସପେକ୍ଟର ପରୀକ୍ଷା ଅନିୟମିତତା ମାମଲାରେ ଛନ୍ଦି ହୋଇଥିବା ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିଙ୍କ ବରିଷ୍ଠ ସହଯୋଗୀ ତଥା କ୍ରାଇମ୍ ସିଣ୍ଡିକେଟ୍‌ର ଉତ୍ତର ଓଡ଼ିଶା ମୁଖ୍ୟ ଅରବିନ୍ଦ ଦାସଙ୍କ ୨ ଦିନିଆ ସିବିଆଇ ରିମାଣ୍ଡ ଶେଷ ହୋଇଛି। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ କୋର୍ଟଙ୍କ ନିର୍ଦ୍ଦେଶ ପରେ ଝାରପଡା ଜେଲକୁ ପଠାଇ ଦିଆଯାଇଛି।

ସିବିଆଇ ରିମାଣ୍ଡରେ ଥିଲା ବେଳେ ସେ ସିବିଆଇକୁ ଏସ୍‌ଆଇ ଚାକିରି ବିକ୍ରି ସମ୍ପର୍କରେ ବହୁ ତଥ୍ୟ ଦେଇଛନ୍ତି। ଉତ୍ତର ଓଡ଼ିଶାରେ ଜବ୍ ସ୍କାମ୍‌ର ନେଟ୍‌ୱାର୍କ କିପରି ଅପରେଟ୍ କରେ। ତାଙ୍କ ସହ କେଉଁମାନେ ଯୋଗାଯୋଗରେ ଥିଲେ। ସେ ଶଙ୍କର ପୃଷ୍ଟିଙ୍କୁ କିଭଳି ଟଙ୍କା ଦେଉଥିଲେ। ଶଙ୍କର କିଭଳି ଅପରେଟ୍ କରୁଥିଲେ। ଏସବୁର ଗୁମର ଖୋଲିଥିବା ନେଇ ସିବିଆଇର ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

# ମାଧୁରୀ ଦୀକ୍ଷିତଙ୍କ ଶାଢ଼ୀ ପିନ୍ଧା ଖର୍ଚ୍ଚ ୧.୬ କୋଟି

ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଶା ହସ୍ତତନ୍ତର ଚାହିଦା ସାରା ବିଶ୍ୱରେ ରହିଛି। ସମ୍ବଲପୁରୀ ବାନ୍ଧ, ବରଗଡ଼ ଓ ବ୍ରହ୍ମପୁରୀ ପାଟ ସାଙ୍ଗକୁ ମାଣିଆବନ୍ଧ ପାଟବସ୍ତ୍ରକୁ ଲୋକେ ଅନଲାଇନରେ ଖୋଜିଖୋଜି କିଣୁଛନ୍ତି । ସାରା ଦେଶରେ ଶ୍ରେଷ୍ଠ ୫ଟି ହସ୍ତତନ୍ତ ଶାଢ଼ୀ ବା ସାମଗ୍ରୀ ସୂଚୀରେ ଓଡ଼ିଶାର ହସ୍ତତନ୍ତ ରହିଛି । ଏହାକୁ ଆହୁରି ଅଧିକ ପ୍ରଚାର କରିବାକୁ ରାଜ୍ୟ ସରକାରଙ୍କ ବୟନ ଶିଳ୍ପ ବିଭାଗ ବଲିଉଡ଼ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ ଦେଇଛ ୧.୬ କୋଟି ଟଙ୍କା। ଓଡ଼ିଶାକୁ ମାଧୁରୀ ଓ ତାଙ୍କ ସହାୟକମାନଙ୍କ ଯିବା ଆସିବା ନିମନ୍ତେ ବିମାନ ଖର୍ଚ୍ଚ, ତାରକା ହୋଟେଲରେ ରହିବା, ଖାଇବା ପିଇବା ଖର୍ଚ୍ଚ ମଧ୍ୟ ବିଭାଗ ବହନ

■ ବିମାନ ଭଡ଼ା, ରହିବା ଓ ଖାଇବା ଖର୍ଚ୍ଚ ଅଲଗା
■ ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

କରିଛି। ମୋଟାମୋଟି ଦେଖିଲେ ମୋଟାମୋଟି ଖର୍ଚ୍ଚ ୨ କୋଟି ଟପିବ। ପୂର୍ବରୁ ଓଡ଼ିଆ ଅଭିନେତ୍ରୀମାନେ ଓଡ଼ିଶା ହସ୍ତତନ୍ତର ବିଜ୍ଞାପନ କରୁଥିଲେ। ମାତ୍ର ଏବେ ମାଧୁରୀ ଦୀକ୍ଷିତଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦିଆଯାଇଛି ଏବଂ ଓଡ଼ିଆ ହସ୍ତତନ୍ତ ଶାଢ଼ୀ ପିନ୍ଧିବାକୁ ତାଙ୍କୁ ୧.୬ କୋଟି ଟଙ୍କା ସହ ତାଙ୍କ ପାଇଁ ଅନ୍ୟାନ୍ୟ ବ୍ୟଞ୍ଚ ମଧ୍ୟ ହସତନ୍ତ ଓ ହସ୍ତଶିଳ୍ପ ବିଭାଗକୁ ବହନ କରିବାକୁ ପଡ଼ିଛି।

ଅତୀତରେ ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲ, ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ପିନ୍ଧୁଥିଲେ, ତାହାକୁ ଆଦର କରୁଥିଲେ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓଡ଼ିଶା ହସ୍ତତନ୍ତ ଶାଢ଼ୀ ପିନ୍ଧି ବଜେଟ୍ ଆଗତ କରିଥିବା ଦେଖାଯାଇଛି। ସୋନପୁରର ପ୍ରସିଦ୍ଧ ହସ୍ତତନ୍ତ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଆ ବର୍ଣ୍ଣମାଳା ଲିଖିତ ଶାଢ଼ୀକୁ ଅଭିନେତ୍ରୀ ବିଦ୍ୟାବାଲାନ୍ ପିନ୍ଧି ଶକୁନ୍ତଳା ଦେବୀଙ୍କ ଚରିତ୍ରରେ ଅଭିନୟ କରି ବିନାମୂଲ୍ୟରେ ଓଡ଼ିଆ ହସ୍ତତନ୍ତର ପ୍ରଚାର ପ୍ରସାର କରିଛନ୍ତି। ମାତ୍ର ଏବେ ମାଧୁରୀ ଓଡ଼ିଆ ହସ୍ତତନ୍ତକୁ ପ୍ରଚାର କରିବା ଦ୍ୱାରା ଆଗାମୀ ଦିନରେ ଓଡ଼ିଶାର ହସ୍ତତନ୍ତ ଶାଢ଼ୀ ଓ ସାମଗ୍ରୀ ବହୁଗୁଣ ବୃଦ୍ଧି ପାଇବ ବୋଲି ବିଭାଗ ଆଶା ରଖିଛି ଓ ରାଜକୋଷରୁ ପାଖାପାଖି ୨ କୋଟି ଟଙ୍କା ବ୍ୟୟ କରାଯାଇଛି। ଆଜି ବିଧାନସଭାରେ ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନରେ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ, ମାଧୁରୀଙ୍କୁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସଡ଼ାର ନିଯୁକ୍ତି ଦ୍ୱାରା ଓଡ଼ିଶା ବୁଣାକାର ମାନଙ୍କର



ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ କଳା ଓ ସୁନାମ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚା ଯାଇପାରିବ ଏବଂ ଓଡିଶାର ବୁଣାକାର ମାନଙ୍କର ସାମାଜିକ ଓ ଆର୍ଥିକ ମାନଦଣ୍ଡରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିବ। ଏହି ନିଯୁକ୍ତି ପାଇଁ ମାଧୁରୀଙ୍କୁ ରାଜ୍ୟ ରାଜକୋଷରୁ ୧କୋଟି ୬୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିମାନ ଯାତାୟତ ସହ ରହିବା ଓ ଖାଇବା ଖର୍ଚ୍ଚ ବାବଦରେ ଅଲଗା ବ୍ୟୟ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ମାଧୁରୀ ଦୀକ୍ଷିତ ଆମ ଓଡ଼ିଆ ହସ୍ତତନ୍ତର କ'ଣ ପ୍ରଚାର ପ୍ରସାର କରିଛନ୍ତି ଓ ଏହାପରେ ଓଡ଼ିଶାରେ ଏହାର ପ୍ରଭାବ କେତେ ପଡ଼ିଛି ତାହାର ତର୍ଜମା କରିବାକୁ ପ୍ରସ୍ତାବ ଦେଇଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ଏହା ସହିତ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର ଏହି ପଦକ୍ଷେପ ଦ୍ୱାରା ବିକ୍ରିବଟା କେତେ ପରିମାଣରେ ବଢ଼ିଛି ଓ ବୁଣାକାର କେତେ ଲାଭବାନ ହୋଇଛନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରିବା ଆବଶ୍ୟକ ବୋଲି ଶ୍ରୀ ସାହୁ ଦାବି କରିଛନ୍ତି ।

## ତିଗିରିଆରେ କୃଷିଭିତ୍ତିକ ଶ୍ରମିକ ସଙ୍କଟ; ଚିନ୍ତାରେ ଚାଷୀ

# ବିଲରେ ଶୋଇଛି ହେକ୍ଟର ହେକ୍ଟର ସୁନାର ଫସଲ



**ତିଗିରିଆ,୩।୧୨(ସମିସ):** ତିଗିରିଆ ବ୍ଲକର ମୋଟ ୫୦ଟି ରାଜସ୍ୱ ଗ୍ରାମରେ ଥିବା ହଜାର ହଜାର ହେକ୍ଟର ଚାଷଜମିରେ ଏବେ ସୁନାର ଫସଲ ଧାନ ଲହଡି ଭାଙ୍ଗୁଛି। ସାମୁଦ୍ରିକ ବାତ୍ୟା ମୋନ୍ଥା ପ୍ରଭାବରେ ବହୁ ପରିମାଣର ଜମିରେ ପାଚିଲା ଗଛ ବିଲରେ ଶୋଇପଡିଛନ୍ତି। ସମ୍ପ୍ରତି ତିଗିରିଆ ବ୍ଲକର କୃଷିକ୍ଷେତ୍ରରେ କାର୍ଯ୍ୟ କରିବାକୁ କୃଷିଭିତ୍ତିକ ଶ୍ରମିକ ମିଳିବା ଏକ ବଡ ସଙ୍କଟ ପାଲଟିଛି। ପବନ ମାଡ ସହ ପାଚିଲା ଧାନକୁ କାଟି ଅମଳ କରିବା ଏବେ ଚାଷୀମାନଙ୍କ ଚିନ୍ତାର କାରଣ ପାଲଟିଛି। ସରକାରୀ ନଥିପତ୍ରରେ ହଜାର ହଜାର ଶ୍ରମିକ କାମ ନ ପାଇ ଘରେ ବସିରହିଥିବା ବେଳେ ଚାଷୀ ନିଜର ମୁଣ୍ଡ ଝାଳ ତୁଣ୍ଡରେ ମାରି ନିଜ କ୍ଷେତବାଡିରେ ଚାଷ କରିଥିବା ସୁନାର ଫସଲକୁ କାଟିବା ପାଇଁ ଶ୍ରମିକ ପାଉ ନ ଥିବା ବେଳେ ଧାନ ଅମଳ ପାଇଁ ଅତ୍ୟାଧୁନିକ ହାର୍ଭେଷ୍ଟର ମେସିନ ମଧ୍ୟ ପାଉନାହାଁନ୍ତି। ଏପରି ପରିସ୍ଥିତିରେ ପାଚିଲା ଧାନ ସବୁ ବିଲରେ ପଡି ନଷ୍ଟ ହେବାକୁ ବସିଲାଣି। ସୂଚନା ମୁତାବକ ଚଳିତ ବର୍ଷ ତିଗିରିଆ ବ୍ଲକ ଅଧିନ ଅଚଳକୋଟ, ଭିରୁଡା, ପାଞ୍ଚଗାଁ, ସୋମପଡା, ନିଜିଗଡ, ପୁରୁଣା ତିଗିରିଆ, ବିନ୍ଧାଣିମା, ବାଲିପୁଟ, ଡନାଉପୁଟ, ହାଟମାଳ, ଗଦାଧରପୁର, ଜେମାଦେଇପୁର, ଭୋଗରା ଓ ନୂଆପାଟଣା ଆଦି ପଞ୍ଚାୟତ ଅଧିନ ୫୦ଟି ରାଜସ୍ୱ ଗ୍ରାମରେ ଭଲ ଧାନ ଫସଲ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ ଚଳିତ ବର୍ଷ କୃଷି ପ୍ରଧାନ ତିଗିରିଆ ବ୍ଲକର ମୋଟ ୫୦ଟି ରାଜସ୍ୱ ମୌଜାର ୪୩୫୯ ହେକ୍ଟର ଚାଷଜମିରେ ଧାନଫସଲ ଲଗାଯାଇଛି। ନଭେମ୍ବର ମାସ ପ୍ରଥମ ସପ୍ତାହରୁ ବ୍ଲକର ବିଭିନ୍ନ ଅଞ୍ଚଳରେ ଲଗାଯାଇଥିବା ଅପେକ୍ଷାକୃତ ସଅଳ କିଶମର ଧାନ କଟା ସରି ପ୍ରାୟତଃ ଅମଳ କାର୍ଯ୍ୟ ସରିଯାଇଛି ଓ ବର୍ତ୍ତମାନ ବଡଧାନ କାଟି ଅମଳ କରିବାର ସମୟ ଆସିଛି। ସଂପ୍ରତି ଏହି ଅଞ୍ଚଳର ୯୦ ପ୍ରତିଶତ ଧାନ କଟାହେବା ଅପେକ୍ଷାରେ ଥିବା ବେଳେ କୃଷିକ୍ଷେତ୍ରରୁ ଧାନକୁ କାଟି ଏହାର ଅମଳ କାର୍ଯ୍ୟ ସମ୍ପାଦିତ କରିବା ପାଇଁ ଉଭୟ କୃଷିଭିତ୍ତିକ ଶ୍ରମିକ ସଙ୍କଟ ସହିତ ଅତ୍ୟାଧୁନିକ ଧାନକଟା ଓ ଅମଳ ମେସିନ ହାର୍ଭେଷ୍ଟରର ସଙ୍କଟ ସୃଷ୍ଟି ହୋଇଛି। କୃଷିକ୍ଷେତ୍ରରେ କାର୍ଯ୍ୟ କରିବାକୁ ଶ୍ରମିକମାନେ ଆଉ ରାଜି ହେଉ ନ ଥିବା ବେଳେ ଆଜିର ଯୁବପିଢି ଧିରେ ଧିରେ କୃଷକ୍ଷେତ୍ର ପ୍ରତି ମନଉଣା କରିବା ଆରମ୍ଭ କଲେଣି। ଉଭୟ କୃଷିଭିତ୍ତିକ ଶ୍ରମିକ ଓ ହାର୍ଭେଷ୍ଟର ମେସିନ ସଙ୍କଟ ପାଇଁ ଚଳିତ ବର୍ଷ ଧାନ ଅମଳ ବିଶେଷ ଭାବେ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ ଏପରି ଧାରା ଲାଗି ରହିଲେ ଆସନ୍ତା ଦିନରେ ଚାଷୀମାନେ ଚାଷ ପ୍ରତି ବିମୁଖ ହେବେ ବୋଲି ଆକଳନ କରାଯାଇଛି।

## ସ୍ତ୍ରୀର ନିର୍ଯାତନା ଅସହ୍ୟ; ଯୁବକଙ୍କ ଆତ୍ମହତ୍ୟା



**ଭଦ୍ରେଶ୍ୱର,୩।୧୨(ସମିସ):** ମାହାଙ୍ଗା ବ୍ଲକ ଜଳେଶ୍ୱରପୁର ଗ୍ରାମପଞ୍ଚାୟତ କାହ୍ନୁପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପତ୍ନୀ ଦ୍ୱାରା ବାରମ୍ବାର ମାନସିକ ନିର୍ଯାତନାର ଶିକାର ହୋଇ ଶେଷରେ ସ୍ୱାମୀ ଆତ୍ମହତ୍ୟା କରିବା ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। କାହ୍ନୁପୁର ଗ୍ରାମର ମୋହନ ବାରିକଙ୍କ ପୁତ୍ର ଉମେଶ ଚନ୍ଦ୍ର ବାରିକ ବାଲେଶ୍ୱର ଫକୀରମୋହନ ବିଶ୍ୱ ବିଦ୍ୟାଳୟରେ ଷ୍ଟେନୋ ରୂପେ କାର୍ଯ୍ୟ କରନ୍ତି। ଉମେଶ ଏକ ବର୍ଷରୁ ଉର୍ଦ୍ଧ୍ୱ ହେବ ଭେଡା ସାଲେପୁର ଗ୍ରାମରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହର ମାତ୍ର ଅଳ୍ପ ଦିନ ପରେ ପତି ପତ୍ନୀଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ରକରି ବିବାଦର ସୂତ୍ରପାତ ହୋଇଥିଲା। ଫଳରେ ତାଙ୍କର ପତ୍ନୀ ଶାଶୁଘର ଛାଡି ନିଜ ବାପଘରକୁ ପଳାଇ ଯାଇଥିଲେ। ପତ୍ନୀ ବାପ ଘରେ ରହି ଭରଣପୋଷଣ ନିମନ୍ତେ ସ୍ୱାମୀଙ୍କ ଠାରୁ ୨୫ଲକ୍ଷ ଟଙ୍କା ଦାବି କରିଆସୁଥିବାର ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ତେବେ ପତ୍ନୀଙ୍କ ନିର୍ଯାତନାରେ ମାନସିକସ୍ତରରେ ଭାଙ୍ଗିପଡି ଉମେଶ ୩ ଦିନ ତଳେ ନିଖୋଜ ହୋଇଯାଇଥିଲେ। ତେବେ ଟାଙ୍ଗି ଚୌଦ୍ୱାର ନିକଟବର୍ତ୍ତି ରେଳ ଲାଇନରେ ତାଙ୍କର ମୁଣ୍ଡ ଗଣ୍ଡି ପଡିଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ତାଙ୍କର ଶବକୁ ଉଦ୍ଧାର କରି ପୈତୃକ ଗ୍ରାମକୁ ଆଣିଥିଲେ। ତାଙ୍କର ଶବକୁ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସନ୍ଥ ଦିନମଣି ଦାସଙ୍କ ବ୍ରହ୍ମଲୀନ ସମାଧି ପ୍ରତିଷ୍ଠା ଉତ୍ସବ



**ମାହାଙ୍ଗା,୩।୧୨(ସମିସ):** ଓଡ଼ିଶାର ଆଧ୍ୟାତ୍ମିକ ଜଗତରେ ଅଖାପାଲିଆ ବାବା ବା ସନ୍ଥ ଦିନମଣୀ ଦାସ ମହାରାଜ ନାମରେ ବେଶ ପରିଚିତ ଥିବା ପୂଜ୍ୟ ବ୍ରହ୍ମ ଅବଧୂତ ସନ୍ଥ ଦିନମଣୀ ଦାସ ଆଉ ଇହଧାମରେ ନାହାଁନ୍ତି। ତାଙ୍କ ଦେହତ୍ୟାଗର ଏକବିଂଶତମ ତିଥିରେ, ସନ୍ଥ ଅରକ୍ଷିତ ଦାସଙ୍କ ସାଧନା ପୀଠ ଓଲାଶୁଣୀ ପାଦଦେଶରେ ଅବସ୍ଥିତ ଐତିହାସିକ ଲଳିତଗିରିଠାରେ ଥିବା ତାଙ୍କ ସାଧନା ପୀଠ ଓ ଆଶ୍ରମରେ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବାଙ୍କ ବ୍ରହ୍ମଲୀନ ଅବସରରେ ଲଳିତଗିରି ଆଶ୍ରମ ପ୍ରାଙ୍ଗଣରେ ସମାଧି ପ୍ରତିଷ୍ଠା, ଗୀତା ଭାଗବତ ପଠନ ଏବଂ ପୁସ୍ତକ ଉନ୍ମୋଚନ ଉତ୍ସବ ଆୟୋଜିତ ହୋଇଥିଲା। ଓଲାଶୁଣୀ ମଠର ମହନ୍ତ ନାମାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ ବିରାଟ ସନ୍ଥ ସମାବେଶ ଦେଖିବାକୁ ମିଳିଥିଲା। ଏହି ଅବସରରେ ବାବାଙ୍କ ସ୍ମୃତିରେ 'ବ୍ରହ୍ମାନନ୍ଦ ସ୍ମରଣେ' ଶୀର୍ଷକ ଏକ ସ୍ମରଣିକାକୁ ସ୍ଥାନୀୟ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଉନ୍ମୋଚନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମହନ୍ତ ସୁଧାକର ଦାସ, ମହନ୍ତ ପରମେଶ୍ୱର ମହାରାଜ, ମହନ୍ତ ସରୋଜ ରାମ ଦାସ, ମହନ୍ତ ଆସାରାମ ଦାସ, ମହନ୍ତ ପର୍ଶୁରାମ ଦାସ, ମହନ୍ତ ପରାଶର ଦାସ, ମହନ୍ତ ହିମାଂଶୁ ଶେଖର ଦାସ, କ୍ଷେତ୍ରମୋହନ, ଜିତେନ୍ଦ୍ର ଶତପଥୀ, ସାମ୍ବାଦିକ ଭକ୍ତ ଚରଣ ସାହୁ, ଅମରେନ୍ଦ୍ର ସିଂ, ସାହିତ୍ୟିକ ଅଖିଳେଶ ମହାନ୍ତି, ଅଜୟ ମହାନ୍ତି, ବିଳାସ ଚନ୍ଦ୍ର ବାରିକ, ଯଯାତି ସିଂ, ପ୍ରଦୀପ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ବକ୍ତା ବାବାଙ୍କ ଅହିଂସା ଓ ଆଦର୍ଶ ଜୀବନଶୈଳୀକୁ ଯୁବ ସମାଜ ପାଇଁ ଅନୁକରଣୀୟ ବୋଲି ଆହ୍ୱାନ ଦେବା ସହ ତାଙ୍କ ଆଧ୍ୟାତ୍ମିକ ବାଣୀର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ବୁଦ୍ଧିଜୀବୀ ତଥା ବାବାଙ୍କ ଶହ ଶହ ଆଶ୍ରିତ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନିରତାରରେ ବିଶ୍ୱ ଭିନ୍ନକ୍ଷମ ଦିବସ



**କଣ୍ଟାପଡ଼ା,୩।୧୨(ସମିସ):** ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଦିବ୍ୟାଙ୍ଗଙ୍କ ପାଇଁ ଉତ୍ସର୍ଗକୃତ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟରତ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା (ଏସ୍‌ଭି ନିରତାର)ରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଭିନ୍ନକ୍ଷମଙ୍କ ଦ୍ୱାରା ଆୟୋଜିତ ଓ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଷ୍ଟଲକୁ ମୁଖ୍ୟଅତିଥି ଭୁବନେଶ୍ୱର ସ୍ଥିତ ରାଜଧାନୀ ଡାକ୍ତରଖାନାର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଚିତ୍ତ ରଞ୍ଜନ ଦାଶ ଉଦଘାଟନ କରିଥିଲେ। ପରେ ନିରତାର ନିର୍ଦ୍ଦେଶକ ଡ଼ ପତିତ ପାବନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକାର୍ଯ୍ୟରେ ବରିଷ୍ଠ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିର୍ଦ୍ଦେଶକ ଡ଼ ମହାନ୍ତି ନିରତାର ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଭିନ୍ନକ୍ଷମଙ୍କୁ ବିଭିନ୍ନ ସହାୟତା ଉପକରଣ ମୁଖ୍ୟଅତିଥି ବିତରଣ କରିଥିଲେ ଏବଂ ଭିନ୍ନକ୍ଷମଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ଖେଳକୁଦ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପରେ ଅପରାହ୍ନରେ ଦିବ୍ୟାଙ୍ଗଙ୍କ ଦ୍ୱାରା ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପ୍ରଶାସନିକ ଉପ ନିର୍ଦ୍ଦେଶକ ଇଂ ସତ୍ୟଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରଲୋକ



**କିଶନନଗର,୩।୧୨(ସମିସ):** ଅବିଭକ୍ତ କଟକ ଜିଲ୍ଲାର ଜଣାଶୁଣା ସମାଜସେବୀ ତଥା କଟକ ସଦର ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ହରି ଗୋଚ୍ଛାୟତଙ୍କର ବୁଧବାର ସକାଳେ ପରଲୋକ ହୋଇଯାଇଛି। କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୬୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିବା ଜଣାପଡିଛି। ସ୍ୱର୍ଗତ ଗୋଚ୍ଛାୟତଙ୍କର ମୃତ୍ୟୁଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମରଶରୀର ତାଙ୍କ ଦକ୍ଷିଣସାଇଲୋ ବାସଭବନରେ ପହଞ୍ଚିବା ପରେ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ସରପଞ୍ଚ ଅବଦୁଲ ୱାହିଦ୍ ଖାଁ, ସମିତିସଭ୍ୟ ଲିୟାକତ ଅଲ୍ଲୀ ଖାଁଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ତଥା କଟକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ ଗଭୀର ଶୋକପ୍ରକାଶ କରିଛନ୍ତି। ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡିଛି।

## ଜଳିଗଲା ଗୁହାଳ ଓ ରୋଷେଇ ଘର



**ଭଦ୍ରେଶ୍ୱର,୩।୧୨(ସମିସ):** ଗତକାଲି ରାତିରେ ମାହାଙ୍ଗା ବ୍ଲକ ଓଷଙ୍ଗ ଗ୍ରାମପଞ୍ଚାୟତ କୌଡକୋଲା ଗ୍ରାମର ରାମଚନ୍ଦ୍ର ନାୟକଙ୍କ ଘରେ ଆକସ୍ମିକ ଭାବେ ଅଗ୍ନିକାଣ୍ଡ ଘଟି ତାଙ୍କର ଗୁହାଳ ଘର ଓ ରୋଷେଇ ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଗତକାଲି ରାମଚନ୍ଦ୍ରଙ୍କ ପରିବାର ଗୁହାଳ ଘରେ ଧୂଆଁ ଦେଇଥିଲେ। ଅସାବଧାନତା ବଶତଃ ଗୁହାଳ ଘରେ ଟଙ୍ଗାଯାଇଥିବା ଜରିରେ ନିଆଁଲାଗି ଚାଳରେ ଲାଗିଯାଇଥିଲା। ଏଥିରେ ତାଙ୍କ ଗୁହାଳ ଓ ରୋଷଇଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଓ କୁଆଁପାଳ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିବା ନିମନ୍ତେ ଉଦ୍ୟମ କରି ବିଫଳ ହୋଇଥିଲେ। ତେବେ ଏହି ଗ୍ରାମକୁ ଆସିବା ନିମନ୍ତେ ଭଲ ରାସ୍ତା ନ ଥିବା କାରଣରୁ ଦମକଳ ଗାଡି ଠିକଣା ସମୟରେ ଘଟଣାସ୍ଥଳରେ ପହଞ୍ଚି ପାରି ନ ଥିଲା। ସ୍ଥାନୀୟ ଲୋକେ ଗୁହାଳରେ ବନ୍ଧା ହୋଇଥିବା ଗାଈଗୋରୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ତେବେ ଏହି ଗ୍ରାମ୍ୟ ରାସ୍ତାକୁ ତୁରନ୍ତ ପ୍ରଶସ୍ତୀକରଣ କରାଯିବା ନିମନ୍ତେ ଗ୍ରାମବାସୀ ଦୃଢ ଦାବି କରିଛନ୍ତି।

## କର୍କଟ ପୀଡ଼ିତ ଛାତ୍ରଙ୍କୁ ସହାୟତା



**ନିଶ୍ଚିନ୍ତକୋଇଲି,୩।୧୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ ରାମେଶ୍ୱରପୁର ଗ୍ରାମର କାଳନ୍ଦୀ ମଳିକଙ୍କ ପୁତ୍ର ଶୁଭମ୍ ମଲିକ (୧୩) ବର୍ଷ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁ ନ ଥିବା ଖବର ଗଣମାଧ୍ୟମରୁ ଜାଣିବା ପରେ ମାହାଙ୍ଗା କଂଗ୍ରେସ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ସାହୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ସାହୁ ଆକ୍ରାନ୍ତଙ୍କ ପରିବାରଙ୍କୁ ଭେଟି ତାଙ୍କର ଚିକିତ୍ସା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଦାରିଦ୍ର୍ୟତା କାରଣରୁ ଅର୍ଥ ନ ଥିବାରୁ ପୁଅକୁ ସଠିକ୍ ଭାବେ ଚିକିତ୍ସା ସେବା ଯୋଗାଇ ଦେଇ ପାରୁ ନ ଥିବା ସଂକ୍ରାନ୍ତରେ ବାପାମାଆଙ୍କ ଠାରୁ ସବୁ ଜାଣିବା ପରେ ଶ୍ରୀ ସାହୁ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନର ଡାକ୍ତର ସୁରେନ୍ଦ୍ରନାଥ ସେନାପତିଙ୍କ ସହ ପରାମର୍ଶ କରି ସଂପୃକ୍ତ କର୍କଟ ପୀଡିତଙ୍କୁ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଛନ୍ତି। ବ୍ଲକ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ରମାକାନ୍ତ ବେହେରା ଏହି ରୋଗୀଙ୍କୁ ଚିକିତ୍ସା ସେବାରେ ସହଯୋଗ କରୁଥିବା ବେଳେ କର୍କଟ ପୀଡିତ ଛାତ୍ରଙ୍କ ପିତା କାଳନ୍ଦୀ ମଳିକ ଓ ମାଆ ମମତା ମଳିକ ପୁଅର ଚିକିତ୍ସା କଥା ବୁଝୁଛନ୍ତି।

## ଦୁଇ ଚୋର ଗିରଫ

**କିଶନନଗର,୩।୧୨(ସମିସ):** ଗତକିଛି ଦିନ ହେଲା ବନ୍ଦ ଘରର କବାଟ ଭାଙ୍ଗି ଚୋରି କରୁଥିବା ଚୋରଙ୍କୁ ଧରିବା ପାଇଁ କିଶନନଗର ପୁଲିସ ଜାଲ ବିଛାଇଥିବା ବେଳେ ଏଥିରେ ଦୁଇଜଣ ଚୋର ଧରାପଡ଼ି ଗିରଫ ହୋଇ କୋର୍ଟଚାଲାଣ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ପ୍ରହରାଜପୁର ପଞ୍ଚାୟତର ଆରୋଗ୍ୟ କେନ୍ଦ୍ରର ତାଲା ଭାଙ୍ଗି ଘରୁ ଇନଭର୍ଟର ମେସିନ, ବ୍ୟାଟ୍ରି, ଆକୱାଗାର୍ଡ, ପାଣି ମଟର ପ୍ରଭୃତି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ତଦନ୍ତ ଚଳାଇ ପ୍ରହରାଜପୁର ପଞ୍ଚାୟତ ନାରଦା ଗଉଡ ଗାଁର ଦୁଇ ଚୋର ଟିକିନା ଭୋଇ(୩୫) ଓ ଶୁଭ୍ରାଂଶୁ ଶେଖର ମଲିକ (୩୨) ଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଚୋରି ସାମଗ୍ରୀ ଉଦ୍ଧାର କରିଥିବା ଜଣାପଡିଛି। ଆଜି ଉଭୟ ଚୋରଙ୍କୁ କୋର୍ଟ ଚାଲାଣ କରାଯାଇଛି।

**ଅଲ୍ ଇଣ୍ଡିଆ ୫ମ ଶଙ୍ଖାମେରୀ ପ୍ରିମିୟର ଲିଗ୍**

## ସେମିଫାଇନାଲରେ କମାଣ୍ଡୋ ଇଲେଭେନ ଓ ଭୁବନେଶ୍ୱର



**ବଡ଼ମ୍ବା,୩।୧୨(ସମିସ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆରେ ବାପୁଜୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ଅଲ୍ ଇଣ୍ଡିଆ ଶଙ୍ଖାମେରୀ ପ୍ରିମିୟର ଲିଗ୍ (ପଚାଶ ବଲ୍ ଲିଗ୍) ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିନରେ ଦୁଇଟି ଲିଗ୍ ମ୍ୟାଚ୍ ସହ ଗୋଟିଏ କ୍ୱାର୍ଟର ଫାଇନାଲ ମ୍ୟାଚ ମଧ୍ୟରୁ ପ୍ରଥମ ଲିଗ୍ ମ୍ୟାଚ୍ କମାଣ୍ଡୋ ଇଲେଭେନ୍, ଭୁବନେଶ୍ୱର ବନାମ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ଢେଙ୍କାନାଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ୯ ଓଭରରେ ୪ ୱିକେଟ୍ ହରାଇ ମାତ୍ର ୬୮ରନ୍ କରିବାକୁ ସକ୍ଷମ ହୋଇଥିଲା ବେଳେ ଜବାବରେ କମାଣ୍ଡୋ ଇଲେଭେନ୍, ଭୁବନେଶ୍ୱର ମାତ୍ର ୪ ଓଭର ୧ଟି ବଲ୍‌ରେ ଦୁଇ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। ଦ୍ୱିତୀୟ ଲିଗ୍ ମ୍ୟାଚ୍ ପିଙ୍କି ଏକାଦଶ, ଅଭିମାନପୁର୍ ବନାମ ଏମ୍‌ଏସ, ବଲାଙ୍ଗୀର ମଧ୍ୟରେ ହୋଇଥିବା ବେଳେ ଏହି ଲିଗ୍ ମ୍ୟାଚରେ ପ୍ରଥମେ ଟସ୍ ଜିତି ବଲାଙ୍ଗୀର ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଭିମାନପୁର ୯ ଓଭରରେ ୬ ୱିକେଟ୍ ହରାଇ ୬୦ ରନ୍ କରିଥିବା ବେଳେ ଜବାବରେ ବଲାଙ୍ଗୀର ଦଳ ୬ ଓଭର ୨ଟି ବଲରେ ମାତ୍ର ୪ଟି ୱିକେଟ୍ ହରାଇ ବିଜୟ ହାସଲ କରିଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ଭୁବନେଶ୍ୱର ବନାମ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କମାଣ୍ଡୋ ଇଲେଭେନ୍, ଭୁବନେଶ୍ୱର ଦଳ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚକୁ ସନ୍ତୋଷ ବିଶ୍ୱାଳ ଓ ଶକ୍ତି ପ୍ରସାଦ ପରିଚାଳନା କରିଥିଲେ।

## ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ଗର୍ଭମୁଦ ନୀତି ସମ୍ପନ୍ନ



**ତିଗିରିଆ,୩।୧୨(ସମିସ):** ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ନୂତନ ମନ୍ଦିର କାର୍ଯ୍ୟ ଚାଲିଥିବା ବେଳେ ଆଜି ନୂତନ ମନ୍ଦିରର ଗର୍ଭମୁଦ ନୀତି ସମ୍ପନ୍ନ ହୋଇଛି। ମାର୍ଗଶୀର ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଣ୍ଡିତ ହେମନ୍ତ କୁମାର ମିଶ୍ର, ପଣ୍ଡିତ ପ୍ରିୟବ୍ରତ ଦାଶ, ମନ୍ଦିର ପୂଜକ ପଣ୍ଡିତ ଆଲୋକ ରଞ୍ଜନ ପଣ୍ଡା, ପଣ୍ଡିତ ହରେକୃଷ୍ଣ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସର୍ବପ୍ରଥମେ ଇନ୍ଦ୍ରଇନ୍ଦ୍ରାଣି ପୂଜା ସମ୍ପର୍ଣ୍ଣ ହୋଇଥିଲା। ପରେ ପଦ୍ମ ପଥର ପୂଜା, ଦଧିବାମନ ପୂଜା, ଇନ୍ଦ୍ରଇନ୍ଦ୍ରାଣି ବିବାହ ସମ୍ପର୍ଣ୍ଣ ହୋଇଥିଲା। ପରେ ଯଜ୍ଞ କର୍ମ ସମ୍ପନ୍ନ ହୋଇ ଶେଷରେ ଗର୍ଭମୁଦ ନୀତି ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶିରିଶ ସିଂହ ସାମନ୍ତ ଓ ପତ୍ନୀ ଅନିତା ସିଂହ ସାମନ୍ତ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଞ୍ଚଗାଁ ଗ୍ରାମ ଦେଶର ସଭାପତି ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ମଲ୍ଲିକ, ଦଧିବାମନଜୀଉ ସେବା ସଂସଦର ସଭାପତି ପ୍ରଦ୍ୟୁମ୍ନ ଦାଶ, ସମାଜସେବୀ ସରୋଜ ଦାଶ, ସରପଞ୍ଚ ନିରଞ୍ଜନ ଦଳେଇ, ଯୁବନେତା ଚିନ୍ମୟ ମଲ୍ଲିକ, ପୂର୍ବତନ ସରପଞ୍ଚ ସନ୍ତୋଷ ସିଂହ ସାମନ୍ତ, ଆଇନଜୀବୀ ରଘୁନାଥ ଦାଶ, ଏବିଡ଼ିଓ ଯାଜ୍ଞସିନୀ ଗୋଚ୍ଛାୟତଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ, ମହିଳା ଭକ୍ତ, ଦଧିବାମନଜୀଉ ସେବା ସଂସଦର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।






## ରମାଦେବୀ ଥିଲେ ସମଗ୍ର ମାନବ ଜାତିର ମା’



### ୧୨୫ତମ ଜୟନ୍ତୀରେ ମତ ପ୍ରକାଶ

କଟକ,୩।୧୨(ସମିସ): ମା’ ରମାଦେବୀ ୧୨୫ତମ ଜୟନ୍ତୀ ପିଏମଶ୍ରୀ ରେଭେନ୍ସା ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ସଭାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ କହିଥିଲେ ମା’ ରମାଦେବୀ କେବଳ ସ୍ୱାଧୀନତା ସଂଗ୍ରାମୀ ନ ଥିଲେ ସେ ଥିଲେ ସମଗ୍ର ମାନବ ଜାତିର ମା’। ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମଗ୍ରହଣ କରି ମାତ୍ର ୧୫ ବର୍ଷ ବୟସରେ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀଙ୍କ ସହିତ ଘର ସଂସାର କରିଥିଲେ ମଧ୍ୟ ତାହା ତାଙ୍କୁ ସୁଖ ଦେଇପାରି ନ ଥିଲା। ବ୍ରିଟିଶ ଶାସନ କବଳରୁ ସମଗ୍ର ଭାରତ ବର୍ଷକୁ ମୁକ୍ତ କରିବାକୁ ଗାନ୍ଧୀଜୀଙ୍କ ଆହ୍ୱାନରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଲେ। ବାରମ୍ବାର ଜେଲ ଯିବା ଭିତରେ ସେହି ଜେଲ ଭିତରୁ ସ୍ୱାଧୀନତା ସଂଗ୍ରାମୀ ଭାବେ ଉଭା ହୁଅନ୍ତି। ସ୍ୱାଧୀନତା ପରେ ରୋଗ, ଦୁଃଖ, ଦାରିଦ୍ର୍ୟ, ବଢ଼ି, ମରୁଡି, ଆଦି ପ୍ରାକୃତିକ ବିପର୍ଯ୍ୟୟରୁ ମାନବ ସମାଜକୁ ରକ୍ଷାକରିବା ପାଇଁ ଦେଶ ଗଠନ କାମରେ ଲାଗିଥିଲେ। ଭୂଦାନ ଆନ୍ଦୋଳନ ଓ ଜରୁରିକାଳୀନ ପରିସ୍ଥିତି ସମୟରେ ମା’ ରମାଦେବୀ ପ୍ରମୁଖ ଭୂମିକା ନିଭାଇଥିଲେ। ସମଗ୍ର ବିଶ୍ୱରେ ମା’ ରମାଦେବୀ ଚୌଧୁରୀଙ୍କ ପରିବାର ଏକମାତ୍ର ପରିବାର ରାଷ୍ଟ୍ରର ସମୃଦ୍ଧି ପାଇଁ ନିଜର ପରିବାରକୁ ସମ୍ପୂର୍ଣ୍ଣ ନିସ୍ୱ କରିଦେଇଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳ ଓ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ଜୟନ୍ତୀ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷା ସୌଦାମିନୀ ମହାପାତ୍ରଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିବା ବେଳେ କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଡାକ୍ତର ରବିରଞ୍ଜନ ସାହୁ ମୁଖ୍ୟବକ୍ତା, ଡ ପ୍ରିୟଲତା ଜେନା ସମ୍ମାନିତ ବକ୍ତା, ବିଦ୍ୟାଳୟର ପୁରାତନ ଛାତ୍ରୀ ରେଣୁକା ସାହୁ, ଅବସରପ୍ରାପ୍ତ ଯନ୍ତ୍ରୀ ସରୋଜ କାନ୍ତ ଧଳ, ଶିକ୍ଷୟିତ୍ରୀ ଜୟନ୍ତୀ ରଥ, ସର୍ବୋଦୟ ପାକ୍ଷିକ ପତ୍ରିକାର ପରିଚାଳିକା ଇନ୍ଦୁମତୀ ସାହୁ, ସ୍ନେହାଂଶୁ ଜେନା, ମାଳତୀ ପାତ୍ର, ପ୍ରଭାତ ପାତ୍ର ଓ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ।

### ୫ରେ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଟିକେଟ୍ ବିକ୍ରି

# ସର୍ପେଣ୍ଟାଇନ୍ ବାରିକେଡ୍‌ରେ ଆଶାୟୀ



**ବ୍ଲାକର୍ ହେବେ ସାବାଡ୍**

**ପୂର୍ବ ରାତି ନୁହେଁ: ସକାଳ ୬ରୁ ହେବ ଧାଡ଼ି**

**ଟିକେଟ୍ କାଉଣ୍ଟର ନିକଟବର୍ତ୍ତୀ ଅଞ୍ଚଳକୁ ‘ନୋ ମ୍ୟାନ୍-ଲ୍ୟାଣ୍ଡ’ ଘୋଷଣା କଲା ପୁଲିସ**

କଟକ,୩।୧୨(ସମିସ):

ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଆସନ୍ତା୯ରେ ଖେଳାଯିବ। ମଝିରେ ଆଉ ମାତ୍ର ୭ଦିନ। ଏଥି ନିମନ୍ତେ ପୂର୍ବ ପ୍ରସ୍ତୁତି କମିଶନରେଟ୍ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ବେଳେ ଟିକଟ୍ ବିକ୍ରୟରେ ସ୍ୱଚ୍ଛତା ଆଣିବାକୁ ପୁଲିସ ଉଦ୍ୟମ କରୁଛି। ଆଜି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଟିକଟ୍ କାଉଣ୍ଟର୍ ବୁଲି ସୁରକ୍ଷା ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ। ଅନଲାଇନ୍‌ରେ ମାତ୍ର ୨ହଜାର ଟିକେଟ୍ ବିକ୍ରି ସରିଥିବା ବେଳେ କାଉଣ୍ଟରରେ ୧୦ହଜାର ଟିକେଟ୍ ବିକ୍ରି କରାଯିବ। ୧୧ହଜାର ଅନୁବନ୍ଧିତ ୟୁନିଟ୍ କ୍ରୟ କରୁଛନ୍ତି। ମୋଟ୍ ୨୩ହଜାର ଟିକେଟ୍ ବିକ୍ରୟ କରାଯିବ। ଷ୍ଟାଡିୟମ୍‌ର କ୍ଷମତା ୪୨ହଜାର ରହିଥିବା ବେଳେ ୧୮ହଜାର ୪୦୦ଟି ଟିକେଟ୍ କମ୍ପ୍ଲିମେଣ୍ଟାରୀ ପାସ୍ ଭାବେ ବଣ୍ଟାଯିବ। ତେବେ ଖୋଲାଯିବାକୁ ଥିବା କାଉଣ୍ଟର୍‌ରେ ମାତ୍ର ୧୦ହଜାର ଟିକେଟ୍ ବିକ୍ରୟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏତେ କମ୍ ସଂଖ୍ୟାକ ଟିକେଟ୍ କିଣିବାକୁ ଷ୍ଟାଡିୟମର ୪ଟି କାଉଣ୍ଟରରେ ୧ଲକ୍ଷରୁ ଅଧିକ ଲୋକ ରୁଣ୍ଡ ହେବେ। ପୂର୍ବଦିନ ତନ୍ମଧ୍ୟରୁ ଅଧିକାଂଶ ଲୋକ ଟିକେଟ୍ କଳାବଜାରୀ କରିବା ଆଶାରେ ଧାଡିରେ କିଛି ଦଲାଲଙ୍କୁ ନିୟୋଜିତ କରିବେ। ସେମାନଙ୍କ କିଛି ଟଙ୍କା ଦେଇ ଟିକଟ୍ ହାତେଇବେ। ପରବର୍ତ୍ତି ସମୟରେ ଏହି ଟିକଟ୍‌କୁ କଳାବଜାରୀ କରି ଚଢ଼ା ଦରରେ ବିକ୍ରି କରିବେ। ଏଭଳି ବେଆଇନ୍ କାର୍ଯ୍ୟ ପୂର୍ବରୁ କରାଯାଉଥିବା ବେଳେ ଏଥର ମ୍ୟାଚ୍‌ରେ ପୁଲିସ ଏହାକୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବାକୁ ପ୍ରୟାସ କରୁଛି। ସ୍ୱତନ୍ତ୍ର ସ୍କ୍ୱାଡ୍ ସହିତ ସାଦା ପୋଷାକଧାରୀ ପୁଲିସ କାଉଣ୍ଟର୍ ପାଖରେ ଡ୍ୟୁଟି କରିବେ। କୌଣସି ଅସାଧୁ ବ୍ୟକ୍ତି ଦିନମଜୁରିଆଙ୍କୁ ଟିକେଟ୍ କିଣିବାକୁ ଧାଡ଼ିରେ ଛିଡ଼ା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଶ୍ରୀ ଦ୍ୟାନଦେଓ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, କୌଣସି ବ୍ୟକ୍ତି ପୂର୍ବଦିନ ରାତିରୁ ଧାଡ଼ିରେ ଛିଡ଼ା ହୋଇ ପାରିବେ ନାହିଁ। ଟିକେଟ୍ ବିକ୍ରୟ ଦିନ ସକାଳ ୬ଟାରୁ ଧାଡ଼ିରେ ଛିଡ଼ା ହେବାକୁ ସେ କହିଛନ୍ତି।

ଟିକେଟ କାଉଣ୍ଟର ସାମ୍ନାରେ ଏଥର ବାଉଁଶ ବ୍ୟାରିକେଡ ନୁହେଁ, ସର୍ପେଣ୍ଟାଇନ୍ ବ୍ୟାରିକେଡ ଲାଗିଛି। ଦର୍ଶକଙ୍କ ନିମନ୍ତେ ୨ଫୁଟ୍ ଲେଖାଁଏ ୨ଟି ବ୍ୟାରିକେଡ୍ ଲାଇନ୍ କରାଯାଇଥିବା ବେଳେ ତା’ ପାଖରେ ଆଉ ଗୋଟିଏ ୩ଫୁଟ୍‌ର ବ୍ୟାରିକେଡ୍ ହୋଇଛି। କାଉଣ୍ଟର ପାଖରୁ ୮୦୦ମିଟର ପର୍ଯ୍ୟନ୍ତ ଷ୍ଟିଲ୍ ବ୍ୟାରିକେଡ୍ ଲଗାଯାଇଛି। କାଉଣ୍ଟର ନିକଟବର୍ତ୍ତି ଅଞ୍ଚଳକୁ ‘ନୋ ମ୍ୟାନ୍ ଲ୍ୟାଣ୍ଡ’ ଘୋଷଣା କରାଯାଇଛି। ଯେଉଁମାନେ ଟିକେଟ୍ କିଣିବାକୁ ଆଶାୟୀ, ସେହିମାନେ ସେଠାରେ ରହି ପାରିବେ। ଅନ୍ୟ କୌଣସି ବ୍ୟକ୍ତି ଉକ୍ତ ଅଞ୍ଚଳରେ ରହି ପାରିବେ ନାହିଁ। ଏଭଳି ବ୍ୟବସ୍ଥା ହେବା ଦ୍ୱାରା ବିଶୃଙ୍ଖଳା କରୁଥିବା ଲୋକଙ୍କୁ ରୋକାଯାଇ ପାରିବ। ସର୍ପେଣ୍ଟାଇନ୍ ବ୍ୟାରିକେଡକୁ ଜିକ୍‌ଜାକ୍ ଶୈଳିରେ ବ୍ୟବସ୍ଥା କରାଯାଇଛି। ଟିକଟ୍ କାଉଣ୍ଟର୍ ଗୁଡ଼ିକ ସାମ୍ନାରେ ପ୍ରବଳ ଭିଡ଼ ହେତୁ କୌଣସି ବିଶୃଙ୍ଖଳା ନକରିବାକୁ ପୁଲିସ ନିବେଦନ କରିଛି। ଆସନ୍ତା ୫ରେ ଅଫଲାଇନ୍ ଟିକଟ୍ ବିକ୍ରୟ ହେବାକୁ ଥିବା ବେଳେ ଷ୍ଟାଡିୟମ ବାହାରେ ଟିକେଟ୍ ବିକ୍ରୟ ପୂର୍ବଦିନ ରାତି ୮ ଟାରୁ ୯ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ଟିକଟ୍ ବିକ୍ରୟ ଦିନ ସକାଳ ୯ଟାରୁ ଆଉ ୧୯ପ୍ଲାଟୁନ୍ ଫୋର୍ସ କାଉଣ୍ଟର୍ ସମ୍ମୁଖରେ ନିୟୋଜିତ ରହିବେ। ଗୋଟିଏ ପ୍ଲାଟୁନ୍ ମହିଳା ପୁଲିସ ଡ୍ୟୁଟି କରିବେ। ସେମାନେ ସ୍ୱତନ୍ତ୍ର ଭାବେ ଖୋଲାଯାଇଥିବା ‘ମହିଳା ଟିକଟ୍ କାଉଣ୍ଟର’କୁ ଜଗି ରହିବେ। ଟିକେଟ୍ ବିକ୍ରୟ ଆରମ୍ଭ ହେବା ପୂର୍ବରୁ ୧୦୦ଜଣ ଅଫିସର, ୫ରୁ ଅଧିକ ଏସିପି ଓ ୨ଜଣ ଏଡିସିପି ସୁରକ୍ଷା ଦାୟିତ୍ୱରେ ରହିବେ। ମୁଖ୍ୟତଃ କୌଣସି ଟିକଟ୍ ଆଶାୟୀ କାଉଣ୍ଟର ସମ୍ମୁଖରେ ବିଶୃଙ୍ଖଳା କଲେ କିମ୍ବା ନିୟମ ନମାନିଲେ ପୁଲିସ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଟିକେଟ୍ ବ୍ଲାକ୍ କରିବାର ସମ୍ଭାବନା ରହିଥିବାରୁ ୪ଟି ସ୍ୱତନ୍ତ୍ର ସ୍କ୍ୱାଡ୍ କାଉଣ୍ଟର୍ ଆଖପାଖରେ ସାଦା ପୋଷାକରେ ବୁଲିବେ। ଅନ୍ୟପେଟ ଏଥର ଟିକଟ୍ ପାଇଁ ପୂର୍ବ ରାତିରୁ ଧାଡିରେ ରହୁଥିବା ଲୋକଙ୍କ ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯିବ।

# ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହ ଉଦ୍‌ଯାପିତ

କଟକ,୩।୧୨(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା’ ରମାଦେବୀଙ୍କର ୧୨୫ତମ ଜନ୍ମବାର୍ଷିକୀ ସମାରୋହ ବୁଧବାର ତାଙ୍କ ଜନ୍ମସ୍ଥାନ ତଥା ଉତ୍କଳ ଗୌରବ ମଧୁବାବୁଙ୍କ ଏଣ୍ଟୁଡ଼ିଶାଳ ସତ୍ୟଭାମାପୁରଠାରେ ଉଦ୍‌ଯାପିତ ହୋଇଛି। ମା’ ରମାଦେବୀ ୧୨୫ ଜନ୍ମବାର୍ଷିକୀ କମିଟି, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ବର୍ଷବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ତିନି ଦିନ ଧରି ଓଡ଼ିଶାର ବିଭିନ୍ନ ସ୍ଥାନ ଯଥା: ଯାଜପୁର ବାଲିପଡ଼ିଆ ଠକ୍କରବାପା ଆଶ୍ରମ, ଭୁବନେଶ୍ୱର ଓ କଟକ ପରେ ସତ୍ୟଭାମାପୁରରେ ଶେଷ ହୋଇଥିଲା। ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାନେତ୍ରୀ କୃଷ୍ଣା ମହାନ୍ତିଙ୍କ ସଭାପତିତ୍ୱରେ ଏବଂ କମିଟିର ଆବାହକ ଡାକ୍ତର ବିଶ୍ୱଜିତଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ମୁଖ୍ୟ ବକ୍ତା ଭାବରେ ଡକ୍ଟର ବାସନ୍ତୀ ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଯୋଗଦେଇଥିଲେ। ଅତିଥିମାନେ ମା’ ରମାଦେବୀଙ୍କ ତ୍ୟାଗ, ସମର୍ପଣ ଏବଂ ନବ ଉତ୍କଳର ନିର୍ମାଣ କ୍ଷେତ୍ରରେ ତାଙ୍କର ଅବଦାନକୁ ମୂଲ୍ୟାୟନ କରିଥିଲେ। ସେମାନେ ମତ ଦେଇଥିଲେ ଯେ ମା’ ରମାଦେବୀଙ୍କ ଦେଶ ଓ ସମାଜ ପ୍ରତି ସମର୍ପିତ ଜୀବନର ମୂଲ୍ୟାୟନ କରିବା ସହିତ ତାଙ୍କ ଆଦର୍ଶକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଆବଶ୍ୟକତା ରହିଛି। ସରକାରୀ ଭାବରେ ତାଙ୍କର ଏହି ୧୨୫ତମ ଜନ୍ମବାର୍ଷିକୀକୁ ପାଳନ କରାଯାଇ ନ ଥିବାରୁ ଏହି ସମାରୋହରେ କ୍ଷୋଭ ପ୍ରକଟ କରାଯାଇଥିଲା। ପ୍ରାରମ୍ଭରେ ମା’ ରମାଦେବୀଙ୍କ ସହ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କସ୍ତୁରବା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ଓ ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା। ବର୍ଷତମାମ ଉତ୍ସବକୁ ପ୍ରଚାର କରିଥିବାରୁ ସାମ୍ବାଦିକ ଶଶୀଭୂଷଣ ସାହୁଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା।



### ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରସଙ୍ଗ

# ହାଇକୋର୍ଟରେ ଡିସେମ୍ବର ୧୫ ପୂର୍ଣ୍ଣାଙ୍ଗ ଶୁଣାଣି

କଟକ, ୩।୧୨(ସମିସ): ଅନୁଦାନପ୍ରାପ୍ତ ସ୍କୁଲ ଓ କଲେଜର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପେନ୍‌ସନ୍ ପ୍ରଦାନ କରିବା ସପକ୍ଷରେ ଓଡ଼ିଶା ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ୨୦୨୪ ମସିହା ଜାନୁଆରୀ ୧୨ ତାରିଖରେ ପ୍ରଦାନ କରିଥିବା ରାୟ ବିରୋଧରେ ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଯେଉଁ ରିଟ୍ ଅପିଲ୍ ଦାୟର କରିଥିଲେ, ତାହାର ଡିସେମ୍ବର ୧୫ ତାରିଖରେ ପୂର୍ଣ୍ଣାଙ୍ଗ ଶୁଣାଣି ହେବ। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ତରଫରୁ ଦାୟର ଏକାଧିକ ରିଟ୍ ଅପିଲ୍‌ର ଏକତ୍ର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ସମୟରେ, ପ୍ରତିପକ୍ଷଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ସରକାରଙ୍କ ତରଫରୁ ଦାୟର ହୋଇଥିବା ଅନ୍ୟ କେତେକ ମାମଲା ଏପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇନାହିଁ। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ୧୧ ତାରିଖ ସୁଦ୍ଧା ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଦାୟର ଅନ୍ୟ ଅପିଲ୍‌ଗୁଡ଼ିକର ଏକ ତାଲିକା ଦାଖଲ କରିବାକୁ ଅତିରିକ୍ତ ସରକାରୀ ଓକିଲ (ଏଜିଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବ୍ଲକ୍ ଗ୍ରାଣ୍ଟ ଓ ଏବେର ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଅବସର ଗ୍ରହଣ କରୁଥିବା ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଦୀର୍ଘ ଦିନ ଧରି ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁ ନାହିଁ। ଏହି ପ୍ରସଙ୍ଗ ନେଇ ପୂର୍ବରୁ ଶରତଚନ୍ଦ୍ର ପରିଡ଼ାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ୨୦୧୫ ମସିହାରେ ହାଇକୋର୍ଟ ବ୍ଲକ୍ ଗ୍ରାଣ୍ଟ ସ୍କୁଲର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ସପକ୍ଷରେ ରାୟ ଦେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ମଧ୍ୟ କାଏମ ରଖିଥିଲେ।

ଏହି ସୁପ୍ରିମକୋର୍ଟ ରାୟ ପରେ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କ ପେନ୍‌ସନ୍ ଓ ଅବସରକାଳୀନ ପ୍ରାପ୍ୟ ଅବସରର ପର ଦିନଠାରୁ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦରଖାସ୍ତ କରିଥିଲେ। କିନ୍ତୁ ସରକାର ସେମାନଙ୍କ ଦରଖାସ୍ତକୁ ଖାରଜ କରିଦେଇଥିଲେ। ଏହା ପରେ ହେମନ୍ତ କୁମାର ଛୋଟରାୟ ଓ ଅନ୍ୟ ଶତାଧିକ କର୍ମଚାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣିକିଆ ବିଚାରପତିଙ୍କ ଖଣ୍ଡପୀଠ ଅବସରପ୍ରାପ୍ତ କର୍ମଚାରୀଙ୍କ ଦରଖାସ୍ତ ଖାରଜ କରିବା ସମ୍ବନ୍ଧୀୟ ସରକାରଙ୍କ ନିର୍ଦ୍ଦେଶକୁ ରଦ୍ଦ କରିବା ସହ ତିନି ମାସ ଭିତରେ ସମସ୍ତ ପେନ୍‌ସନ୍ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ୨୦୨୪ ଜାନୁଆରୀ ୧୨ର ଏହି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ୍ କରି ହିଁ ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ୍ ଦାୟର କରିଛନ୍ତି। ପ୍ରଥମ ରିଟ୍ ଅପିଲ୍‌ର ପ୍ରତିପକ୍ଷ ଶ୍ରୀ ଛୋଟରାୟଙ୍କ ତରଫରୁ ଆଇନଜୀବୀ ଡକ୍ଟର ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଛନ୍ତି।

### ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

# ଅନ୍ତର୍ଭୁକ୍ତି ଓ ଅଭିଗମ୍ୟତାରେ ସଶକ୍ତୀକରଣ ସମ୍ଭବ



କଟକ,୩।୧୨(ସମିସ):

ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ସେମାନେ ନିଜକୁ କୌଣସି ଗୁଣରେ କମ୍ ଭାବିବା ଉଚିତ୍ ନୁହେଁ। ଜୀବନର ଯେକୌଣସି ସମସ୍ୟାର ମୁକାବିଲା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରାଇବା ଉଚିତ। ଅନ୍ତର୍ଭୁକ୍ତି ଏବଂ ଅଭିଗମ୍ୟତା ଦ୍ୱାରା ଭିନ୍ନକ୍ଷମଙ୍କର ସଶକ୍ତିକରଣ ସମ୍ଭବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯାଉଛି ଓ ସେମାନଙ୍କୁ ଆତ୍ମନିର୍ଭର କରାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଖୁବଶୀଘ୍ର ଜିଲ୍ଲାର ସମସ୍ତ ମସ୍ତିଷ୍କ ପକ୍ଷାଘାତ ଭିନ୍ନକ୍ଷମଙ୍କୁ ସ୍ୱତନ୍ତ୍ର ଟ୍ରାଇସାଇକଲ ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କହିଛନ୍ତି। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ପକ୍ଷରୁ ଆଜି ବାରବାଟୀ ପ୍ୟାଲେସଠାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଜିଲ୍ଲାର ବିଭିନ୍ନ ଭିନ୍ନକ୍ଷମଙ୍କୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡ ଇପସିତା ପ୍ରିୟଦର୍ଶିନୀ ମିଶ୍ର ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ ଉତ୍ସର୍ଗୀକୃତ ମନୋଭାବ ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରସନ୍ନ କୁମାର ହୋତା, ଆଇଡି ସଂଯୋଜକ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଦିବ୍ୟାଙ୍ଗମାନେ ନିଜର ସ୍ୱତନ୍ତ୍ର ଗୁଣ ସମ୍ପର୍କରେ ଅବଗତ ହୋଇ ସେହି ଗୁଣକୁ ବିକଶିତ କରି ଭିନ୍ନକ୍ଷମତାକୁ ଅତିକ୍ରମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜାତୀୟ ପାରା ସ୍ପୋର୍ଟସ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ନିଶ୍ଚିନ୍ତକୋଇଲିର ପ୍ରଦୀପ୍ତ ସ୍ୱାଇଁଙ୍କୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିବା ସହ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ସେମାନଙ୍କ ପିତାମାତାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆର୍ନ୍ତଜାତୀୟ ଦିବ୍ୟାଙ୍ଗ ଦିବସ ଅବସରରେ ଆଜି ସକାଳେ ବାରବାଟୀ ଷ୍ଟାଡିୟମର ସଚିନ ତେନ୍ଦୁଲକର କମ୍ପ୍ଲେକ୍ସଠାରୁ ଏକ ରାଲି ବାହାରି ବାରବାଟୀ ପ୍ୟାଲେସ ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲିରେ ଜିଲ୍ଲାର ୧୩ଟି ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରାୟ ୪୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

## ବିଦ୍ୟାଧରପୁର ହାଇସ୍କୁଲରେ ଏଡ଼୍‌ସ ଦିବସ

କଟକ,୩।୧୨(ସମିସ): ବିଦ୍ୟାଧରପୁର ହାଇସ୍କୁଲ ପରିସରରେ ବିଶ୍ୱ ଏଡସ ଦିବସ ପ୍ରଧାନ ଶିକ୍ଷକ ମଞ୍ଜୁଶ୍ରୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଛି। ପ୍ରାରମ୍ଭରେ ବିଶ୍ୱ ଏଡସ ଦିବସର ପ୍ରାସଙ୍ଗିକତାକୁ ଶିକ୍ଷୟିତ୍ରୀ କଳ୍ପନା ରାଉତ ଛାତ୍ରଛାତ୍ରୀଙ୍କୁ ବୁଝାଇ କହିଥିଲେ ଭାରତ ସମେତ ସମଗ୍ର ବିଶ୍ୱରେ ଏଡ଼ସ ସଂକ୍ରମିତ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ୧୯୮୮ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧ ତାରିଖ ଦିନ ବିଶ୍ୱ ଏଡ଼ସ ଦିବସ ପାଳନ କରାଯାଉଛି। ବିଶ୍ୱ ଏଡ଼ସ ଦିବସରେ ଏଡ଼ସ ବିରୁଦ୍ଧରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଛି ''ଜିତିବ ଜୀବନ ହାରିବ ଏଡ଼ସ’। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ପଣ୍ଡା, ବାସନ୍ତୀ ବେହେରା, ସ୍ମିତାରାଣୀ ସେଠୀ, ହୃଷିକେଶ ମହାନ୍ତି, ଭାଗିରଥି ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ।




# ବିରୂପା ନଦୀକୁ ଖସିଲା କାର୍

**ଜଣେ ଉଦ୍ଧାର: ଜଣେ ନିଖୋଜ**

**ଗୁଗୁଲ୍ ମ୍ୟାପ୍ ଦେଖି ଫସିଗଲେ ୨ ସାଙ୍ଗ**

କଟକ,୩।୧୨(ସମିସ):

ଜଗତପୁର ଥାନା ଅନ୍ତର୍ଗତ ପଣ୍ଡାସାହି ନିକଟସ୍ଥ ବିରୂପା ନଦୀ ବନ୍ଧରେ ଘଟିଛି ଏକ ଅଘଟଣ। ଭାରସାମ୍ୟ ହରାଇ ଏକ ବ୍ୟାଟ୍ରି କାର୍ ନଦୀ ଭିତରକୁ ଖସି ପଡ଼ିଥିବା ବେଳେ ଜଣେ ଯୁବକ କାର୍ ଭିତରେ ଫସି ରହିଛନ୍ତି। ଅନ୍ୟ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଯୁବକଙ୍କ ଘର ଭୁବନେଶ୍ୱର ଲିଙ୍ଗୀପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ସ୍କୁବା ଡାଇଭର ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ବିଳମ୍ବିତ ରାତ୍ରି ହେବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଥିବା ସୂଚନା ମିଳିଛି।

ଘଟଣାରୁ ପ୍ରକାଶ, ଭୁବନେଶ୍ୱରରୁ ୨ ଜଣ ବନ୍ଧୁ ଏକ ହୋଟେଲ୍ ଓପନିଂ ଉତ୍ସବରେ ଯୋଗ ଦେବାକୁ ଆସିଥିଲେ। ସେ ଏକ ବ୍ୟାଟ୍ରିଚାଳିତ କାର୍‌ରେ ଆସୁଥିବା ବେଳେ ସମ୍ପୃକ୍ତ ରାସ୍ତା ଓ ଠିକଣା ସମ୍ପର୍କରେ କିଛି ବି ସୂଚନା ପାଇ ନଥିଲେ। ଫୋନ୍‌ରେ ଠିକଣା ଜାଣିବା ପରେ ଗୁଗୁଲ୍ ମ୍ୟାପ୍‌ର ନିର୍ଦ୍ଦେଶ ଅନୁଯାୟୀ ରାସ୍ତା ଅତିକ୍ରମ କରୁଥିଲେ। ହଠାତ ପଣ୍ଡାସାହି ନିକଟରେ ନଦୀ ବନ୍ଧକୁ ଉଠିବାକୁ ଏକ ଉଠାଣି ରାସ୍ତା ଆସିଥିଲା। ସେମାନେ ଏହା ଜାଣି ନପାରି ଦ୍ରୁତଗତିରେ କାର୍‌କୁ ନେଇ ନଦୀ ବନ୍ଧକୁ ଉଠିଯାଇଥିଲେ। ଏହାପରେ ନଦୀ ବନ୍ଧରେ ଡାହଣକୁ ଯିବାକୁ ଥିବା ବେଳେ ସେମାନେ ଭାରସାମ୍ୟ ହରାଇ ସିଧା ନଦୀ ମଧ୍ୟକୁ କାର୍‌କୁ ଡିଆଁଇ ଦେଇଥିଲେ। କାର୍‌ଟି ନଦୀ ବନ୍ଧରୁ ସିଧା ନଦୀ ଭିତରୁ ଯାଇ ପଡ଼ିଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣକୁ ଉଦ୍ଧାର କରାଯାଇଛି। କିନ୍ତୁ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ କିମ୍ବା ଅନ୍ୟ ଜଣେ ଯୁବକଙ୍କ କୌଣସି ପତ୍ତା ମିଳିନାହିଁ।

SBI

**ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଇମେଲ୍: crpd@sbi.co.in

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/17**

| ପୋଷ୍ଟର ନାମ | ଖାଲି ପଦବୀ |
|---|---|
| ଭିପି ୱେଲ୍ଥ (ଏସଆରଏମ) | 506 |
| ଏଭିପି ୱେଲ୍ଥ (ଆରଏମ) | 206 |
| ଗ୍ରାହକ ସମ୍ପର୍କ କାର୍ଯ୍ୟନିର୍ବାହୀ | 284 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.12.2025 ରୁ 23.12.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 02.12.2025

**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

ସକାଳ
THE SAKALA

# ସମ୍ପାଦକୀୟ



ଖର୍ଚ୍ଚ କରିସାରିବା ପରେ ଯାହା ବଳିଲା, ତାକୁ ସଞ୍ଚୟ କର ନାହିଁ। ବରଂ, ସଞ୍ଚୟ କରି ସାରିବା ପରେ ଯାହା ବଳିଲା, ତାକୁ ଖର୍ଚ୍ଚ କର !
-ୱାରେନ୍ ବଫେଟ୍

## ଜେଲ୍ ବଦଳରେ ଜୋରିମାନା

ଓଡ଼ିଶା ନଦୀମାତୃକାର ରାଜ୍ୟ। ରାଜ୍ୟର ୭ଟି ପ୍ରମୁଖ ନଦୀ ଜଳ ଉପରେ ରାଜ୍ୟବାସୀଙ୍କ ନିର୍ଭରଶୀଳତା ଓ ଅଗ୍ରାଧିକାରକୁ ଉପେକ୍ଷା କରାଯାଇପାରିବ ନାହିଁ। ଅଥଚ କ୍ରମବର୍ଦ୍ଧିଷ୍ଣୁ ଶିଳ୍ପସଂସ୍ଥାମାନଙ୍କରୁ ନିର୍ଗତ ବର୍ଜ୍ୟ ଯୋଗୁଁ ନଦୀଜଳ ବିଷାକ୍ତ ହେବାରେ ଲାଗିଛି। ଏହାର ପ୍ରତିକାର ପରିବର୍ତ୍ତେ ଶିଳ୍ପ ସ୍ୱପ୍ନରେ ବିଭୋର ରାଜ୍ୟ ସରକାର ନଦୀଜଳକୁ ଶିଳ୍ପସଂସ୍ଥାଙ୍କ ହାତକୁ ସହଜରେ ଟେକି ଦେବାକୁ ମନସ୍ଥ କରିଥିବା ଭଳି ମନେ ହେଉଛି। ଜଳ ପ୍ରଦୂଷଣ ସକାଶେ ଦଣ୍ଡବିଧାନ ପାଇଁ ନ୍ୟାୟପାଳିକା ହାତରେ ଥିବା କ୍ଷମତାକୁ ସରକାର କାର୍ଯ୍ୟପାଳିକାକୁ ହସ୍ତାନ୍ତର କରିଛନ୍ତି। ଏଣିକି ଜଳପ୍ରଦୂଷଣକାରୀ ସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡ ବଦଳରେ ସରକାରଙ୍କ ନିର୍ଦ୍ଦେଶରେ ପ୍ରଶାସକ ଜୋରିମାନା ନିର୍ଦ୍ଧାରଣ କରିବେ। ନ୍ୟାୟପାଳିକା ଉପରେ ସରକାରଙ୍କ କର୍ତ୍ତୃତ୍ୱ ନାହିଁ କି ଓକିଲ ଓ ଅଦାଲତ ପଛରେ ଧାଇଁବାର ସମୟ ନାହିଁ। ତେଣୁ ଏହି ଜଞ୍ଜାଳରୁ ମୁକ୍ତ ହେବା ପାଇଁ ସରକାର ଉପରୋକ୍ତ ପଦକ୍ଷେପ ନେଇଥିବା ବେଳେ ନିୟମ ଖିଲାପକାରୀ ଶିଳ୍ପସଂସ୍ଥାଙ୍କ ପାଇଁ ଜେଲ୍ ଦଣ୍ଡର ଆଶଙ୍କା ଦୂର ହୋଇଛି। ଅପରପକ୍ଷରେ ନଦୀ କୂଳରେ ଗଢ଼ି ଉଠିଥିବା ସଭ୍ୟତା ପ୍ରତି ଆଗକୁ ଯେ ବିପଦ ମାଡ଼ି ଆସୁଛି, ତାହା ଅସ୍ୱୀକାର କରିହେବ ନାହିଁ।

ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନପାଳିକା ସର୍ବାଗ୍ରେ। ବହୁମତରେ ନିର୍ବାଚିତ ସରକାର ଯାହା ଆଇନଗତ ବ୍ୟବସ୍ଥା ଏବଂ ସଂଶୋଧନ ପଦକ୍ଷେପ ଗ୍ରହଣ କରିବେ ତାହା ସପକ୍ଷରେ ରାଜ୍ୟର ବୃହତ୍ତର ଜନସମୁଦାୟଙ୍କ ସମର୍ଥନ ଅଛି ବୋଲି ଧରି ନିଆଯାଉଛି। କିନ୍ତୁ ପାଣି, ପବନ ଓ ପରିବେଶ ଜନିତ ପ୍ରତିକୂଳ ପରିସ୍ଥିତିକୁ ଯିଏ ସମ୍ମୁଖୀନ ହେବେ ସେମାନଙ୍କ ନିକଟରେ ସରକାର ଉତ୍ତରଦାୟୀ ହେବା ବିଧେୟ। 'ଜଳ ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ୨୦୨୪'ରେ ସରକାରଙ୍କ ଏହି ଉତ୍ତରଦାୟିତ୍ୱ ପରିଲକ୍ଷିତ ହୋଇପାରିନାହିଁ। ବିରୋଧୀ ଦଳର ପ୍ରତିବାଦ ମଧ୍ୟ ମୂଲ୍ୟହୀନ ହୋଇଛି।

ପରିସଂଖ୍ୟାନ ଅନୁଯାୟୀ ରାଜ୍ୟର ୫୭ଟି ଶିଳ୍ପାନୁଷ୍ଠାନ ଉପରେ ଦୁଇବର୍ଷରେ ୫୮୯୦.୭୫ କୋଟି ଟଙ୍କା ଜଳକର ବକେୟା ପଡ଼ିଛି। ତାହା ଆଦାୟ କରିବାକୁ ଯେଉଁ ସରକାର ଅସମର୍ଥ ସେ ଜୋରିମାନା କିଭଳି ଆଦାୟ କରିବେ? ପରିସ୍ଥିତି ଏପରି ହୋଇଛି ଯେ ଦ୍ରୁତ ଶିଳ୍ପାୟନ ନାମରେ କିଛି ସଂସ୍ଥାଙ୍କ ହାତକୁ ସରକାର ମୂଲ୍ୟବାନ ଜଙ୍ଗଲ ଓ ଜମି ଟେକି ଦେବା ସହିତ ରାଜ୍ୟବାସୀଙ୍କୁ ଜଳ ଓ ବାୟୁ ପ୍ରଦୂଷଣରେ ହନ୍ତସନ୍ତ କରିବେ। ଓଡ଼ିଆ ଅସ୍ମିତା ନାମରେ କ୍ଷମତାକୁ ଆସିଥିବା ସରକାର ସଂସ୍କୃତି ଓ ସଭ୍ୟତାର ପ୍ରତୀକ ଆମ ନଦୀକୁ ଯେଉଁମାନଙ୍କ ହାତରେ ଟେକିଦେବାକୁ ଯାଉଛନ୍ତି ସେମାନେ କ'ଣ ଆମ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା କବଚ ହେବେ? ଦେଶ ରାଜନୀତିରେ ଉତ୍ତରାୟଣର ପ୍ରଭାବରେ ଯେଉଁ ବିଲକ୍ଷଣମାନ ଆମ ରାଜ୍ୟରେ ପରିଲକ୍ଷିତ ହେବା ଆରମ୍ଭ କରିଛି ତାହାର ସୁଦୂର ପ୍ରସାରୀ ପ୍ରଭାବ ଖୁବ୍‌ଶୀଘ୍ର ଅନୁଭୂତ ହେବ।

ଶିଳ୍ପ ନିବେଶକୁ ଆକର୍ଷଣ କରିବା ଉଦ୍ଦେଶ୍ୟରେ ଏହି ସଂଶୋଧିତ ଆଇନ ଅଣାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଛି। ଶିଳ୍ପ ସଂସ୍ଥାଙ୍କୁ ଛୋଟଛୋଟ ଅପରାଧରୁ ମୁକ୍ତ କରିବା, ନିୟାମକ ବୋଝ ହ୍ରାସ ଏବଂ ଦଣ୍ଡ ବଦଳରେ ଅନୁପାଳନକୁ ଗୁରୁତ୍ୱ ଦିଆଯିବ ବୋଲି ସରକାର ସ୍ପଷ୍ଟ କରିବା ପରେ ଏ ନେଇ ଅଧିକ ବିତର୍କର ଆବଶ୍ୟକତା ନାହିଁ। କିନ୍ତୁ ବୁଝାମଣା ସ୍ୱାକ୍ଷର ବେଳେ ନିଯୁକ୍ତି ସୁଯୋଗର ଯେଉଁ ପରିସଂଖ୍ୟାନ ଦର୍ଶାଯାଇଛି ସେଥିରେ ମନେହୁଏ ଆମ ରାଜ୍ୟରେ ଆଉ କେହି ବେକାର ରହିବେନି। ସମଗ୍ର ଦେଶରେ ଯେଉଁ ସମସ୍ୟା ସମସ୍ତଙ୍କ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି, ତାହାକୁ ସତେଯେପରି ଓଡ଼ିଶା ହିଁ ପ୍ରଥମେ ସମାଧାନ କରିଦେବ। ହୁଏତ ସେଥିପାଇଁ ରାଜ୍ୟବାସୀଙ୍କୁ ଜୀବନଜୀବିକାର ଆଧାର ନଦୀ ଜଳ ପ୍ରଦୂଷଣ ଭଳି ବଡ଼ ବଳିଦାନ ଦେବାକୁ ହେବ।

## ସାଇବର ଅପରାଧ ଗୁମର ଖୋଲିଲା

ସାଇବର ଅପରାଧୀଙ୍କ ଦଲାଲ୍ ଓଡ଼ିଶାରେ ସକ୍ରିୟ। ଦୁଇଦିନ ତଳେ ରାଉରକେଲାରେ ହୋଇଥିବା ଧରପଗଡ଼ରୁ ଏହା ସ୍ପଷ୍ଟ ହୋଇଛି। ବ୍ୟାଙ୍କ କର୍ମଚାରୀଙ୍କ ସମ୍ପୃକ୍ତି ଓ ସହଯୋଗ ବିନା ଅଚଳ ଆକାଉଣ୍ଟକୁ ସଚଳ କରାଇ ସାଇବର ଅପରାଧୀ କିମ୍ବା ଦଲାଲ୍‌ଙ୍କ ହାତକୁ ଟେକିଦେବା ସମ୍ଭବ ନୁହେଁ। ତିନିଜଣ ବ୍ୟାଙ୍କ କର୍ମଚାରୀଙ୍କ ଗିରଫ ପରେ ସାଇବର ଅପରାଧୀଙ୍କ ସହିତ ବ୍ୟାଙ୍କର ମଧୁଚନ୍ଦ୍ରିକା ଥିବା ମଧ୍ୟ ପ୍ରମାଣିତ ହୋଇଛି।

ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସହ ଉପଭୋକ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟ ଖୋଲିବାର ବାଧ୍ୟବାଧକତା ଏ କ୍ଷେତ୍ରରେ ସହାୟକ ହୋଇଛି। ଟଙ୍କା ଉଠାଇନେବା ପରେ ଅଚଳ ହୋଇପଡ଼ିଥିବା ସମ୍ପୃକ୍ତ ଆକାଉଣ୍ଟରେ ଭଲ-ମନ୍ଦ ନେଇ ସଚେତନ ନଥା'ନ୍ତି ଗ୍ରାହକମାନେ। ସେହିପରି ଜାଲ୍ କାଗଜପତ୍ର ମାଧ୍ୟମରେ କେୱାଇସି ପୂରଣ କରି ଅଚଳ ଆକାଉଣ୍ଟଗୁଡ଼ିକୁ ସଚଳ କରି ଦେଇଥା'ନ୍ତି ଅସାଧୁ ବ୍ୟାଙ୍କ କର୍ମଚାରୀମାନେ। ସାଇବର ଦଲାଲଙ୍କୁ ଏହି ଆକାଉଣ୍ଟ ବିକ୍ରି କରି ଦିଆଯାଇଥିବାରୁ ସେଥିରେ 'ଫୋନ୍ ପେ', 'ଗୁଗୁଲ୍ ପେ' ଓ 'ପେଟିଏମ୍' ଆଦି ପେ ଆପ୍ ମାଧ୍ୟମରେ ଡିଜିଟାଲ୍ କାରବାର ଉପଲବ୍ଧ ହେବାର କୌଣସି ପ୍ରତିବନ୍ଧକ ରହୁନାହିଁ। ସାଇବର ଅପରାଧୀମାନେ ସହଜରେ ସେହିସବୁ ଆକାଉଣ୍ଟ ଜରିଆରେ ସେମାନଙ୍କ କାରବାର ଜାରି ରଖିଛନ୍ତି। ଏହାର ଅନ୍ୟ ଏକ ରୋଚକ ଦିଗ ହେଲା କେତେକ ବ୍ୟାଙ୍କ ଖାତାଧାରୀ ନିଜ ଆକାଉଣ୍ଟକୁ ସାଇବର ଅପରାଧୀଙ୍କୁ ବିକ୍ରି କରି କିମ୍ବା ଭଡ଼ାରେ ଦେଇ ଅର୍ଥ ଉପାର୍ଜନ କରୁଛନ୍ତି। ରାଜ୍ୟରେ ଏ ପ୍ରକାର ୧୧୦୦ ରୁ ୧୨୦୦ ଜାଲ୍ ଆକାଉଣ୍ଟ ମାଧ୍ୟମରେ ସାଇବର ଅପରାଧୀ ସକ୍ରିୟ ଅଛନ୍ତି। ଏ କ୍ଷେତ୍ରରେ ଘରୋଇ ବ୍ୟାଙ୍କର ଭୂମିକା ସବୁଠାରୁ ଅଧିକ ସନ୍ଦିଗ୍ଧପୂର୍ଣ୍ଣ।

ସାଇବର ଅପରାଧର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି 'ଡିଜିଟାଲ୍ ଆରେଷ୍ଟ'। ଆଇନ ପ୍ରବର୍ତ୍ତନକାରୀ ଅଧିକାରୀ ଭାବେ ପରିଚୟ ଦେଇ ସାଇବର ଅପରାଧୀ ଅଡିଓ କିମ୍ବା ଭିଡିଓ କଲ୍ ମାଧ୍ୟମରେ ସାଧାରଣ ଲୋକଙ୍କୁ, ବିଶେଷକରି ବୟୋଜ୍ୟେଷ୍ଠ ନାଗରିକଙ୍କୁ ଲୁଟୁଛନ୍ତି। ୨୦୨୪ରେ ଏ ପ୍ରକାର ସାଇବର ଅପରାଧ ମାମଲା ଥିଲା ୧, ୨୩, ୬୭୨। କିନ୍ତୁ ଆମ ବ୍ୟବସ୍ଥା ଏ ପ୍ରକାର ଅପରାଧକୁ ରୋକିବାରେ ସମର୍ଥ ହେଉ ନଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ 'ଡିଜିଟାଲ୍ ଆରେଷ୍ଟ' ତଦନ୍ତ ପାଇଁ ଅତିରିକ୍ତ କ୍ଷମତା ଓ ଦାୟିତ୍ୱ ଦିଆଯାଇଛି। ପୁଞ୍ଜି ବିନିଯୋଗର ସୁଯୋଗ ଓ ଅସ୍ଥାୟୀ ନିଯୁକ୍ତି ସୁବିଧା ଯୋଗାଇ ଦେବା ଆଳରେ ହେଉଥିବା ବଡ଼ ଧରଣର ଦୁର୍ନୀତିକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କ ଉପରୋକ୍ତ ନିର୍ଦ୍ଦେଶ ସାଇବର ଅପରାଧକୁ ଅନେକାଂଶରେ ପ୍ରତିହତ କରିବାରେ ସହାୟକ ହେବ ବୋଲି ଆଶା ରହିଛି।

# ବାୟୁ ଗୁଣବତ୍ତା ସୂଚକ: ଦିଲ୍ଲୀ ବନାମ ଓଡ଼ିଶା

**ଡ. ବିଜୟ କେତନ ପଟ୍ଟନାୟକ**

ନଭେମ୍ବର ମାସ (୨୦୨୫) ପ୍ରଥମ ସପ୍ତାହରେ ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକ 'ଅତିଖରାପ' ବା ଅତି ଅସ୍ୱାସ୍ଥ୍ୟକରରୁ 'ସାଂଘାତିକ' ସ୍ତରରେ ପହଞ୍ଚିଥିଲା। ସେହି ପରିପ୍ରେକ୍ଷୀରେ ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶ୍ୱାସରୋଗ ବିଶେଷଜ୍ଞ ଡାକ୍ତର ଗୋପୀଚାନ୍ଦ ଖିଲନାନୀ 'ଇଣ୍ଡିଆନ୍ ଏକ୍ସପ୍ରେସ୍'କୁ ସାକ୍ଷାତାକାରରେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାହା ପ୍ରାୟତଃ ସବୁ ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କରିବା ସହିତ ଦିଲ୍ଲୀବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ତାଙ୍କ ମତରେ ସମସ୍ତଙ୍କ ପାଇଁ ଦିଲ୍ଲୀ ଛାଡ଼ି ବାହାରକୁ ଯିବା ହୁଏତ ବିଭିନ୍ନ ଦୃଷ୍ଟିରୁ ସମ୍ଭବପର ହୋଇ ନପାରେ। କିନ୍ତୁ ଯେଉଁମାନେ ଦୀର୍ଘକାଳୀନ ଶ୍ୱାସରୋଗ କିମ୍ବା ହୃଦ୍‌ରୋଗରେ ପୀଡ଼ିତ, ଯେଉଁମାନେ ସମୟେ ସମୟେ ଅମ୍ଳଜାନ ନେବା ଆବଶ୍ୟକ କରିଥା'ନ୍ତି ଏବଂ ଯେଉଁମାନଙ୍କର ସୁବିଧା, ସୁଯୋଗ ଓ ଆର୍ଥିକ ସ୍ୱଚ୍ଛଳତା ରହିଛି, ସେମାନେ ବିଦେଶକୁ କିମ୍ବା ଆପେକ୍ଷାକୃତ କମ୍ ପ୍ରଦୂଷିତ ଅଞ୍ଚଳକୁ ଅନ୍ତଃତପକ୍ଷେ ୬ରୁ ୮ ସପ୍ତାହ ଚାଲିଯିବା ଉଚିତ।

ବାୟୁ ଗୁଣବତ୍ତା ସୂଚକ ୨୦୧-୩୦୦ ଭିତରେ ଥିଲେ ଏହା 'ଅତ୍ୟନ୍ତଖରାପ' ବା 'ଅସ୍ୱାସ୍ଥ୍ୟକର' ଏବଂ '୩୦୧-୫୦୦' ଭିତରେ ରହିଲେ 'ସାଂଘାତିକ' ବା 'ବିପଜ୍ଜନକ' ବୋଲି ଧରାଯାଏ। ଦେଶର ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଶପଥ ଗ୍ରହଣ କରିବାର ପରଦିନ ଅଦାଲତରେ ଶୁଣାଣି ଅବସରରେ କ୍ଷୋଭ ପ୍ରକାଶ କରି କହିଥିଲେ, ପୂର୍ବଦିନ ସନ୍ଧ୍ୟାରେ ୫୫ ମିନିଟ୍ ବାହାରେ ଭ୍ରମଣ କରିବା ପରେ ସେ ଅଣନିଃଶ୍ୱାସୀ ହୋଇ ଅସୁସ୍ଥତା ଅନୁଭବ କରିଥିଲେ। ସେ ସମୟରେ ଦିଲ୍ଲୀ ସହରରେ ବାୟୁରୁ ଗୁଣବତ୍ତା ସୂଚକ ୪୦୦ ରୁ ୫୦୦ ମଧ୍ୟରେ, ଅର୍ଥାତ୍ 'ବିପଜ୍ଜନକ' ସ୍ତରରେ ରହିଥିଲା। ଦିଲ୍ଲୀ ଏମ୍ସର ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଜାଟ୍‌ଙ୍କ ମତରେ, ଗର୍ଭବତୀମାନେ ପ୍ରଦୂଷିତ ବାୟୁ ସେବନ କରିବା ଦ୍ୱାରା ତାହା ତାଙ୍କ ରକ୍ତ ପ୍ରବାହରେ ସଂଚାରିତ ହୋଇ ଗର୍ଭସ୍ଥ ଭ୍ରୂଣକୁ ପ୍ରବାହିତ କରୁଛି। କାରଣ ଗର୍ଭସ୍ଥ ଶିଶୁର ଭ୍ରୂଣ ମା'ଦେହରେ ପ୍ରବାହିତ ରକ୍ତରୁ ଅମ୍ଳଜାନ ଓ ଆବଶ୍ୟକୀୟ ପୋଷକ ତତ୍ତ୍ୱ ପାଇଥାଏ। ଏହି କାରଣରୁ ଶ୍ୱାସକ୍ରିୟାରେ ପ୍ରଦୂଷିତ ବାୟୁ ସେବନ କରୁଥିବା ମା'ଙ୍କ ଠାରୁ ଜନ୍ମିତ ଶିଶୁର ଫୁସ୍‌ଫୁସ୍ ଅପେକ୍ଷାକୃତ ଛୋଟ ଆକାରର ହୋଇଥାଏ। ଶିଶୁମାନେ ନିଜ ଶରୀର ଓଜନ ଅନୁପାତରେ ଅଧିକ ପରିମାଣର ବାୟୁ ଶ୍ୱାସକ୍ରିୟାରେ ଗ୍ରହଣ କରିଥା'ନ୍ତି। ତେଣୁ ସେମାନେ ବୟସ୍କଙ୍କ ତୁଳନାରେ ସମାନ ପରିମାଣର ବାୟୁରୁ ଅଧିକ ମାତ୍ରରେ ପ୍ରଦୂଷକ ଗ୍ରହଣ କରିଥା'ନ୍ତି। ଏହାବ୍ୟତୀତ ସେମାନଙ୍କର ଶ୍ୱାସନଳୀ ମଧ୍ୟ ନିଃଶ୍ୱାସ ପ୍ରଶ୍ୱାସ ନେବା ସମୟରେ ବାୟୁରୁ ପ୍ରଦୂଷକ ଛାଣି ରଖିବାକୁ ସକ୍ଷମ ହୋଇ ନ ଥାଏ। ତେଣୁ ଆଜିକାଲି ଶିଶୁମାନେ ଥଣ୍ଡା, କାଶ, କଫ ଓ ଆଜ୍‌ମା ଭଳି ରୋଗରେ ଅଧିକ ଆକ୍ରାନ୍ତ ହେଉଛନ୍ତି।

ତିରିଶ ଚାଳିଶ ବର୍ଷ ପୂର୍ବେ ଦୀର୍ଘକାଳୀନ ଫୁସ୍‌ଫୁସ୍ ଅବରୋଧ ରୋଗର ମୁଖ୍ୟ କାରକ ଥିଲା ଧୂମପାନ ଓ ତମାଖୁ ସେବନ। ଏବେ ୫୦ ପ୍ରତିଶତ କ୍ଷେତ୍ରରେ ଫୁସଫୁସ୍ ସଂକ୍ରାନ୍ତୀୟ ରୋଗର ମୁଖ୍ୟ କାରଣ ହେଉଛି ଉଭୟ ଆନ୍ତଃ ଓ ବାହ୍ୟ ବାୟୁ ପ୍ରଦୂଷଣ। ପୂର୍ବରୁ ୮୦ ପ୍ରତିଶତରୁ ଅଧିକ ଫୁସ୍‌ଫୁସ୍ କର୍କଟ ଧୂମପାନ ବା ତମାଖୁ ସେବନ କାରଣରୁ ହେଉଥିବା ବେଳେ ଏବେ ୪୦ ପ୍ରତିଶତରୁ ଅଧିକ ବ୍ୟକ୍ତି, ଯେଉଁମାନେ କେବେ ବି ଧୂମପାନ କରନ୍ତି ନାହିଁ, ସେମାନଙ୍କୁ ଫୁସ୍‌ଫୁସ୍ କର୍କଟ ହେବାର ଦେଖାଯାଉଛି। ସେମାନଙ୍କ ଭିତରୁ ଅଧିକାଂଶ ଯୁବଗୋଷ୍ଠୀର। କେବଳ ଫୁସ୍‌ଫୁସ୍ ଜନିତ ରୋଗ ନୁହେଁ, ବାୟୁ ପ୍ରଦୂଷଣ କାରଣରୁ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଯଥା ହୃଦୟ, ମସ୍ତିଷ୍କ, ବୃକ୍କ ଓ ଖାଦ୍ୟନଳୀ ସଂକ୍ରମିତ ହୋଇଥାଏ। ୨୦୨୩ ମସିହାରେ ଆମେରିକାର ଚିକାଗୋ ବିଶ୍ୱବିଦ୍ୟାଳୟର ଶକ୍ତିନୀତି ସଂସ୍ଥା ପ୍ରାୟ ଲକ୍ଷାଧିକ ରୋଗୀଙ୍କ ଉପରେ ଗବେଷଣା କରି ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଛି, ବାୟୁ ପ୍ରଦୂଷଣ କାରଣରୁ ଭାରତୀୟମାନଙ୍କର ଜୀବନ ଅବଧି କାଳ ୫.୩ ବର୍ଷ ହ୍ରାସ ପାଇଛି ଏବଂ ବିଶେଷକରି ଦିଲ୍ଲୀରେ ସ୍ଥାୟୀ ବସବାସ କରୁଥିବା ଅଧିବାସୀମାନଙ୍କର ଜୀବନ ଅବଧି ହ୍ରାସ ପାଇଛି ୧୧.୯ ବର୍ଷ। ଏହି କ୍ଷେତ୍ରରେ ସମଗ୍ର ଦେଶରେ ବାଂଲାଦେଶ ପଛକୁ ରହିଛି ଭାରତ। ୨୦୨୪ ମସିହାରେ ପ୍ରକାଶିତ ଲାନ୍ସେଟ ରିପୋର୍ଟ ମୁତାବକ ଭାରତରେ ପ୍ରତିବର୍ଷ ପ୍ରାୟ ୧୫ ଲକ୍ଷ ଲୋକ କେବଳ ବାୟୁ ପ୍ରଦୂଷଣ କାରଣରୁ ମୃତ୍ୟୁବରଣ କରିଥା'ନ୍ତି।

ବାୟୁ ପ୍ରଦୂଷଣ ଦୃଷ୍ଟିକୋଣରୁ ଦିଲ୍ଲୀର କୁଖ୍ୟାତି ସାରା ବିଶ୍ୱରେ ରହିଛି। ୨୦୨୪ ମସିହାରେ 'ସ୍ୱିସ୍ ବାୟୁ ଗୁଣବତ୍ତା ନିର୍ଦ୍ଧାରକ କମ୍ପାନୀ(ଆଇକ୍ୟୁଏୟାର) ଦ୍ୱାରା ପ୍ରସ୍ତୁତ ବିଶ୍ୱ ବାୟୁ ଗୁଣବତ୍ତା ସୂଚକ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଦିଲ୍ଲୀ ବିଶ୍ୱରେ ସର୍ବାଧିକ ପ୍ରଦୂଷିତ ରାଜଧାନୀ ସହର ଏବଂ ଭାରତ ବିଶ୍ୱର ପଞ୍ଚମ ପ୍ରଦୂଷିତ ରାଷ୍ଟ୍ର। ୨୦୨୩ ମସିହାରେ ଭାରତ ତୃତୀୟ ସ୍ଥାନରେ ଥିଲା। ବିଶ୍ୱର ସର୍ବାଧିକ ପ୍ରଦୂଷିତ ୨୦ ଟି ସହର ମଧ୍ୟରୁ ୧୩ ଟି ସହର ଆମ ଦେଶର। ଏହି ୧୩ଟି ସହର ମଧ୍ୟରେ ରହିଛି ବିର୍ଣ୍ଣିହାଟ୍(ଆସାମ ମେଘାଳୟ ସୀମାନ୍ତ), ଦିଲ୍ଲୀ, ମୁଲାନ୍‌ପୁର(ପଞ୍ଜାବ), ଫରିଦାବାଦ ଓ ଗୁରୁଗ୍ରାମ (ହରିୟାଣା); ଲୋନି, ନୋଏଡ଼ା, ମୁଜାଫରଗର (ଉତ୍ତର ପ୍ରଦେଶ) ଏବଂ ଭିଲୱାଡ, ଗଙ୍ଗାନଗର, ହନୁମାନଗଡ଼(ରାଜସ୍ଥାନ)। ସାମଗ୍ରିକ ଭାବରେ ଆମଦେଶର ୩୫ ପ୍ରତିଶତ ସହରରେ ବାର୍ଷିକ ପାର୍ଟିକୁଲଟ ମ୍ୟାଟକୁଲଟ ମ୍ୟାଟର (ପି.ଏମ୍) ୨.୫ର ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରସ୍ତୁତ ନିରାପଦ ସୂଚକ ଠାରୁ ୧୦ ଗୁଣା ଅଧିକ ରହିଛି। ପିଏମ ୨.୫ ହେଉଛି ବାୟୁରେ ଥିବା ପ୍ରଦୂଷକ କଣିକା, ଯାହାର ଆକୃତି ୨.୫ ମାଇକ୍ରନ ବା ତା'ଠାରୁ କମ୍।

ଅନ୍ତଃତପକ୍ଷେ, ଆମ ପାଇଁ ଆଶ୍ୱାସନାର ବିଷୟ ଏହି ଯେ, ଉପରୋକ୍ତ ୧୩ଟି ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଆମ ଓଡ଼ିଶାର କୌଣସି ସହର ନାହିଁ। କିନ୍ତୁ ପରିବେଶ ଓ ପରିସ୍ଥିତି ଧୀରେ ଧୀରେ ବଦଳିବାରେ ଲାଗିଛି। ନିକଟରେ 'ଡାଉନ ଟୁ ଆର୍ଥ' ମାଗାଜିନରେ ଦିଲ୍ଲୀ ଓ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକର ୧ ନଭେମ୍ବରରୁ ୧୨ ନଭେମ୍ବର ପର୍ଯ୍ୟନ୍ତ ସଂଗୃହୀତ ତଥ୍ୟର ଏକ ଗ୍ରାଫ୍ ପ୍ରକାଶ ପାଇଥିଲା। ସବୁଠାରୁ ଅପ୍ରତ୍ୟାଶିତ ମନେ ହେଲା ନଭେମ୍ବର ୫ ତାରିଖ ଦିନ ଓଡ଼ିଶାର ବାୟୁ ଗୁଣବତ୍ତା ସୂଚକ ଦିଲ୍ଲୀଠାରୁ ଅଧିକ। ଅର୍ଥାତ୍ ପାଖାପାଖି ୨୩୦ ରହିଥିଲା। ଏହା ଅତ୍ୟଧିକ ଖରାପ ବା ଅସ୍ୱାସ୍ଥ୍ୟକର। ସେହି ମାଗାଜିନ୍‌ରେ ଓଡ଼ିଶାର ବିଭିନ୍ନ ସହରର ନଭେମ୍ବର ୧୨ ତାରିଖର ବାୟୁ ଗୁଣବତ୍ତା ସୂଚକ ଆକଳନ କରାଯାଇଛି। ସର୍ବାଧିକ ୩୦୩ ପିଏମ୍ ୨.୫ କଟକରେ ଏବଂ ୨୭୦ ଭୁବନେଶ୍ୱରରେ ରହିଥିଲା। ଏହା ପଛକୁ ଥିଲା ଅନୁଗୋଳ ୨୫୦, ବଡ଼ବିଲ ୨୧୬ ଏବଂ ଅନୁଗୋଳ ନିକଟସ୍ଥ ତାଳଚେର ସହର ୨୧୩ ପିଏମ ୨.୫।

ପୁନର୍ବାର ଗତ କିଛିଦିନ ତଳେ ଦେଶର ଦ୍ୱିତୀୟ ବା ତୃତୀୟ ପ୍ରଦୂଷିତ ସହର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକଠାରୁ ଓଡ଼ିଶାର ମାନକ ଟପିଯାଇଛି। ଏଥର ଏହା ଘଟିଛି ରାଜ୍ୟର ଅନ୍ୟତମ ଶିଳ୍ପାଞ୍ଚଳ ଅନୁଗୋଳ ସହରରେ। ଗତ ନଭେମ୍ବର ୨୫ ତାରିଖରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାରି କରିଥିବା ବୁଲେଟିନ ମୁତାବକ, ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆର) ୩୨୭ ଥିଲା ବେଳେ ଅନୁଗୋଳରେ ୩୩୭ ରେକର୍ଡ କରାଯାଇଛି। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଓ କଟକରେ ମଧ୍ୟ ସେଦିନ ଏକ୍ୟୁଆର ଥିଲା ୩୦୮। ତେଣୁ ସେଦିନ ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଓଡ଼ିଶାର ଅନୁଗୋଳ ସହର ଯୋଡ଼ି ହେବା ନିଶ୍ଚିତ ଭାବେ ଏକ ଚିନ୍ତାଜନକ ବିଷୟ। ଏହି ପ୍ରଦୂଷଣ ସ୍ତର ପରବର୍ତ୍ତୀ ଦୁଇଦିନ ପର୍ଯ୍ୟନ୍ତ ମଧ୍ୟ ଲାଗି ରହିଥିଲା।

ଚଳିତ ନଭେମ୍ବର ମାସରେ ତିନି/ଚାରିଦିନ ପାଇଁ ହେଉ ପଛେ ଓଡ଼ିଶାର ତିନୋଟି ସହର ଦେଶର ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଧସେଇ ପଶିବାର ଉଦ୍ୟମ କରିଛି। ଅନୁଗୋଳରେ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କଳକାରଖାନା, ବିଶେଷକରି ତାପଜ ବିଦ୍ୟୁତ୍ କେନ୍ଦ୍ରରୁ, ନିର୍ଗତ ଧୂମ୍ର କଣିକା, କୋଇଲା ଖଣି ଓ ଆଲୁମିନିୟମ କାରଖାନାରୁ ନିର୍ଗତ ପ୍ରଦୂଷିତ ବାୟୁ। ଭୁବନେଶ୍ୱର ଓ କଟକରେ ବାୟୁ ପ୍ରଦୂଷଣ ମୁଖ୍ୟତଃ ଯାନବାହନରୁ ନିର୍ଗତ ଧୂଆଁ ଏବଂ ନିର୍ମାଣ କାର୍ଯ୍ୟରୁ ସୃଷ୍ଟି ହେଉଥିବା ଧୂଳିରୁ ହୋଇଥାଏ। ସବୁଠାରୁ ବିଡ଼ମ୍ବନାର ବିଷୟ ଏହି ଯେ ଗତ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ତରଫରୁ ଅନୁଗୋଳ ମ୍ୟୁନିସିପାଲିଟିକୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ୨୦୨୫ ମିଳିଛି। ବାୟୁ ପ୍ରଦୂଷଣ ହ୍ରାସ କରିବାରେ ଅନୁଗୋଳ ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ତରଫରୁ ଏହି ଚୟନ କରାଯାଇଥିଲା। ଏବେ ବିଚାର କରିବାର କଥା ଏହି ଆତ୍ମତୃପ୍ତି ଭବିଷ୍ୟତରେ ଆମ ପାଇଁ ଆତ୍ମଘାତୀ ହେବ ନାହିଁ ତ?

(ଉପସଭାପତି, ଓଡ଼ିଶା ପରିବେଶ ସମିତି, ପୂର୍ବତନ ରାଜ୍ୟ ପରିବେଶ ନିର୍ଦ୍ଦେଶକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ସ୍ମାର୍ଟସିଟିରେ ନିରାଶ୍ରୟର ବ୍ୟଥା

**ପଞ୍ଚାନନ ଅଗ୍ରୱାଲ**

ଏବେ ଶୀତଋତୁ। ପ୍ରବଳ ଶୀତରେ ଥରି ଥରି ଫଟା ଚାଦରଟିଏ ଘୋଡ଼ାଇ ରାତିରେ ଫୁଟପାଥରେ କିଛି ଲୋକ ଶୋଇଥିବା ଦେଖାଯାଏ। ରାତି ଅନ୍ଧାର ମାଡ଼ି ଆସିଲେ କିଛି ବେସାହାରା ଲୋକ ପୋଲ ତଳେ, ଦୋକାନ ପିଣ୍ଡା ଉପରେ, ପାର୍କର ବେଞ୍ଚ ଉପରେ ଥରି ଥରି ରାତି କଟାଉଥିବା ଦେଖାଯାଏ। ସେମାନଙ୍କ ମଧ୍ୟରୁ କେହି ବୃଦ୍ଧବୃଦ୍ଧା ରୋଗୀଙ୍କ ଜୀବନଦୀପ ସେହି ଅନ୍ଧାର ରାତିରେ ଲିଭିଯାଇଥାଏ। ତାହା କୌଣସି ସମ୍ବାଦପୃଷ୍ଠାରେ ସ୍ଥାନ ପାଏ ନାହିଁ। ଏଭଳି ମୃତ୍ୟୁ ସାମାଜିକ ବ୍ୟବସ୍ଥାର ତ୍ରୁଟି ଏବଂ ସମ୍ବେଦନହୀନତାର କ୍ରୂର ଆଇନା।

କିଛିଦିନ ପୂର୍ବେ 'ସେଣ୍ଟର ଫର ହୋଲିଷ୍ଟିକ ଡେଭେଲପମେଣ୍ଟ' ପକ୍ଷରୁ ତଥ୍ୟ ମିଳିଥିଲା ଯେ ନଭେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ - ୫୬ ଦିନ ମଧ୍ୟରେ ଦିଲ୍ଲୀରେ ୪୭୪ ଜଣ ବାସହୀନ ଲୋକଙ୍କ ଥଣ୍ଡାରେ ମୃତ୍ୟୁ ହୋଇଛି। ଏହି ତଥ୍ୟ ଜିଲ୍ଲାସ୍ତରରୁ ଡାକ୍ତରଖାନାର ସର୍ବେକ୍ଷଣ ଦସ୍ତାବିଜ ଆଧାରିତ ଥିଲା। ରାଷ୍ଟ୍ରୀୟ ମାନବାଧିକାର ଆୟୋଗ ଏହି ନିମନ୍ତେ ଦିଲ୍ଲୀ ପ୍ରଶାସନକୁ ବିସ୍ତୃତ ରିପୋର୍ଟ ମାଗିଥିଲେ। ବାସ୍ତବିକ ତଥ୍ୟ ଆହୁରି ଅଧିକ ହେବ। ଫୁଟପାଥ ଉପରେ ପଡ଼ିଥିବା ଶବକୁ ଅଜ୍ଞାତ କହି ତା'ର ଦାହ କରାଯାଉଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ ଶତକଡ଼ା ୮୦ଭାଗ ମୃତ୍ୟୁ ପରିଚୟହୀନ ଭାବେ ହଜିଯାଉଛି। ୨୦୨୪ରେ ଭାରତରେ ୩୨୩୮ ମୃତ୍ୟୁ ହୋଇଥିଲା, ଯାହା ୨୦୨୨ର ତୁଳନାରେ ୧୮ଭାଗ ଅଧିକ ଥିଲା। ଅର୍ଥାତ୍ ଶୀତଲହରୀର ପ୍ରଭାବ ବଢ଼ି ଚାଲିଛି।

ଏହି ସଙ୍କଟ କେବଳ ଦିଲ୍ଲୀରେ ସୀମିତ ନୁହଁ। କାନପୁରରେ ୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ୯୮ଜଣଙ୍କ ମୃତ୍ୟୁ ହୋଇଥିଲା। ଏନଏଚଆରସି ଅକ୍ଟୋବର ୨୦୨୫ରେ ୧୯ ରାଜ୍ୟ ଏବଂ ୪ଟି କେନ୍ଦ୍ର ଶାସିତ ପ୍ରଦେଶକୁ ଚେତାବନୀ ଜାରି କରିଥିଲେ, ଯେଉଁଥିରେ ବାସହୀନ, ନବଜାତ ଶିଶୁ, ବୟସ୍କ ଗରୀବ ଶ୍ରେଣୀର ଲୋକମାନଙ୍କୁ ଶୀତଦାଉରୁ ସୁରକ୍ଷା ଦେବା ପାଇଁ ଉଲ୍ଲେଖ ଥିଲା। କିନ୍ତୁ କାର୍ଯ୍ୟକାରିତା ସରକାରୀ କାଗଜ ଭିତରେ ହିଁ ସୀମିତ ରହିଯାଇଛି। ୨୦୧୧ ଜନଗଣନା ଅନୁସାରେ, ଦେଶର ସହରାଞ୍ଚଳମାନଙ୍କରେ ୯, ୩୮, ୩୪୮ ଲୋକ ବାସହୀନ ଥିଲେ। ବର୍ତ୍ତମାନ ଏହି ସଂଖ୍ୟା ଦେଢ଼କୋଟି ପାର ହୋଇଯାଇଛି। ଦିଲ୍ଲୀରେ କେବଳ ୩ଲକ୍ଷ ରୁ ୪ଲକ୍ଷ ବାସହୀନ ଅଛନ୍ତି, ଯେଉଁମାନେ ପ୍ରବାସୀ ଶ୍ରମିକ, ରିକ୍ସା ଚାଳକ, ପରିବା ବିକ୍ରେତା, ଘର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀ। ଅଗଷ୍ଟ ୨୦୨୪ରେ କରାଯାଇଥିବା ଗଣତିରେ ୧, ୫୬, ୩୬୯ ଲୋକ ରାତି ୧୧ଟାରୁ ସକାଳ ୫.୩୦ ଯାଏଁ ସଡ଼କ ଉପରେ ଶୋଇଥିବା ଦେଖାଯାଇଥିଲା। ବନ୍ୟା, ମରୁଡ଼ି, ମହଙ୍ଗା, ବେରୋଜଗାର ଓ ଋଣଭାର ଯୋଗୁଁ ଅଧିକରୁ ଅଧିକ ଲୋକ ଏବେ ସହରମୁହାଁ ହେଉଛନ୍ତି। ସହରୀକରଣ ଯୋଗୁଁ ଗାଁ ଖାଲି ହେବାକୁ ଲାଗିଛି। ଦିଲ୍ଲୀ ମାଷ୍ଟର ପ୍ଲାନ ଅନୁସାରେ ୨୦୪୧ ସୁଦ୍ଧା ସ୍ମାର୍ଟ ହେବାର ସ୍ୱପ୍ନ ଦେଖୁଛି। କିନ୍ତୁ ବାସହୀନ ଲୋକଙ୍କୁ କେହି ଶୁଣିବାର ନାହିଁ।

ଭୁବନେଶ୍ୱର ସାଲିଆ ସାହି ଉଚ୍ଛେଦର ତୃତୀୟ ଦିନରେ ୫୫୬ ଘର ମାଟିରେ ମିଶିଛି। ନିଜ ଜିଦ୍‌ରେ ଅଟଳ ରହି କିଛି ପରିବାର ଖୋଲା ପଡ଼ିଆରେ ପାଲ ତଳେ ଦିନ କାଟୁଛନ୍ତି। ଓଳିଏ ଖାଇଲେ ଆଉ ଓଳିକୁ ଉପବାସ। ଛୋଟ ପିଲା, ବୃଦ୍ଧବୃଦ୍ଧା ଖରାକାକରରେ ପଡ଼ିରହିଛନ୍ତି। ପ୍ରଧାନମନ୍ତ୍ରୀ ଆବସ ଯୋଜନାର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ଘର। ୨୦୧୫ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨୦୨୨ ପର୍ଯ୍ୟନ୍ତ ସମସ୍ତଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଥିଲା। ୨୦୨୫ ସରିବାକୁ ବସିଲାଣି। ଏହି ଯୋଜନାର ବିସ୍ତାର କରି ପିଏମୱାଇ ଅର୍ବାନ ୨-୦ ଅଣାଗଲା। କିନ୍ତୁ ବାସହୀନ ଲୋକଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ସରକାର କହୁଛନ୍ତି, ପ୍ରତି ୨୦ ମିନିଟରେ ୧୫୦ ଘର ନିର୍ମାଣ ଚାଲିଛି। କିନ୍ତୁ ଏ ସବୁ କାଗଜରେ ହିଁ ରହିଯାଉଛି। ସେପ୍ଟେମ୍ବର ୨୦୨୫ରେ ମନ୍ତ୍ରଣାଳୟ ରାଜ୍ୟମାନଙ୍କ ସହ ସମୀକ୍ଷା କଲେ। କିନ୍ତୁ ସମୟ ଅନୁସାରେ କେନ୍ଦ୍ରୀୟ ସହାୟତା ନ ମିଳିବାରୁ ପ୍ରଗତି କାର୍ଯ୍ୟ ବନ୍ଦ ହୋଇଥିବା ଜଣାପଡ଼ିଲା।

ରୈନବସେରା, ବାସହୀନଙ୍କ ପାଇଁ ତତ୍‌କାଳୀନ ସମାଧାନ କୁହାଯାଏ। କିନ୍ତୁ ଏହାର ଅବସ୍ଥା ଦେଖିଲେ ଆହୁରି ନୈରାଶ୍ୟଜନକ ମନେ ହୁଏ। 'ଦିଲ୍ଲୀ ଅର୍ବାନ ସେଲଟର ଇମ୍ପ୍ରୁଭମେଣ୍ଟ ବୋର୍ଡ'ର ତଥ୍ୟାନୁସାରେ ସହରରେ ୩୨୫ଟି ରୈନବସେରା ଅଛି। ଏଥିରେ ମୋଟ ୧୬୩୩୮ ଜଣ ଲୋକ ଶୋଇପାରିବେ। କିନ୍ତୁ 'ୱିଣ୍ଟର ଆକସନ ପ୍ଲାନ' ୨୦୨୪-୨୫ ଅନୁସାରେ ୧୯୭ ଗୋଟି ସ୍ଥାୟୀ ବସେରାରୁ ୮୨ଗୋଟି କାର୍ଯ୍ୟ କରୁଛି। କ୍ଷମତା ମାତ୍ର ୭୦୯୨ ଜଣଙ୍କର ଅଛି। ବାକି ସବୁ କ୍ୟାବିନ ଆଉ ତମ୍ବୁ ମାଧ୍ୟମରେ ଚାଲିଛି। ଏହି ସ୍ଥାନମାନଙ୍କରେ ଚୋରି, ନିଶା କାରବାର, ହିଂସା ସାଧାରଣ ଘଟଣା ପାଲଟିଛି। ମହିଳାଙ୍କ ପାଇଁ ୧୭ଟି ବସେରା ଅଛି। ମାଷ୍ଟର ପ୍ଲାନ ମୁତାବକ ୩୩୦ରୁ ୩୫୦ ସ୍ଥାୟୀ ରେନବସେରା ହେବା କଥା। କିନ୍ତୁ ବର୍ତ୍ତମାନ ୮୦ଗୋଟି ଅଛି।

ରାଷ୍ଟ୍ରୀୟ ମାନବାଧିକାର ଆୟୋଗଙ୍କ କହିବା ଅନୁଯାୟୀ, ବାସହୀନଙ୍କୁ ଭିକାରୀ କିମ୍ବା ନିଶାଖୋର କୁହାଯିବା ଦୁଃଖଦାୟକ। ସମାଧାନ ପାଇଁ ଇଚ୍ଛାଶକ୍ତି ଦରକାର। ପ୍ରତ୍ୟେକ ସହରର ବ୍ୟାପକ ସର୍ବେକ୍ଷଣ ଜରୁରୀ। ପ୍ରତ୍ୟେକ ଲୋକଙ୍କର ବଞ୍ଚିବାର ମୌଳିକ ଅଧିକାର ଅଛି।

ଭୁବନେଶ୍ୱର, ମୋ: ୯୭୭୭୭୪୦୭୧

# କଥାଶିଳ୍ପୀ ରାମପ୍ରସାଦ ସିଂହ: ସଂଗ୍ରାମ ଓ ସଂହତି

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାରା ଜୀବନ ନିରବଚ୍ଛିନ୍ନ ଲେଖନୀ ଚାଳନା କରିଥିଲେ ମଧ୍ୟ କାହାରିଠାରୁ ପଦେ ପ୍ରଶଂସା ଶୁଣିବାର ପ୍ରତ୍ୟାଶା କେବେହେଲେ ପୋଷଣ କରି ନଥିବା ଜଣେ ଉଚ୍ଚକୋଟୀର, ମର୍ଯ୍ୟାଦାପୂର୍ଣ୍ଣ ସଂସ୍କୃତିର ଉପାସକ ହେଉଛନ୍ତି ବିଶିଷ୍ଟ କଥାଶିଳ୍ପୀ ରାମ ପ୍ରସାଦ ସିଂହ। କେତେସଂଖ୍ୟକ ଉପନ୍ୟାସ ସେ ରଚନା କରିଛନ୍ତି, ତା' ସଠିକ ଭାବରେ ଉଲ୍ଲେଖ କରିବା ଆଦୌ ସମ୍ଭବ ନୁହେଁ। ଯେଉଁ ଉପନ୍ୟାସଗୁଡ଼ିକ ପାଇଁ ପାଠକମାନଙ୍କ ଶ୍ରଦ୍ଧାସିକ୍ତ ଦୃଷ୍ଟି ଦିନେ ସେ ଆକର୍ଷଣ କରିଥିଲେ, ତା' ମଧ୍ୟରେ ରହିଛି- 'ପୂଜାର ବଳୀ', 'ମରୁର ସାଥୀ', 'ମରୀଚିକା', 'ପ୍ରତିହିଂସା', 'ଛିନ୍ନମସ୍ତା', 'ହୋମଶିଖା', 'ଅଗ୍ନିପଥେ' ଆଦି। ପ୍ରଗତିବାଦର ଉଷ୍ମତା ତାଙ୍କ କଣ୍ଠରେ ପ୍ରକଟିତ ହୋଇଛି। ସେହିପରି ଗାନ୍ଧୀ-ବିବେକର ବାଣୀ ମଧ୍ୟ ଉଚ୍ଚାଟିତ ହୋଇଯାଇଛି ପ୍ରଭାବଶାଳୀ ଭାବ ବହନ କରି। ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ ଅବିକଳ ରୂପାୟିତ କରିଛନ୍ତି ସେ ଜଣେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ କରିଥିବା ସତ୍ୟାଗ୍ରହୀ ପରି। 'ପୂଜାର ବଳୀ' ସେଥିପାଇଁ ଆଦୌ ମନେ ହୁଏ ନାହିଁ କାଳ୍ପନିକ ବୋଲି! 'ହୋମଶିଖା' ରଚନା ବେଳେ ସେ ମାର୍କ୍ସୀୟ ଦର୍ଶନ ଦ୍ୱାରା ଅନୁପ୍ରାଣିତ। ତେଣୁ ଜମିଦାର ଗୋଷ୍ଠୀର ଶୋଷଣ ଓ ପ୍ରଜାବୃନ୍ଦଙ୍କ ପ୍ରତିଶୋଧ ପରାୟଣତା ଏଥିରେ ପ୍ରତିଫଳିତ। କ୍ଷୁଦ୍ରଗଳ୍ପ ରଚନାରେ ମଧ୍ୟ ସେ ପ୍ରଦର୍ଶନ କରିଦେଇଛନ୍ତି ଦୁଃସାହସିକ ପଦକ୍ଷେପ। 'ଶେଷରାତି' ଗଳ୍ପଟି ବୈପ୍ଳବିକ ଚେତନାର ପରିଚାୟକ।

ଗୋଟିଏ ପଟେ ଗାନ୍ଧିବାଦୀ ଦର୍ଶନ, ଅନ୍ୟପକ୍ଷରେ ସାମ୍ୟବାଦୀ ଚିନ୍ତନ, ତାଙ୍କୁ ପରିଣତ ପରିପକ୍ୱ କରିଦେଲା ଯେଉଁ ରୂପରେ, ତାହାକୁ 'ମାନବବାଦୀ' ବୋଲି ହିଁ ଅଭିହିତ କରିବା ହୋଇପାରେ ଯଥାର୍ଥ। ଏହି ଉଭୟ ଦର୍ଶନ ମଧ୍ୟରେ ବିଦ୍ୟମାନ ଯେଉଁ ସାମ୍ୟ ଓ ବୈଷମ୍ୟ, ତାହା କ'ଣ ରାମପ୍ରସାଦ ଅନୁଭବ କରି ନାହାନ୍ତି? ସେ ଥିଲେ ଏ ଦିଗରେ ସର୍ବଦା ସଚେତ, ମନ୍ଥିତ, ବ୍ୟଥିତ ଓ ଚିନ୍ତିତ ଏକ ଦରଦୀ, ଅନୁଭବୀ ସ୍ରଷ୍ଟା। ତାଙ୍କ ଜୀବନରେ ଓ ସାହିତ୍ୟରେ ଯେଉଁ ବୈଚିତ୍ର୍ୟ ବିଭାସିତ, ତାହା କାହାକୁ ବା ଚମତ୍କୃତ କରି ନ ଦେବ! ଅନେକ ଲେଖକ ଗାନ୍ଧୀବାଦରୁ ସାମ୍ୟବାଦ ମଧ୍ୟକୁ ପ୍ରବେଶ କରିଛନ୍ତି। ରାମ ପ୍ରସାଦ ସାମ୍ୟବାଦରୁ ଯାତ୍ରା କରୁଛନ୍ତି ଗାନ୍ଧୀ-ଚେତନା ଉଦ୍ଦେଶ୍ୟରେ। ଓଡ଼ିଆ ପାଠକୁ ପଛରେ ପକାଇ ଲୋକେ ଇଂରାଜୀ ମୋହଗ୍ରସ୍ତ। ଲେଖକ ଇଂରାଜୀ ଛାଡ଼ିଦେଇ ହୋଇଛନ୍ତି ମାତୃଭାଷାର ସାଧକ। କାରଣ ସେ ବହୁ ବିଳମ୍ବରେ ଓଡ଼ିଆ ଶିଖିବାର ସୁଯୋଗ ପାଇଥିଲେ। ପୁନଶ୍ଚ ଲୋକେ ଗ୍ରାମ୍ୟ ଆତ୍ମୀୟତା ପରିତ୍ୟାଗ କରି ରାଜଧାନୀ ଅଭିମୁଖୀ। ରାମ ପ୍ରସାଦ ସାମ୍ବାଦିକତା ଓ କଟକ ଭୁବନେଶ୍ୱର ଛାଡ଼ିଦେଇ ଆଶ୍ରୟ ଗ୍ରହଣ କରିଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜନ୍ମପୀଠ ବରପାଲିରେ। ସେଠି ଆବିଷ୍କାର କରିଛନ୍ତି 'ମଙ୍ଗଳେ ଅଇଲା ଉଷା'ର ରହସ୍ୟ। ପ୍ରତିଷ୍ଠା କରିଛନ୍ତି 'ଗଙ୍ଗାଧର ସାହିତ୍ୟ ପରିଷଦ'।

ସାରା ରାଜ୍ୟର କେତେ ପ୍ରତିଷ୍ଠିତ ଲେଖକଙ୍କୁ ସଭ୍ୟ ଶ୍ରେଣୀଭୁକ୍ତ କରି ଏହି ଅନୁଷ୍ଠାନକୁ ରାଜ୍ୟସ୍ତରୀୟ ସୋପାନକୁ କରିଦେଲେ ଉତ୍ତୋଳିତ। କବିପୁତ୍ର ଭଗବାନ ମେହେରଙ୍କ ଓ କବି ପରିବାର ସହ ତାଙ୍କ ସମ୍ପର୍କ ଜୀବନର ଆଉ ଏକ ଉତ୍ତରିତ ଅଧ୍ୟାୟ। ତାଙ୍କ ସହଧର୍ମିଣୀ ଶୈଳବାଳା ବାନାର୍ଜୀ କେତେ ସାଧାରଣ! ସରକାରୀ ଡାକ୍ତରଖାନାର ଥିଲେ ସାମାନ୍ୟ ଜଣେ ନର୍ସ। ଅଥଚ ସମଗ୍ର ବରପାଲିରେ ଘରେ ଘରେ ସେ ଅବତୀର୍ଣ୍ଣା 'ଧାତ୍ରୀ-ଦେବୀ' ଭାବରେ। ସ୍ନେହମୟୀ ମାତୃ ମମତାର ନିର୍ଝରିଣୀ। ରାମ ପ୍ରସାଦ ତାଙ୍କ ବରପାଲି ଅବସ୍ଥାନ କାଳରେ ରଚନା କରିଥିଲେ ଗବେଷଣାତ୍ମକ ଗ୍ରନ୍ଥ 'ଶ୍ରୀକୃଷ୍ଣ'। ଆତ୍ମଜୀବନୀ 'ଶତାବ୍ଦୀର ପଦଧ୍ୱନି' ରଚନାରେ ବି ଧ୍ୟାନମଗ୍ନ ହୋଇଛନ୍ତି। ଏହା ତାଙ୍କ ବ୍ୟକ୍ତିଗତ ଜୀବନ ପ୍ରସଙ୍ଗଠାରୁ ଆହୁରି ପରିବ୍ୟାପ୍ତ ହୋଇ ଗୋଟିଏ ଶତାବ୍ଦୀର ସମୟକୁ ସାକାର କରିବ-ଏହି ଭାବନାରେ ରହୁଥିଲେ ଏକାଗ୍ରଚିତ୍ତ। କିନ୍ତୁ ତାହା ରହିଗଲା ଅସମ୍ପୂର୍ଣ୍ଣ। କେତେ ଉପନ୍ୟାସ ବି ଦେଖିପାରିଲେ ନାହିଁ ଆଉ ଆଲୋକ। ଏକମାତ୍ର କ୍ଷୁଦ୍ରଗଳ୍ପ ସଂକଳନ 'କଲ୍ଲୋଳ' ସେଇ ସମୟର ପ୍ରକାଶନ। 'ସନ୍ଧ୍ୟାଦୀପ'ଛାତ୍ରଛାତ୍ରୀଙ୍କ ପାଇଁ କି ପ୍ରେରଣାଗର୍ଭିତ। ଉପନ୍ୟାସର ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବା ବେଳେ ନିଜ ନାମଠାରୁ ସାଙ୍ଗିଆ ଉଠାଇ ଦେଇଛନ୍ତି, ଯାହା ଓଡ଼ିଆ ସାହିତ୍ୟରେ ସମ୍ଭବତଃ ପ୍ରଥମ।

ସେ ବୁଣି ଦେଇଛନ୍ତି ସାରସ୍ୱତ ଚେତନାର ଅଗଣିତ ଶକ୍ତିକଣିକା। ଆଜି ନିତାନ୍ତ ଆବଶ୍ୟକ ତାଙ୍କର ପୁନଃଆବିଷ୍କାର। ତାଙ୍କ ସାହିତ୍ୟ ଓ ବ୍ୟକ୍ତିତ୍ୱର ପୁନର୍ମୂଲ୍ୟାୟନ। ଏହା ହିଁ ସମାଜକୁ ଦେଇପାରିବ ଅଭିନ୍ନ ଦିଗଦର୍ଶନ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୧ ଡଲାର...

ଟଙ୍କା ଭଳି ନିମ୍ନ ସ୍ତରକୁ ଖସିଆସିଥିଲା। ବଜାର ଖୋଲିବା ମାତ୍ରେ ମୁଦ୍ରା ମୂଲ୍ୟରେ ହୋଇଥିବା ଏହି ହ୍ରାସ ଭାରତୀୟ ଅର୍ଥନୀତି ପାଇଁ ଏକ ବଡ଼ ଝଟ୍‌କାଠାରୁ କମ୍ ନୁହେଁ। ଟଙ୍କା ମୂଲ୍ୟରେ ଏହି ହ୍ରାସ ଭାରତୀୟ ଅର୍ଥନୀତି ଉପରେ ଚାପ ବୃଦ୍ଧି କରୁଛି। ଏହା ଚିନ୍ତାର ବିଷୟ। କାରଣ ଏପରି ପରିସ୍ଥିତି ମୁଦ୍ରାସ୍ଫୀତିର ବିପଦକୁ ଆହୁରି ବଢ଼ାଇବ। ପୂର୍ବରୁ ଏପରି ହ୍ରାସ ୨୦୨୨ ରେ ଦେଖିବାକୁ ମିଳିଥିଲା।

ବିଗତ କିଛି ଦିନ ଧରି ବିଶ୍ୱ ବଜାରରେ ଅନିଶ୍ଚିତତା ବୃଦ୍ଧି ପାଉଛି। ଡଲାର ମଜବୁତ ହେଉଛି। ଏପରି ପରିସ୍ଥିତିରେ, ନିବେଶକମାନେ ସୁରକ୍ଷିତ ନିବେଶ ବିକଳ୍ପ ଖୋଜୁଛନ୍ତି ଏବଂ ଡଲାର ଆଡକୁ ମୁହାଁଇଛନ୍ତି। ଏହାବ୍ୟତୀତ, ବିଦେଶୀ ନିବେଶକମାନେ ମଧ୍ୟ ଭାରତୀୟ ବଜାରରୁ ପାଣ୍ଠି ପ୍ରତ୍ୟାହାରକୁ ତ୍ୱରାନ୍ୱିତ କରିଛନ୍ତି। ଫଳସ୍ୱରୂପ, ଟଙ୍କା ଦୁର୍ବଳ ହେଉଛି ଏବଂ ଡଲାରର ଚାହିଦା ବୃଦ୍ଧି ପାଉଛି। ଟଙ୍କା ୯୦ ସ୍ତର ଅତିକ୍ରମ କରିବା ମଧ୍ୟ ବଜାର ପରିବର୍ତ୍ତନକୁ ସୂଚିତ କରୁଛି। ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଛି। ଏହାବ୍ୟତୀତ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତିରେ ବିଳମ୍ବ, ଆମେରିକାର ଆର୍ଥିକ ନୀତି ଏବଂ ଆମେରିକୀୟ ଫେଡେରାଲ ରିଜର୍ଭର ସୁଧ ହାର ବିଷୟରେ ବୃଦ୍ଧି ପାଉଥିବା ଅନୁମାନ ମଧ୍ୟ ଟଙ୍କା ଉପରେ ଚାପ ବୃଦ୍ଧି କରୁଛି। ଟଙ୍କା ଦୁର୍ବଳ ହେବା କେବଳ ଆମଦାନୀ ଖର୍ଚ୍ଚ ବୃଦ୍ଧି କରୁନାହିଁ ବରଂ ପେଟ୍ରୋଲ ଏବଂ ଡିଜେଲ, ଯନ୍ତ୍ରପାତି, ମୋବାଇଲ୍ ଫୋନ୍, ଇଲେକ୍ଟ୍ରୋନିକ୍ସ ଏବଂ ବିଦେଶ ଯାତ୍ରା ମୂଲ୍ୟ ବଢ଼ାଉଛି।

## ବଢ଼ିବନି ସର୍ବନିମ୍ନ...

ବୈଠକରେ ଏହାକୁ ଅନୁମୋଦନ ମିଳିଯିବା ନେଇ ମଧ୍ୟ ଅନେକ ଆଲୋଚନା ହୋଇଥିଲା। କିନ୍ତୁ ବର୍ତ୍ତମାନ ସଂସଦର ଶୀତକାଳୀନ ଅଧିବେଶନରେ ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍‌ରେ କୌଣସି ବୃଦ୍ଧି ହେବ ନାହିଁ ବୋଲି କେନ୍ଦ୍ର ସରକାର ରୋକ୍‌ଠୋକ୍ ଶୁଣାଇଦେଇଛନ୍ତି।

## ସାମରିକ ଘାଟି...

ଘାଟିକୁ ଇନ୍ଧନ, ସାମଗ୍ରୀ ଯୋଗାଣ, ରକ୍ଷଣାବେକ୍ଷଣ ଏବଂ ବର୍ଥ ପାଇଁ ବ୍ୟବହାର କରିପାରିବେ। କେବଳ ସାମରିକ କାର୍ଯ୍ୟକଳାପ ନୁହେଁ, ସମରାଭ୍ୟାସ ଏବଂ ବିପର୍ଯ୍ୟୟ ସମୟରେ ରିଲିଫ୍ ଯୋଗାଣ ପାଇଁ ସାମରିକ ପ୍ରତିଷ୍ଠାନର ବ୍ୟବହାର କରାଯାଇ ପାରିବ। ଆମେରିକା ସହିତ ମଧ୍ୟ ଭାରତର ଏଭଳି ଚୁକ୍ତି ରହିଛି। ଉଭୟ ଆମେରିକା ଏବଂ ରୁଷିଆ ସହିତ ଏଭଳି ଚୁକ୍ତି କରିବାରେ ଭାରତ ହେଉଛି ବିଶ୍ୱର ଏକାମାତ୍ର ଦେଶ ବୋଲି ସେ କହିଛନ୍ତି। ଏହାସହିତ ଦୁଇ ଦେଶ ମଧ୍ୟରେ ବେସାମରିକ ପରମାଣୁ ସହଯୋଗ ପାଇଁ ମଧ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ମସ୍କୋ ପକ୍ଷରୁ ସୂଚନା ଦିଆଯାଇଛି।

ୟୁକ୍ରେନ ଯୁଦ୍ଧକୁ ନେଇ ଆମେରିକା ସମେତ ପାଶ୍ଚାତ୍ୟ ଦେଶ ସହିତ ରୁଷ ସଂପର୍କ ତିକ୍ତ ରହିଥିବା ବେଳେ ପୁଟିନ ଭାରତ ଗସ୍ତରେ ଆସୁଛନ୍ତି। ରୁଷ ସହିତ ବାଣିଜ୍ୟ କାରବାର ଉପରେ ଆମେରିକା କଟକଣା ଜାରି କରିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ଏଥିପାଇଁ ବାଧ୍ୟ କରୁଛି। କିନ୍ତୁ ଭାରତ କଟକଣା ମାନୁ ନଥିବାରୁ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛି। ତେବେ ପୁଟିନଙ୍କ ଏହି ଗସ୍ତ ଅବସରରେ ସାମରିକ ଚୁକ୍ତି ସମେତ ତେଲ ଓ ଅନ୍ୟାନ୍ୟ ବାଣିଜ୍ୟ କାରବାର ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି।

## ଓଡ଼ିଶାକୁ ବହୁମୂଲ୍ୟ...

ମୋଇତ୍ର ଏପରି କଡ଼ା ଭାଷା ଶୁଣାଇଛନ୍ତି। ସେ କହିଛନ୍ତି ଯେ ମୁର୍ଶିଦାବାଦରୁ ୪ଜଣ ବେଙ୍ଗଲୀ ୧୮ ବର୍ଷରୁ ଅଧିକ ସମୟ ଧରି ନୟାଗଡରେ ରହୁଥିଲେ। ସେମାନଙ୍କ ପୂର୍ବ ପୁରୁଷ ମଧ୍ୟ ନୟାଗଡ଼ରେ କାମ କରୁଥିଲେ। ଏହି ଲୋକମାନେ ବିଶେଷ କରି ଶୀତବସ୍ତ୍ର ବ୍ୟବସାୟ କରନ୍ତି। ସେମାନେ ବଙ୍ଗଳାରେ କଥାବାର୍ତ୍ତା କରୁଥିବାରୁ ଗତ ୨୭ ନଭେମ୍ବରରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ପୁଲିସ ସେମାନଙ୍କୁ ଥାନାକୁ ଉଠାଇ ଆଣିଥିଲା। ବାଙ୍ଗଲାଦେଶୀ ଓ ରୋହିଙ୍ଗ୍ୟା ବୋଲି ସମ୍ବୋଧନ କରି ଅଟକ ରଖିଥିଲା। ସେମାନେ ଆଧାରକାର୍ଡ ଠାରୁ ଆରମ୍ଭ କରି ଭୋଟର ପରିଚୟପତ୍ର ଦେଖାଥିଲେ ମଧ୍ୟ ପୁଲିସ ଶୁଣି ନ ଥିଲା। ଥାନାରେ ଅଟକ ରଖିଥିଲା। ମୁର୍ଶିଦାବାଦ ଏସ୍‌ପି ନୟାଗଡ଼ ଏସ୍‌ପିଙ୍କ ସହ ଯୋଗାଯୋଗ କରିବା ପରେ ସମସ୍ତଙ୍କୁ ଛାଡ଼ି ଦେଇଥିଲେ ବି ପୁଲିସ ସେମାନଙ୍କୁ ନୟାଗଡ଼ ଛାଡି ଚାଲିଯିବାକୁ ଧମକ ଦେଇଛି। ଏପରିକି ସେମାନଙ୍କୁ ଘରେ ନ ରଖିବାକୁ ଘର ମାଲିକଙ୍କୁ ପୁଲିସ ଚେତାବନୀ ଦେଇଥିଲା। ଯାହାଫଳରେ ସମସ୍ତେ ଓଡ଼ିଶା ଛାଡି ପଶ୍ଚିମବଙ୍ଗ ଚାଲିଯାଇଛନ୍ତି। ଓଡ଼ିଶାରେ କାମ କରୁଥିବା ବଙ୍ଗଭାଷୀ ଲୋକଙ୍କୁ ତଡିବାର ଅଧିକାର ପୁଲିସର ନାହିଁ ଓ ଏହା ସମ୍ବିଧାନ ବିରୋଧୀ। ବହୁ ଓଡ଼ିଆ ମାଲି, ପାଇପ୍ ମିସ୍ତ୍ରୀ, ରୋଷେଇଆ ଭାବରେ ପଶ୍ଚିମବଙ୍ଗରେ କାମ କରୁଛନ୍ତି। ଓଡ଼ିଶା ସରକାର ବେଙ୍ଗଲିଙ୍କ ସହ ଯାହା କରୁଛି ଆମ ସରକାର ବେଙ୍ଗଲରେ ଯଦି ସେଭଳି କରିବା ଆରମ୍ଭ କରିବ ତେବେ ବଡ଼ ଅଘଟଣ ହୋଇଯିବ। ଏଥିପ୍ରତି ଆପଣମାନେ ପ୍ରସ୍ତୁତ ରୁହନ୍ତୁ ଓ ଆଇନ୍‌କୁ ମାନନ୍ତୁ ବୋଲି ସେ ସତର୍କ କରାଇ ଦେଇଛନ୍ତି।

## ୩ଟି ପର୍ଯ୍ୟାୟରେ...

ଦିନ ପରୀକ୍ଷା ହେବ। ଚଳିତଥର ପରୀକ୍ଷାରେ କପି ରୋକିବା ପାଇଁ ସମସ୍ତ ପରୀକ୍ଷା ହଲ୍‌ରେ ଏଆଇ ସିସିଟିଭି କ୍ୟାମେରା ସମେତ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ଦୁଇଟି ଲେଖାଏଁ ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ କରାଯାଇଛି। ପରୀକ୍ଷା ଶେଷ ହେବାର ୪୦ ଦିନ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି।

ଚଳିତ ବର୍ଷ ପରୀକ୍ଷା ଦେବା ପାଇଁ ମୋଟ୍ ୪ ଲକ୍ଷ ୭୩୭ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ତନ୍ମଧ୍ୟରେ କଳାରେ ସର୍ବାଧିକ ୨ ଲକ୍ଷ ୫୬ ହଜାର ୪୩ ଜଣ ଛାତ୍ରଛାତ୍ରୀ ଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର ୨୩୮, ବାଣିଜ୍ୟରେ ୨୪,୫୩୩ ଏବଂ ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେବା ପାଇଁ ୫୯୨୩ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଛନ୍ତି। ଚଳିତ ଥର ପ୍ରାୟ ୨୫ ହଜାର ଏକ୍ସ-ରେଗୁଲାର୍ ପିଲା ରହିଛନ୍ତି। ଶୃଙ୍ଖଳିତ ଓ କପିମୁକ୍ତ ପରୀକ୍ଷା ପରିଚାଳନା ପାଇଁ ପ୍ରଶ୍ନପତ୍ର ହବ୍ ଏବଂ ସମସ୍ତ ପରୀକ୍ଷା କେନ୍ଦ୍ରରେ ଏଆଇ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରଶ୍ନପତ୍ର ହବ୍‌ରେ ଝିଟିପିଟି ଚାଲିଲେ ମଧ୍ୟ ସିଏଚ୍‌ଏସ୍‌ଇ ମୁଖ୍ୟାଳୟକୁ ନୋଟିଫିକେସନ୍ ପହଞ୍ଚିବ। ଫଳରେ ପ୍ରଶ୍ନପତ୍ର ସୁରକ୍ଷା ଶତପ୍ରତିଶତ ସୁନିଶ୍ଚିତ ହୋଇପାରିବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଅପରପକ୍ଷରେ ପ୍ରଥମଥର ପାଇଁ ପ୍ରାକ୍ଟିକାଲ୍ ସମୟର ସିସିଟିଭି କ୍ୟାମେରା ମଧ୍ୟ ଲାଇଭ୍ ହେବ। ସିଏଚ୍‌ଏସ୍‌ଇ ମୁଖ୍ୟାଳୟରୁ ଏହାକୁ ନିୟନ୍ତ୍ରଣ କରାଯିବା ସହ ପରୀକ୍ଷାରେ ଅନିୟମିତତା ହେଉଥିବା ଧରାପଡ଼ିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତବର୍ଷ ୧୨୬୮ ଟି ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଚଳିତ ବର୍ଷ ପ୍ରାୟ ୧୩୫୦ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ। କପି ରୋକିବା ପାଇଁ ଗତବର୍ଷ ପରି ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଜିଲ୍ଲା ସ୍ତରରେ ଗୋଟିଏ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ମୃତୟନ ହେଉଥିବାବେଳେ ଚଳିତ ଥର ଦୁଇଟି ଟିମ୍ ରହିବେ। ଜିଲ୍ଲା ମୁଖ୍ୟାଳୟରେ ରହିବା ସହ ଅଚାନକ ପରୀକ୍ଷା କେନ୍ଦ୍ର ଗସ୍ତ କରିବେ ବୋଲି ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ କହିଛନ୍ତି।

ଲିଖିତ ପରୀକ୍ଷା ସୂଚୀ ଅନୁଯାୟୀ, ପ୍ରଥମ ଦିନ ବିଜ୍ଞାନ ବିଭାଗର ଓଡ଼ିଆ ପରୀକ୍ଷା ରହିଛି। ୧୯ ତାରିଖରେ ଧନ୍ଦାମୂଳକ ପିଲାଙ୍କ ପରୀକ୍ଷା ରହିଥିବାବେଳେ ୨୦ ତାରିଖରେ କଳା ଓ ବାଣିଜ୍ୟ ବିଭାଗର ପରୀକ୍ଷା ଆରମ୍ଭ ହେବ। ଆସନ୍ତା ୧୫ ତାରିଖରୁ ଛାତ୍ରଛାତ୍ରୀଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଏନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ବୁଧବାର ପରୀକ୍ଷା ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଛି।

## ଧାନ କିଣା...

ଆଜିପର୍ଯ୍ୟନ୍ତ ସରକାର କେତେ ମିଲରଙ୍କୁ ମାର୍କେଟ ୟାର୍ଡ ଆଲର୍ଟ କରିଛନ୍ତି। ସରକାର ମିଲରଙ୍କଠାରୁ ବ୍ୟାଙ୍କ ଗ୍ୟାରେଣ୍ଟି ନିଅନ୍ତି। ଚଳିତ ଥର ସବୁ ମିଲରଙ୍କ ନିକଟରୁ ସରକାର ଗ୍ୟାରେଣ୍ଟି ନେଲେଣି କି? ଯେଉଁ ମିଲରଙ୍କୁ ଧାନ ଉଠାଇବାକୁ ସରକାର ଅନୁମତି ଦେଇଛନ୍ତି, ତାଙ୍କ ଗୋଦାମ ଘର ଯାଞ୍ଚ କଲେଣି କି ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଅନ୍ୟତମ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ଚଳିତ ଖରିଫ ପାଇଁ କେନ୍ଦ୍ର ସରକାର ୬୯ ଟଙ୍କା ଏମଏସପି ବୃଦ୍ଧି କରିଛନ୍ତି। ସେହି ହିସାବରେ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଗୃହରେ ଦେବେ କି ନାହିଁ ସ୍ପଷ୍ଟ କରନ୍ତୁ। ଯଦି ନଦେବେ, ତାହେଲେ ଇନପୁଟ ସହାୟତା ୮୦୦ ଟଙ୍କା ବଦଳରେ ୭୩୧ ଟଙ୍କା ଦେଉଛନ୍ତି ବୋଲି ଘୋଷଣା କରନ୍ତୁ। ଆଜି ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାରେ ମଣ୍ଡି ଅବ୍ୟବସ୍ଥାରେ ଚାଲିଛି। ଗତକାଲି ସୁଦ୍ଧା ପ୍ରାୟ କୌଣସି ମଣ୍ଡିରୁ ଧାନ ଉଠିନାହିଁ। କେଉଁଟି ଚାଷୀ ଆଦୌ ଟୋକନ ପାଇ ନାହାନ୍ତି, ତ କେଉଁଠି ୫ ଏକର ପାଇଁ ମାତ୍ର ୧୨ କ୍ୱିଣ୍ଟାଲର ଟୋକନ ପାଇଛନ୍ତି। ସବୁ ଆଡ଼େ ବିଭ୍ରାଟ ଚାଲିଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଅଶୋକ ଦାସ ମଧ୍ୟ ସମାନ କଥା କହିଥିଲେ। ସବୁ ଆଡ଼େ ଏଫଏକ୍ୟୁ ମାନର ଧାନ ଯାଞ୍ଚ ପାଇଁ ମେସିନ ଉପଲବ୍ଧ ନାହିଁ। ଗତବର୍ଷ ପରି ଚଳିତ ବର୍ଷ ମନଇଚ୍ଛା କଟନୀ ଛଟନୀ ନେଇ ଚାଷୀକୂଳରେ ସନ୍ଦେହ ଜାତ ହେଲାଣି। ବହୁ ମିଲର କହୁଛନ୍ତି ଏବେ ସୁଦ୍ଧା ଗୋଦାମଘର ଖାଲି ନାହିଁ, ସେଥିପାଇଁ ସେମାନେ ଧାନ ପଠାଇ ପାରୁ ନାହାନ୍ତି। ରାଜ୍ୟ ସରକାର ୩୧୬୯ ଟଙ୍କା ଏମଏସପି ଦେବେକି ନାହିଁ ତାହା ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଥିଲେ। ଅନ୍ୟ ବିଧାୟକ ଦାଶରଥି ଗମାଙ୍ଗୋ, ପ୍ରଦୀପ ଦିଶାରୀ ପ୍ରମୁଖ ମଧ୍ୟ ଅବ୍ୟବସ୍ଥା ନେଇ ଚିନ୍ତା ପ୍ରକଟ କରିଥିଲେ।

ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଥିଲେ ଯେ ଆମ ସରକାର ଆସିବା ପରେ ଚାଷୀ ୨୪ରୁ ୪୮ ଘଣ୍ଟା ମଧ୍ୟରେ ନିଜର ପ୍ରାପ୍ୟ ପାଉଛନ୍ତି। ପୂର୍ବରୁ ଏଥିପାଇଁ ୧୫ ଦିନ ସମୟ ଲାଗୁଥିଲା। କଟନି ଛଟନୀ ପୂରା ବନ୍ଦ ହୋଇନଥିଲେ ମଧ୍ୟ ବହୁ ମାତ୍ରାରେ ହ୍ରାସ ପାଇଛି। ଗତଥର ଧାନ କ୍ରୟ ପ୍ରକ୍ରିୟାରେ ଗୋଟିଏ ବି ଟୋକନ ଲାପ୍ସ ହୋଇନଥିଲା ବୋଲି ସେ କହିଥିଲେ। ବିଧାୟକ ସନତ ଗଡତିଆ କହିଥିଲେ ଯେ ୨୦୨୩-୨୪ ଖରିଫରେ ରାଜ୍ୟରେ ପ୍ରାୟ ୪ ଲକ୍ଷ ଚାଷୀ ପଞ୍ଜୀକରଣ ସତ୍ତ୍ୱେ ନିଜର ଧାନ ବିକି ପାରି ନଥିଲେ। ମାତ୍ର ଆମ ସରକାରରେ ପ୍ରଥମ ବର୍ଷରେ ରେକର୍ଡ ୧୭.୫୦ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୬.୭୦ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ଯାହା ଆମର ସୁଦୃଢ଼ ବ୍ୟବସ୍ଥାକୁ ଦର୍ଶାଉଛି। ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମଧ୍ୟ ନିଜ ସରକାରଙ୍କ ବିଭିନ୍ନ ସଫଳତା ସମ୍ପର୍କରେ ଗୃହରେ ତଥ୍ୟ ଉପସ୍ଥାପନ କରିଥିଲେ।

## ୩୧୬୯ ନୁହେଁ...

ତେବେ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ସରକାର ଏହାକୁ ଅଗଷ୍ଟ ୨୫ ତାରିଖ ଯାଏଁ ବୃଦ୍ଧି କରିଥିଲେ। ଚଳିତ ଖରିଫ ପାଇଁ ସମୁଦାୟ ୧୯.୬୮ ଲକ୍ଷ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦୨୪-୨୫ ଖରିଫରେ ୧ କୋଟି ୨୭ ଲକ୍ଷ ୫୮ ୯୦୦ ପ୍ଲଟରେ ମୋଟ ୫୮.୧୪ ଲକ୍ଷ ଏକର ଚାଷ ଜମିରେ ଧାନ ଚାଷ ହୋଇଥିଲା। ୨୦୨୫-୨୬ରେ ଏହା ୧ କୋଟି ୩୮ ଲକ୍ଷ ୪୭ ହଜାର ୭୯୬ ପ୍ଲଟରେ ୬୧.୬୭ ଲକ୍ଷ ଏକରକୁ ବୃଦ୍ଧି ପାଇଛି। ସେ କହିଛନ୍ତି ଯେ ରାଜ୍ୟରେ ଅଦିନିଆ ବର୍ଷା କାରଣରୁ ଧାନ ସଂଗ୍ରହ ପ୍ରକ୍ରିୟାରେ କିଛି ଦିନ ବିଳମ୍ବ ହେଲେ ମଧ୍ୟ ଏଯାବତ୍ ୫ଟି ଜିଲ୍ଲାରେ ୨ ଲକ୍ଷ ୯୪ ହଜାର ୫୬୯ଟି ଟୋକନ ଚାଷୀଙ୍କୁ ପ୍ରଦାନ କରାଯାଇଛି। ବରଗଡ଼, କଳାହାଣ୍ଡି ଓ ସମ୍ବଲପୁରରୁ ମୋଟ ୪୧୧୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଚାଷୀଙ୍କ ଧାନ ମାନ ପରୀକ୍ଷଣ ପ୍ରକ୍ରିୟାକୁ ସଠିକ୍ ଏବଂ ତ୍ୱାରାନ୍ୱିତ କରିବା ପାଇଁ ୩୦୩ଟି ସ୍ୱୟଂଚାଳିତ କୃତ୍ରିମ ବୁଦ୍ଧିମତା ସମ୍ପନ୍ନ ମାନ ପରୀକ୍ଷଣ ଯନ୍ତ୍ର ଯୋଗାଇ ଦିଆଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାରଙ୍କ କୃଷି କଲ୍ୟାଣ ନୀତି ଏବଂ ଇନପୁଟ ସହାୟତା ରାଶିରେ ଆକର୍ଷିତ ହୋଇ ଚଳିତ ବର୍ଷ ୨ ଲକ୍ଷ ୧୭ ହଜାର ନୂଆ କୃଷକ ଚାଷ ଆରମ୍ଭ କରିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟ କକ୍ଷତ୍ୟାଗ କରିଥିଲେ।

## ଶୀତ ସହ...

କୁହୁଡ଼ି ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ଆଞ୍ଚଳିକ ପାଣିପାଗ କେନ୍ଦ୍ର ମଧ୍ୟ ଦୁଇ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ କୁହୁଡ଼ି ସତର୍କତା ଜାରି କରିଛି। କେନ୍ଦ୍ର କହିଛି ଯେ ଗୁରୁବାର ରାତିରୁ ଶୁକ୍ରବାର ସକାଳ ମଧ୍ୟରେ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଝାରସୁଗୁଡ଼ା, ବଲାଙ୍ଗିର ଓ ସୋନପୁରରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଘନ କୁହୁଡ଼ି ଜନିତ ୟେଲୋ ଆଲର୍ଟ ଜାରି କରିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଜି ଉଦୟଗିରିରେ ସବୁଠୁ କମ୍ ତାପମାତ୍ରା ଅର୍ଥାତ ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।


B-793

OFFICE OF THE SUPERINTENDING ENGINEER,GANJAM(R&B) DIVISIONNO.I, BERHAMPUR
GOVERNMENT OF ODISHA Quotation Notice

Ltr.No,13795T    Date:1-12-2025

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old Settlement office (Non-residential) building in the premises of District Session Judge Court at Berhampur.
2. Reserve Price/ Upset Price : i) Rs. 9,36,921 /- ii) Rs. 80,830 /-
3. EMD to be Deposited (In shape as N.S.C / Post Office savings bank Account / Post office time deposit Account / Kisan Viskas Patra / Bank Guarantee) : i) Rs. 2, 34,500 /- ii) Rs 20,500 /-
4. Period of Completion : 1(One) Calendar Month
5. Receipt of Quotation : From 5.12.11.2025 to 11.12.2025 up to 04.00 pm
6. Date & Time of Opening of Quotation. : 04.30 PM of 11.12.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur.

Sd/-
Superintending Engineer
Ganjam(R&B)Division No.I

OIPR-34109/11/0062/2526



B-791

OFFICE OF THE SUPERINTENDING ENGINEER, KHORDHA (R&B) DIVISION, KHORDHA
INVITATION FOR BIDS (IFB)
E-mail: pwdoff_khd@yahoo.com

Quotation Call Notice
Quotation Bid Identification No. S.E.-KHD-(R&B)-1 / 2025-26

Letter No.6730    Date:01-12-2025

The Superintending Engineer, Khurda (R&B) Division, Khurda on behalf of Governor of Odisha invites **Quotation rate bid** in **Single cover** system in ONLINE MODE from eligible class of contractors having valid registration certificate for execution of the Works as detailed below:

1. Nature of Work : Electrical Works
2. No of Work : 02Nos
3. Cost of Quotation biddocument : Rs.6000.00(Online)
4. Class of Contractor : Original Equipment Manufacturer (OEM)/Registered firm having experience in similar nature of work
5. Available of Quotation Bid Documents in the web site. : From 12.00 Noon of Dt.08.12.2025 to 5.00 PM of Dt.17.12.2025
6. Opening of Quotation Bids : Dt.18.12.2025 at 11.30A.M
7. Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website.

OIPR-34095/11/0040/2526

Superintending Engineer
Khurda (R&B) Division, Khurda



ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ,ଓଡଗାଁ ବନାଞ୍ଚଳ, ଓଡଗାଁ
Office of the Forest Range Officer, Odagaon Range
At/Po/PS-Odagaon, Dist-Nayagarh
Email ID:- roodagaon204@gmail.com, Mob: 96681 08792

ସଚେତନ ବାର୍ତ୍ତା

- ଜଙ୍ଗଲ ଅଞ୍ଚଳରେ ଜଳୁଥିବା ସିଗାରେଟ୍ କିମ୍ବା ଦିଆସିଲି ଫିଙ୍ଗନ୍ତୁ ନାହିଁ।
- ଜଙ୍ଗଲରେ ଅଳିଆ କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଜାଳିବା ଏଡ଼ାନ୍ତୁ।
- ଗ୍ରୀଷ୍ମ ଋତୁରେ ନିଆଁକୁ ଜଙ୍ଗଲ ଅଞ୍ଚଳରୁ ନିରାପଦ ଦୂରତାରେ ରଖନ୍ତୁ।
- ଜଙ୍ଗଲ ନିକଟସ୍ଥ ଥିବା ଗୁଣ୍ଡପାଳରେ ନିଆଁ ଲଗାନ୍ତୁ ନାହିଁ ।
- ଯେକୌଣସି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଲେ ତୁରନ୍ତ ନିଆଁକୁ ଲିଭାଇବାକୁ ଚେଷ୍ଟା କରିବ ସହିତ ନିକଟସ୍ଥ ବନ କାର୍ଯ୍ୟାଳୟକୁ (୦୬୭୫୩-୨୯୬୫୨୦) ଯୋଗାଯୋଗ କରନ୍ତୁ।

ବନାଞ୍ଚଳ କାର୍ଯ୍ୟାଳୟ,
ଓଡଗାଁ, ନୟାଗଡ



ପୌର ପରିଷଦ, ନୟାଗଡ଼

ସ୍ୱଚ୍ଛ ଭାରତ    ଦୁଇ ପାଦ ସ୍ୱଚ୍ଛତା ଆଡ଼କୁ...

ଆସନ୍ତୁ ସହଯୋଗ କରିବା ଆମ ସହରକୁ ସୁନ୍ଦର ଓ ସ୍ୱଚ୍ଛ ରଖିବା

ସହରବାସୀ ସମସ୍ତେ ମିଳିମିଶି ନୟାଗଡ଼ ସହରକୁ ସରସ ସୁନ୍ଦର କରିବା ପାଇଁ ନିମ୍ନଲିଖିତ ସ୍ୱଚ୍ଛତା ଏବଂ ନୀତିନିୟମକୁ ମାନି ଚଳିବା

୧. ପ୍ରତିଦିନ ଘରୁ ବାହାରୁଥିବା ଅଳିଆ ବା ବର୍ଜ୍ୟବସ୍ତୁକୁ ପୃଥକୀକରଣ ଭାବରେ 'ଡଷ୍ଟବିନ'ରେ ରଖି ନିୟମିତ ଯାଉଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ଗୃହପାଳିତ ପଶୁ ଓ ଗାଈଗୋରୁଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ । ରାସ୍ତାକଡରେ ମାଛ, ମାଂସ ଦୋକାନ କରି କାଟନ୍ତୁ ନାହିଁ ।
୩. ସହରରେ ଥିବା ଡ୍ରେନଗୁଡ଼ିକୁ ଅବରୋଧ କରନ୍ତୁ ନାହିଁ, ଡ୍ରେନ ଭିତରକୁ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ଓ ପୋଖରୀଗୁଡ଼ିକୁ ସଫା ସୁତରା ରଖନ୍ତୁ ।
୪. ପୌର ପରିଷଦରେ ଘର କରିବା ପାଇଁ ପ୍ଲାନ୍ ଆପ୍ରୁଭାଲ କରାଇ ନିଅନ୍ତୁ ଏବଂ Holding Tax ଠିକ ସମୟରେ ପଇଠ କରନ୍ତୁ । ମ୍ୟୁନିସିପାଲିଟିର ସମସ୍ତ ସୁବିଧା ସୁଯୋଗ ପାଇବା ପାଇଁ SUJOG App କୁ ବ୍ୟବହାର କରନ୍ତୁ ।
୫. ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ନିୟମିତ ଭାବେ ଟ୍ରେଡ ଲାଇସେନ୍ସ ପଞ୍ଜୀକୃତ କରାଇ ନିଅନ୍ତୁ ଓ ପ୍ରତିବର୍ଷ ନବୀକରଣ କରନ୍ତୁ ।
୬. ନିଜ ଘରେ ଥିବା ପାଇଖାନା ଟାଙ୍କିକୁ ୩ ବର୍ଷରେ ଥରେ ସଫା କରନ୍ତୁ । ପୌରସଂସ୍ଥା ଦ୍ୱାରା ତାଲିମ ପ୍ରାପ୍ତ GARIMA ସଫେଇ କର୍ମଚାରୀଙ୍କ ଦ୍ୱାରା ସଫା କରାନ୍ତୁ ।
୭. ଘରକାମ କରିବା ସମୟରେ ଇଟା, ମାଟି, ପଥର, ଗୋଡ଼ି ଓ ବାଲି ଇତ୍ୟାଦି ଜମା କରି ସର୍ବସାଧାରଣ ରାସ୍ତାକୁ ଅବରୋଧ କରନ୍ତୁ ନାହିଁ ।

ଶ୍ରୀଯୁକ୍ତ ଗୁରୁ ପ୍ରସାଦ ଜେନା, ଉପାଧ୍ୟକ୍ଷ
ଶ୍ରୀମତୀ ନିରୁପମା ଖଟେଇ, ପୌରାଧ୍ୟକ୍ଷା
ଓ ସମସ୍ତ କାଉନସିଲର ବୃନ୍ଦ, ପୌର ପରିଷଦ, ନୟାଗଡ଼



NOTIFIED AREA COUNCIL
ODAGAON, Dist.- NAYAGARH
PIN-752081
Phone No. 06753 -260062

ବିଜ୍ଞାପିତ ଅଞ୍ଚଳ ପରିଷଦ
ଓଡଗାଁ, ଜିଲ୍ଲା- ନୟାଗଡ
ପିନ : ୭୫୨୦୮୧
ଦୂରଭାଷ : ୦୬୭୫୩-୨୬୦୦୬୨

E-Mail ID : nacodagaon@gmail.com

ସର୍ବସାଧାରଣ ସୂଚନା

ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ଓଡଗାଁ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖି ସୁସ୍ଥ ରହିବାରେ ସହଯୋଗ କରନ୍ତୁ ।

୧. ଘରୁ କିମ୍ବା ବ୍ୟବସାୟ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ ପୃଥକ କରି ନୀଳ ଓ ସବୁଜ ଡଷ୍ଟବିନରେ ରଖନ୍ତୁ ଏବଂ ଏନ.ଏ.ସି. ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘର ଦୁଆରକୁ ଆସୁଥିବା ସଫେଇ ଗାଡିରେ ଦିଅନ୍ତୁ ।
୨. ବେଆଇନ ଗୃହ ନିର୍ମାଣ ନକରି ଏନ.ଏ.ସି. କାର୍ଯ୍ୟାଳୟରେ ମଞ୍ଜୁର (Building Plan Approval) କରି କରାନ୍ତୁ । ଗୃହ ନିର୍ମାଣ ନିମନ୍ତେ ବାଲି, ଗୋଡି, ଇଟା, ପଥର, ମାଟି ଆଦି ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା- ଭଙ୍ଗା ଇଟା, ମାଟି, କଂକ୍ରିଟ ଖଣ୍ଡ ଆଦି ରାସ୍ତାରେ ପକାନ୍ତୁ ନାହିଁ । ଏଗୁଡ଼ିକର ସୁପରିଚାଳନା ପାଇଁ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ ।
୩. ଗୃହରେ ପାଇଖାନା ସହିତ ସେପ୍ଟିକ ଟାଙ୍କି କରନ୍ତୁ । ନିୟମିତ ବ୍ୟବଧାନରେ ସେପ୍ଟିକ ଟାଙ୍କିକୁ ଏନ.ଏ.ସି.ର ମଇଳା ସଂଗ୍ରହ ଗାଡି ଦ୍ୱାରା ସଫା କରନ୍ତୁ ।
୪. ପ୍ଲାଷ୍ଟିକ ଓ ପଲିଥିନର ବ୍ୟବହାର ବର୍ଜନ କରନ୍ତୁ ।
୫. ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କଦେଇ ଏନ.ଏ.ସି.ର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ ।
୬. ଏନ.ଏ.ସି.ଦ୍ୱାରା ଧାର୍ଯ୍ୟ ହୋଇଥିବା ଟିକସ ଯଥା- ହୋଲଡିଙ୍ଗ ଟିକସ, ଟ୍ରେଡ ଲାଇସେନ୍ସ, ୟୁଜର ଫୀ ବା ବ୍ୟବହାରିକ ଶୁଳ୍କ, ବିବାହ ପଞ୍ଜୀକରଣ ଆଦି ନିୟମିତ ତଥା ସଠିକ ସମୟରେ କରନ୍ତୁ ।
୭. ନିଜର ଗୃହପାଳିତ ପଶୁକୁ ରାସ୍ତାରେ ଏଣେତେଣେ ନଛାଡି ନିଜ ହେପାଜତରେ ରଖନ୍ତୁ ଓ ଏଥିଲାଗି ହେଉଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାକୁ ରୋକନ୍ତୁ ।

ସ୍ୱା/-
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଓଡଗାଁ



NOTICE

By virtue of an affidavit sworn before Notary Public, Sainatala I, Bhabani Bhue, W/O - Dhaneswar Bhue resident of: Dumerbahal PO : Dharapgarh, Balangir, Odisha,767033 declare that I have changed my name from BHABANI MAJHI to BHABANI BHUE. Henceforth, I shall be known as BHABANI BHUE for all purposes.

AFFIDAVIT

By virtue of an affidavit sworn before the Executive Magistrate, Nabarangpur, dated 02.12.2025 I, DHANAMATI HARIJAN, W/o - Daya Harijan, Residences of Village- Jhariguma, Po.- Jhariguma, Ps.- Tentulikhunti, Dist.- Nabarangpur, Odisha, Pin- 764049, declare that I have changed the name of my Ward from **GAYATRY HARIJAN** to **PRACHI HARIJAN**. Henceforth, she shall be known as **PRACHI HARIJAN** for all purposes.

AFFIDAVIT

I, ROJALINI PRADHAN D/o Ramesh Pradhan, resident of At- Krishnacharanpur, PO- Gopapur, P.S- Badamba, Dist- Cuttack solemnly affirm that I have changed my name from Roji Pradhan to Rojalini Pradhan . That Roji Pradhan and Rosalini Pradhan is one and same person, who is myself. Henceforth I shall be known as **ROJALINI PRADHAN** for all purposes.

AFFIDAVIT

By virtue of an Affidavit before Notary Public, Malkangiri, **I, Daimati Madkami,** aged about 20 years, C/o.: Bhima Madkami, resident of Village: Namelguda, PO.: Mariwada, P.S./Dist.: Malkangiri, Odisha, declare by this Affidavit No.: 1912/2025, Dated: 03.12.2025 that I have changed my name from **Jaymati Madkami** to **Daimati Madkami**. Henceforth I shall be known as **Daimati Madkami** for all future purposes.

AFFIDAVIT

By virtue of an affidavit No. 6417 sworn before the Executive Magistrate Champua, on dtd- 01/12/2025, I **Abu Shahma Aejaz,** S/o- Aejaz Ahmad, resident of Vill: Champua, Po- Champua, Ps-Champua, Dist- Keonjhar, Odisha, Pin- 758041, declared that I have changed my name from **Shahma Hasan** (old name) to **Abu Shahma Aejaz**. Henceforth, I shall be known as **Abu Shahma Aejaz,** S/o- Aejaz Ahmad for all future purposes.
**Abu Shahma Aejaz**

AFFIDAVIT

By virtue of an affidavit sworn before Executive Magistrate, Bhubaneswar on dated, 15.11.2025, I Jyostnarani Sahoo, resident At/Po Kantiokateni, Ps- Tumusinga, Dist- Dhenkanal, Odisha, PIN- 759026, declare that I have changed my name from Subrat Sahoo to Jyostnarani Sahoo. Henceforth, I shall be known as JYOSTNARANI for all purposes.

AFFIDAVIT

By virtue of an affidavit before The Executive Magistrate, BBSR,Vide CF No-64/29.11.2025 dtd:29.11.2025. I SAKHYAM ADHIKARI aged about, 18 yrs, S/O- Babula Adhikari R/O- At/Po- Kasabassa, Via -Bamunigaon, Dist-Kandhamal, Odisha-762021 Currently residing At-Christian Sahi near Chandi Mandir Chhak, Cuttack Sadar,Dist-Cuttack, Odisha-753001 have changed my name from Sakhayam Adhikari to Sakhyam Adhikari. Henceforth I shall be known as **Sakhyam Adhikari**, S/O- Babula Adhikari for all purposes.

AFFIDAVIT

By virtue of an affidavit sworn before Notary public Bhubaneswar, on dated 01.12.2025, I Saroja Kanta Samantaray permanent resident At- Gahma, Po/Ps- Mahakalpara, Dist- Kendrapara, Odisha, PIN- 754224, declare that I have changed my name from Saroj Kanta Samantaray to Saroja Kanta Samantaray. Henceforth I shall be known as SAROJA KANTA SAMANTARAY for all purposes.

AFFIDAVIT

By virtue of an affidavit No. 6432, sworn before the Executive Magistrate, Champua on dtd- 01/12/2025. I **Muntaquir Islam**, S/o- Mahamad Makim Ansari, resident of Vill- Alinagar Champua, Po/Ps- Champua, Dist- Keonjhar, Odisha, Pin- 758041, declared that I have changed my name from **Muntasir Islam** (old name) To **Muntaquir Islam** (new name). Henceforth, I shall be known as **Muntaquir Islam** for all future purposes.
**Muntaquir Islam**

AFFIDAVIT

By virtue of an affidavit sworn before Notary Public Bhubaneswar, on dated 02.12.2025, I Akshaya Kumar Sandha resident At- Chitri, Po- Chitri Gobardhanpur, Sub-Dist- Sukinda, Dist- Jajpur, Odisha, PIN- 755019, declare that I have changed the name of my daughter from Ankita Priyadarsini Sandha to Ankita Priyadarsani Sandha. Henceforth she shall be known as ANKITA PRIYADARSANI SANDHA for all purposes.
**Sd/- Akashya Kumar Sandha**

AFFIDAVIT

By virtue of an affidavit No. 11966 sworn before the Executive Magistrate Jajpur on dtd- 01/12/2025. I **Najma Khanam,** aged 55 years, W/o- SK Safiulla, resident of Vill- Sona Mohalla, Po/Ps- Binjharpur, Dist- Jajpur, Odisha, Pin- 755004, declared that I have changed my name from **Najma Khatoon** (old Name) to **Najma Khanam** (new name). Henceforth, I shall be known as **Najma Khanam** for all future purposes.
**Najma Khanam**

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• B. Pharm Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• D. Pharm Rs. 48,000/- P.A. Eligibility: +2 Sc. (PCB/M)
• B.M.L.T. Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• D.M.L.T. Rs. 48,000/- P.A. Eligibility: +2 Sc. Pass (PCB/M)
• M.P.H. Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

AFFIDAVIT

By virtue of an affidavit sworn before The Notary Public, Titilagarh, on dated- 03/12/2025. I, **Nani Bagarti** (new name), W/o Late Baisakhu Bagarti, permanent resident of AT: Suagpur, PO: Siker, PS: Titilagarh, DIst: Balangir, PIN: 767033, Odisha declare that I have changed my name from **Urmila Bagarti** to **Nani Bagarti.** Henceforth, I shall be known as **Nani Bagarti** (new name) for all purposes.
**Nani Bagarti**

## ଅସହାୟ ପରିବାରକୁ ଶୀତ ବସ୍ତ୍ର ବଣ୍ଟନ



କନ୍ଦରପୁର,୩।୧୨(ସମିସ): କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରକଟା ପଞ୍ଚାୟତ ଅଧୀନସ୍ଥ ଅଇନି ଗ୍ରାମରେ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ପ୍ର. ମନୋଜ ନାୟକଙ୍କ ଉପସ୍ଥିତିରେ ସାମଲ ସାହିରେ ପ୍ରାୟ ୩୫ରୁ ଉର୍ଦ୍ଧ୍ୱ ଅସହାୟ ପରିବାରବର୍ଗଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା ଏବଂ କୁନି କୁନି ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ମହତ୍ କାର୍ଯ୍ୟରେ ସହଯୋଗର ହାତ ବଢ଼େଇ ଥିଲେ ଝାରକଟା ପଞ୍ଚାୟତ ସରପଞ୍ଚ ଶିଶିର ରାଉତ ଓ ସଂଗଠନର ଉପଦେଷ୍ଟା ବିଜୟ ନାୟକ ଏବଂ ସଂଗଠନର ବରିଷ୍ଠ କର୍ମୀ ଉଦୟ ସାସମଲ, ପ୍ରସନ୍ନ ବେହେରା, ଆନନ୍ଦ ବେହେରା, ପ୍ରକାଶ ମାଝୀ, ଆଶିଷ ବେହେରା, ବିଶାଲ ଆଚାର୍ଯ୍ୟ, ପ୍ରିୟରଞ୍ଜନ ପରିଡ଼ା, ପିକେଶ ମହାନ୍ତି, ସୁମନ୍ ଜେନା, ରୀଙ୍କନ୍ ପଣ୍ଡା, ସୁନିଲ୍ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁଙ୍କ ସହ ବିଶ୍ୱାସଘାତକତା

# ୨୦ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ୨ ଗିରଫ

ଫୁଲନଖରା,୩।୧୨(ସମିସ):

ଗତ ନଭେମ୍ବର ୨୪ ତାରିଖ ବିଳମ୍ବିତ ରାତିରେ କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥ ଉପରୁ ୨୦ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପାହାଳ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ଲୁଟ୍ ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହ ଲୁଟ୍ ଟଙ୍କା ଓ ମାରଣାସ୍ତ୍ର ଜବତ କରିଛି। ତେବେ ଏହି ଘଟଣାରେ ପୀଡ଼ିତଙ୍କ ଘନିଷ୍ଠ ବନ୍ଧୁ ହିଁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ସାମ୍ନାକୁ ଆସିଛନ୍ତି। ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲା ଓଡ଼ଙ୍ଗୀ ଗ୍ରାମର ପ୍ରଭାତ କୁମାର ସାହୁ ନିଜର ଘନିଷ୍ଠ ବନ୍ଧୁ ସରୋଜ ସୂତାରଙ୍କ ସହାୟତାରେ ଋଣ ପାଇଁ ପ୍ରୟାସ କରୁଥିଲେ। ସରୋଜଙ୍କ ମାଧ୍ୟମରେ ପ୍ରଭାତ କଟକର ଅବିନାଶ ପରିଡ଼ାଙ୍କଠାରୁ ୧୨ ଲକ୍ଷ ଟଙ୍କା ଓ ସୁଶୀଲଙ୍କ ଠାରୁ ୮ ଲକ୍ଷ ଟଙ୍କା (ମୋଟ ୨୦ ଲକ୍ଷ ଟଙ୍କା) ଧରି ନିଜ ଘରକୁ ଫେରୁଥିଲେ। ଏହି ସମୟରେ ବାଟରେ ପ୍ରଭାତ, ସରୋଜ ଓ ସରୋଜଙ୍କ ଅନ୍ୟ ଜଣେ



ବନ୍ଧୁ ସୁରେଶ ରେଙ୍ଗାଲିଆ ହୋଟେଲ୍‌ରେ ଏକାଠି ଖାଇଥିଲେ। ସେହି ସମୟରେ ପ୍ରଭାତ ତାଙ୍କ ବନ୍ଧୁମାନଙ୍କୁ କହିଥିଲେ ଯେ ସେ ୨୦ ଲକ୍ଷ ଟଙ୍କା ଋଣ ସୂତ୍ରରେ ଆଣି ଗାଡ଼ିରେ ନେଇ ଯାଉଛନ୍ତି। ଏହା ଶୁଣିବା ପରେ ସରୋଜ ସୂତାରଙ୍କ ମନରେ ଟଙ୍କା ପ୍ରତି ଲୋଭ ଆସିଥିଲା ଏବଂ ସେ ତୁରନ୍ତ ଫୋନ୍ ଯୋଗେ ନିଜର ସାଥୀ ଜଗନ୍ନାଥ ମଲ୍ଲିକଙ୍କୁ ଏ ବିଷୟରେ ଜଣାଇଥିଲେ। ଜଗନ୍ନାଥ କଟକ ସଦର ଥାନା ଅନ୍ତର୍ଗତ ତେଲେଙ୍ଗାପେଣ୍ଠର ବବୁଲ୍ ବେହେରା ଓରଫ ନିକୁ ଓ ଅନ୍ୟ ଦୁଇଜଣ ସାଥୀଙ୍କ ସହିତ ଦୁଇଟି ବାଇକ୍‌ରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୂର୍ବ ଯୋଜନା ଅନୁସାରେ ସରୋଜ ଚା' ପିଇବା ଆଳରେ ପ୍ରଭାତଙ୍କୁ ପାହାଳ ଥାନା ନିକଟସ୍ଥ ଜଲ୍‌ସା ବାର୍ ନିକଟରେ ଥିବା ଏକ ଚା' ଦୋକାନରେ ଅଟକାଇଥିଲେ। ସେହି ସମୟରେ ଅଭିଯୁକ୍ତମାନେ ପହଞ୍ଚି ଖଣ୍ଡା ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ପ୍ରଭାତ ଓ ସରୋଜଙ୍କୁ ଭୟଭୀତ କରିଥିଲେ ଏବଂ ଗାଡ଼ିରେ ଥିବା ସମସ୍ତ ୨୦ ଲକ୍ଷ ଟଙ୍କା ଲୁଟି ନେଇ ଖସି ପଳାଇଥିଲେ। ବିଶ୍ୱାସଘାତକତା

**ତେଲେଙ୍ଗାପେଣ୍ଠରୁ ପୁଲିସ ଜବତକଲା ଖଣ୍ଡା, ବାଇକ୍ ସହ ୫.୭୦ ଲକ୍ଷ ଟଙ୍କା**

କରିଥିବା ସରୋଜ ନିଜ ବନ୍ଧୁ ପ୍ରଭାତଙ୍କ ସହିତ ପାହାଳ ଥାନାକୁ ଆସି ୨୫ ତାରିଖରେ ଲୁଟ୍ ବାବଦରେ ଏକ ଏତଲା ଦେଇଥିଲେ। ପାହାଳ ଥାନା ଆଇଆଇସି ଅଶ୍ୱିନୀ କୁମାର ଜେନା ନିଜ ଟିମ୍ ସହ ରାଜରାସ୍ତାରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ୨ ତାରିଖ ସନ୍ଧ୍ୟାରେ ପୁଲିସ ତେଲେଙ୍ଗାପେଣ୍ଠରୁ ଅଭିଯୁକ୍ତ ବବୁଲ୍ ଓରଫ ନିକୁକୁ ଗିରଫ କରିବା ସହ ଲୁଟରେ ବ୍ୟବହୃତ କେଟିଏମ୍ ବାଇକ୍, ଗୋଟିଏ ଖଣ୍ଡା ଏବଂ ନଗଦ ୪ ଲକ୍ଷ ଟଙ୍କା ଜବତ କରିଥିଲା। ଏହା ସହିତ ଘଟଣାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଅଭିଯୋଗକାରୀଙ୍କ ଘନିଷ୍ଠ ବନ୍ଧୁ ସରୋଜ ସୂତାରଙ୍କୁ ମଧ୍ୟ ଗିରଫ କରାଯାଇ ତାଙ୍କ ଠାରୁ ୧ ଲକ୍ଷ ୭୦ ହଜାର ଟଙ୍କା ଜବତ କରାଯାଇଛି। ମୋଟ୍ ଉପରେ ପୁଲିସ ୫ ଲକ୍ଷ ୭୦ ହଜାର ଟଙ୍କା ଜବତ କରିବାରେ ସଫଳ ହୋଇଛି। ଜୋନ୍-୪ ଏସିପି ଅଭିମନ୍ୟୁ ନାୟକ ଏକ ପ୍ରେସ୍ ମିଟ୍ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ଉଭୟ ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ୩୦୯(୪) ଧାରାରେ ଗିରଫ କରାଯାଇ ୩ ତାରିଖ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାର ତଦନ୍ତ ଜାରି ରହିଛି ଏବଂ ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ମଲ୍ଲିକଙ୍କ ସହ ଅନ୍ୟ ୨ ଜଣଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପାହାଳ ଥାନା ଆଇଆଇସି ଶ୍ରୀ ଜେନା ପ୍ରକାଶ କରିଛନ୍ତି।

## କନ୍ଦରପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




କନ୍ଦରପୁର,୩।୧୨(ସମିସ): କଟକ ସଦର ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷା ଡ. ସ୍ୱାତି ପଣ୍ଡାଙ୍କ ପୌରହିତ୍ୟ ଓ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ ଶିକ୍ଷା ଶିକ୍ଷାୟତନ ଓ ଶିକ୍ଷକ ଉପରେ ଆଲୋକପାତ କରିବା ସହ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ କେଶବଚନ୍ଦ୍ର ନନ୍ଦଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସଭାପତି ତଥା କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ନବନିର୍ମାଣ ବିକାଶ ମଞ୍ଚ କେନ୍ଦ୍ରୀୟ ସଭାପତି ବରିଷ୍ଠ ଆଇନଜୀବୀ ଜ୍ଞାନଗୁରୁ ଦାସ ଯୋଗଦେଇ ଆଧ୍ୟାତ୍ମିକ ଚିନ୍ତାଧାରା ବିନା ପ୍ରଗତି ହୋଇପାରିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ଦୁଇଜଣ ପୂର୍ବତନ ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କଲେଜ ପକ୍ଷରୁ ଏକ ଏଡସ୍ ସଚେତନତା ରାଲି ହୋଇଥିଲା। ଏଥିରେ ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦେବ ଅଧ୍ୟାପକ ଡ. ଅମୀୟ ରଞ୍ଜନ ରାୟ, ଅଧ୍ୟାପକ ଆଦିତ୍ୟ ସ୍ୱାଇଁ, ଅଧ୍ୟାପକ ଏସ ଚକ୍ରବର୍ତ୍ତୀ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି

କଣ୍ଟାପଡା,୩।୧୨(ସମିସ): କଣ୍ଟାପଡା ବ୍ଲକ ବ୍ରାହ୍ମଣବାଟୀ ପଞ୍ଚାୟତ ସୁଦୁସାଇଲୋ, ଅଣ୍ଡେଇସାହି, ସାଇଲୋବଡବିଲ, ପୂର୍ବପାରୀ ଖେରସ, ବଡଖରମଙ୍ଗା ଗ୍ରାମର ଦେବୀକନ୍ଦଳ ତ୍ରିକୋଣଭୂମୀ ସଙ୍ଗମ କ୍ଷେତ୍ରରେ ଅଷ୍ଟାଦଶ ବାର୍ଷିକ ଉତ୍ସବ ଶୂନ୍ୟାକ୍ଷର ଅନନ୍ତ କଲ୍କୀ ଜଗନ୍ନାଥ ମହାମେଳା ମହୋତ୍ସବ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ବଟଗୋସ୍ୱାମୀଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶିଶୁ ସିଦ୍ଧ୍ୟ ଶ୍ରୀ ଶ୍ରୀ ସନ୍ଥ ଧୁନ୍ଦରାମ ମହାରାଜ, ବରିଷ୍ଠ ଆଇନଜୀବୀ ସଂଜୋଜ ସାମନ୍ତରାୟ, ପ୍ରତାପ ମଲିକ, ଅଭୟ ମଲିକ, ମନୋରଞ୍ଜନ ସାମନ୍ତରାୟ, ହୃଦାନନ୍ଦ ଜେନା, ଭରତ ଚନ୍ଦ୍ର ରାଉତରାୟ, ସନାତନ ବାରିକ, ଦୀପକ ଭୋଳ, ପ୍ରକାଶ ଭୋଳ, ବିଶ୍ୱରଞ୍ଜନ ଭୋଳ, ତ୍ରିଲୋଚନ ବାରିକ, ଗଙ୍ଗାଧର ପ୍ରଧାନ, ପଦ୍ମଚରଣ ସାମଲ ଓ ଗଙ୍ଗାଧି ମଲିକ ପ୍ରମୁଖ ଉପସ୍ଥିତ ରହିଥିଲେ। ଅଞ୍ଚଳରେ ପୁରାତନ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ କିଭଳି ଭାବେ ଶାନ୍ତିଶୃଙ୍ଖଳାର ସହିତ ସଂପନ୍ନ ହେବ ସେଥିଲାଗି ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କଲେଜ ଇକୋ କ୍ଲବ୍ ପକ୍ଷରୁ ବର-ଅଶ୍ୱତ୍ଥ ବିବାହ

ଚୌଦ୍ୱାର,୩।୧୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇକୋ କ୍ଲବ୍



ଆନୁକୂଲ୍ୟରେ ପବିତ୍ର ବଟ ଓ ଅଶ୍ୱତ୍ଥ ବୃକ୍ଷଙ୍କ ଶୁଭବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମଚାରୀ ଅଶାନ୍ତ ଦଳାଇ ବରପିତା ଏବଂ ତ୍ରିଲୋଚନ ରାଉତ କନ୍ୟାପିତା ଭାବେ ପରମ୍ପରା ମତେ ପଣ୍ଡିତଙ୍କ ମନ୍ତ୍ରଧ୍ୱନୀ ଭିତରେ ବର ଏବଂ ଅଶ୍ୱତ୍ଥ ବୃକ୍ଷଙ୍କ ଶୁଭ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ପ୍ରତିଷ୍ଠାତା ସମ୍ପାଦକ ଦାମୋଦର ସାହୁ, ପ୍ରତିଷ୍ଠାତା ଯୁଗ୍ମ ସମ୍ପାଦକ ଗଙ୍ଗାଧର ସାହୁ, ପୂର୍ବତନ ଅଧ୍ୟକ୍ଷ ଡ. ସୁରେଶ ଚନ୍ଦ୍ର କର, ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନର ଅଧିକାରୀବୃନ୍ଦ, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ସମିତିସଦସ୍ୟ ସଦସ୍ୟା, ଅଞ୍ଚଳର ବହୁ ବ୍ୟକ୍ତିଙ୍କ ସମେତ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଗ୍ରାମବାସୀବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଧ୍ୟକ୍ଷା ଗୀତାଞ୍ଜଳି ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିବାହ ଉତ୍ସବରେ ଅଧ୍ୟାପକ ଉତ୍ତମ ଦାସ, ଅଜୟ ପତି, ହିମାଂଶୁ ସାହୁ, ଶାରଦା ସାହୁ, ବ୍ରହ୍ମାନନ୍ଦ ମହାରଣା, ଦିପ୍ତୀ ଚାନ୍ଦ, ରାଜଶ୍ରୀ ମିଶ୍ର ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ।

## ସମାଜସେବୀଙ୍କ ସ୍ମୃତିଚାରଣ



ଭଦ୍ରେଶ୍ୱର,୩।୧୨(ସମିସ): ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ ଓସ୍ତପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ବହୁ ଅନୁଷ୍ଠାନର ସ୍ରଷ୍ଟା ସ୍ୱର୍ଗତ ମକର ମହାନ୍ତିଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ଉମର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ କୁମାର ସିଂ, ଶରତଚନ୍ଦ୍ର ନାୟକ, ପ୍ରମୋଦ ମହାରଣା, ନାରାୟଣ ବେହେରା, ସୁବାସ ଓଝା, ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗତ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ।

## ସବୁଜ ସୁନ୍ଦର ରାଷ୍ଟ୍ର ଗଠନ କାର୍ଯ୍ୟକ୍ରମ



ଟାଙ୍ଗୀ,୩।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କୁସୁନପୁର ଆଦିବାସୀ ବସ୍ତିରେ ଏଚଏମଏସଏ କେୟାର ଫାଉଣ୍ଡେସନ ଆନୁକୂଲ୍ୟରେ ସବୁଜ ସୁନ୍ଦର ସଚେତନ ରାଷ୍ଟ୍ର ଗଠନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ମହେଶ ରାୟଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ବାସୁଦେବ ପ୍ରଧାନ, ମନୋରମା ନାୟକ ଓ ଅଧ୍ୟାପକ ଅବିନାଶ ନାୟକ ପ୍ରମୁଖ ସୁନ୍ଦର ସବୁଜ ରାଷ୍ଟ୍ର ଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗ୍ରାମର ଛୋଟ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ସମସ୍ତଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ସହ ସମସ୍ତଙ୍କୁ ବିଭିନ୍ନ ପୋଷାକ ଓ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ସମାଜସେବୀ ଜେମା ହେମ୍ବ୍ରମ ଓ ଆଜାଦ ସାମୁରାଇ ସଂଯୋଜନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

ନିଶ୍ଚିନ୍ତକୋଇଲି,୩।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବାବୁଜଙ୍ଗ ପଞ୍ଚାୟତ ଆଦିବାସୀ ସାହିରେ ଥିବା ୪୦ରୁ ଉର୍ଦ୍ଧ୍ୱ ଅସହାୟ ପରିବାରଙ୍କୁ 'ୟୁନିଅନ ଫର



କଟକ ସଦର ଡେଭଲପମେଣ୍ଟ' ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ସଂଗଠନର ସଭାପତି ସମାଜସେବୀ ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବିଜୟ ନାୟକ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ସାହୁ, ସର୍ବେଶ୍ୱର ସ୍ୱାଇଁ, ଉଦୟ ସାସମଲ, ଲାଲାଜୀ ଭୂୟାଁ, ପ୍ରକାଶ ମାଝୀ, ପ୍ରତାପ ରାଉତ, ଇଜାଜ୍ ଖାଁ, ନିବେଦିତା ସିଂ, ସାମ୍ବାଦିକ ଅମିତାଭ ମହାପାତ୍ର ପ୍ରମୁଖ ଯୋଗଦେଇ ଅସହାୟଙ୍କୁ ଉତ୍ସାହିତ କରିଥିଲେ। ଏହାଛଡା ସାହସପୁର ଗ୍ରାମର ସ୍ୱର୍ଗତ ପ୍ରଭାକର ସାହାଣୀଙ୍କ ପରିବାରକୁ ଶୀତବସ୍ତ୍ର, ଖାଦ୍ୟ ପଦାର୍ଥ ସହ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ କଟକ ସଦର ନିର୍ବାଚନମଣ୍ଡଳୀର ଅସହାୟଙ୍କୁ ସହାୟତା ଦିଆଯାଉଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

## ଦହପଡ଼ା-ଫଙ୍ଗୋଳ କେନାଲ ବନ୍ଧ ରାସ୍ତା ଶୋଚନୀୟ

ନିଶ୍ଚିନ୍ତକୋଇଲି,୩।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଦହପଡା-ଫଙ୍ଗୋଳ କେନାଲ ବନ୍ଧ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଦୀର୍ଘ ବର୍ଷ ହେବ ଏହି ରାସ୍ତାକୁ ମରାମତି କରାଯାଇ ନ ଥିବାରୁ ଏହାର ବିଭିନ୍ନ ସ୍ଥାନରେ ବଡ ବଡ ଖାଲ ଖମା ସୃଷ୍ଟି ହୋଇଛି। ଫଳରେ ଯାତାୟାତ ପାଇଁ ବାଟୋଇମାନେ ନାହିଁ ନ ଥିବା ହିନସ୍ତା ହେଉଛନ୍ତି। କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ଥିବା ୮(ଏ) କେନାଲର ବାମପାଶ୍ୱର୍ ବନ୍ଧଟି ଦହପଡା ମସ୍ତାବନ୍ଧ ଠାରୁ ଫଙ୍ଗୋଳ ଭୂୟାଁସାହି ପୋଲ ପର୍ଯ୍ୟନ୍ତ ରାସ୍ତାରେ ପ୍ରତ୍ୟେକ ଦିନ ବହୁ ସ୍କୁଲ କଲେଜ ଛାତ୍ର ଛାତ୍ରୀ, ଶହ ଶହ ବାଇକ୍ ଓ ଚାରିଚକିଆ ଯାନ ଯାତାୟାତ କରିଥାଏ। ଜଳସେଚନ ବିଭାଗ ପକ୍ଷରୁ ଏହି ରାସ୍ତାର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଲୋକମାନେ ଦୀର୍ଘ ବର୍ଷ ହେବ ଯାତାୟାତ ପାଇଁ ହଇରାଣ ହରକତ ହେଉଛନ୍ତି। ଏହି ରାସ୍ତାର ଦୁଇ ପାର୍ଶ୍ୱରେ ବାସସ୍ଥାନ ନିର୍ମାଣ



କରିଥିବା ଲୋକମାନେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ଯୋଗୁ ବହୁ କଷ୍ଟ ଭୋଗୁଛନ୍ତି। ଉକ୍ତ ରାସ୍ତାଟି ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ଏକ ସଂଯୋଗୀକରଣ ରାସ୍ତା ହୋଇଥିବାରୁ ଏହାର ବହୁ ଗୁରୁତ୍ୱ ରହିଛି। ଏହି ରାସ୍ତାକୁ ଉନ୍ନତିକରଣ କରି ପିଚୁ ରାସ୍ତାରେ ପରିଣତ କରିବା ପାଇଁ ବିଗତ ୫ ବର୍ଷ ହେବ ଏଥିରେ କଳା ମେଣ୍ଟାଳିଂ କରାଯାଉଥିଲେ ମଧ୍ୟ ଏହାକୁ ପିଚୁ କରାଯାଉନାହିଁ। ଜରୁରୀକାଳୀନ ପରିସ୍ଥିତିରେ ଏହି ରାସ୍ତା ଦେଇ ଆମ୍ବୁଲାନ୍ସ କିମ୍ବା ଦମକଳଗାଡି ଯିବା ସମ୍ଭବପର ହେଉନାହିଁ। ବେଳେ ବେଳେ ଏହି ରାସ୍ତା ଦେଇ ଯାଉଥିବା ସ୍କୁଲ ଗାଡି ଖାଲରେ ପଡି କେତେବେଳେ ଯେ ଦୁର୍ଘଟଣାଗ୍ରସ୍ତ ହେବ ତାହା କହିହେଉନାହିଁ। ବର୍ତ୍ତମାନ ଏହି ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗରେ ଅନ୍ତର୍ଭୁକ୍ତ କରାଯାଇ ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅନୁଦାନରେ ନିର୍ମାଣ କରିବା ପାଇଁ ଟେଣ୍ଡର ହୋଇଥିବା ଜଳସେଚନ ବିଭାଗ ପକ୍ଷରୁ ସୂଚନା ମିଳିଛି। ହେଲେ ଏହି କାର୍ଯ୍ୟ ଆରମ୍ଭ ହୋଇ ଶେଷ ହେଲାବେଳକୁ ଅନ୍ୟୁନ ଦୁଇ ବର୍ଷ ଲାଗିଯିବ। ରାସ୍ତା ନିର୍ମାଣ ହେବା ପୂର୍ବରୁ ଏଥିରେ ଥିବା ଖାଲଖମା ଗୁଡିକୁ ମରାମତି କରାଗଲେ ଲୋକମାନେ ଟିକିଏ ସୁବିଧାରେ ଯାତାୟାତ କରିପାରନ୍ତେ ବୋଲି ପ୍ରକାଶ କରିଛନ୍ତି। ତୁରନ୍ତ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ଫଙ୍ଗୋଳ, ଜଗନ୍ନାଥପୁର ଗ୍ରାମର ଲୋକମାନେ ଦାବି କରିଛନ୍ତି।

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ



ନିଶ୍ଚିନ୍ତକୋଇଲି,୩।୧୨(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଉତ୍ତରକୂଳସ୍ଥିତ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ବିଆରପି ଗାୟତ୍ରୀ ବଳ, ଅନୀଳା ଷଡଙ୍ଗୀ ଓ ରଣଜିତ୍ ମଳିକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ୪୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କର ଅଭିଭାବକଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ସଂଗୀତ, ଗୋଲକଧନ୍ଦା, ପେଣ୍ଡୁ ଫିଙ୍ଗା ଆଦି ଖେଳ ପ୍ରଦର୍ଶନ କରାଯାଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଇଥିଲା। ଉତ୍ସବରେ ପ୍ରଧାନଶିକ୍ଷକ ସନ୍ତୋଷ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ଶୁଭାସିନୀ ବେହେରା, ସମ୍ମାନିତ ଅତିଥି ଭାବେ ସହକାରୀ ମଣ୍ଡଳ ଶିକ୍ଷାଅଧିକାରୀ ସେକ୍ ଜାକୀର ହୁସେନ ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ଆଲୋଚନା କରି ଏହାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ତର୍ନିବେଶୀ ଶିକ୍ଷା ସହାୟକ ଆଲୋକ ବେହେରା, ମିତରଞ୍ଜନ ଦାସ, କବିତା ତ୍ରିପାଠୀ, ଅକ୍ଷୟ ସାମନ୍ତରାୟ, ଆଦିତ୍ୟ ପୁହାଣ, ମଞ୍ଜୁଲତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଜରିପଡ଼ା ବାଲିଘାଟକୁ ନେଇ ଜନଅସନ୍ତୋଷ

ଫୁଲନଖରା,୩।୧୨(ସମିସ):



**ଅଭିଯୋଗ ଶୁଣୁନି ପ୍ରଶାସନ**

କଟକ ସଦର ଥାନା ଉରାଳୀ ପଞ୍ଚାୟତ ଅନ୍ତର୍ଗତ ଜରିପଡା ମୌଜାରେ ସିଡୁଆ ନଦୀ ବାଲିଘାଟକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨୦୨୨ରେ ୫ବର୍ଷ ପାଇଁ ଅର୍ଥାତ୍ ୨୦୨୭ ପର୍ଯ୍ୟନ୍ତ ଉକ୍ତ ବାଲିଘାଟକୁ ଲିଜ୍ ସୂତ୍ରରେ ଦିଆଯାଇଥିଲା। ଲିଜ୍ ମୁତାବକ ଜରିପଡା ମୌଜାସ୍ଥିତ ଖାତା ନଂ ୪୨୮, ପ୍ଲଟ ନଂ ୩୯୫ର ୨୫ଏକର ନଦୀଶଯ୍ୟାରୁ ବାଲି ଉଠାଣ ପାଇଁ ଅନୁମତି ଦଆଯାଇଥିଲା। ସରକାରୀ ନ୍ୟୁନତମ ଅନୁମୋଦିତ ବାର୍ଷିକ ୨୫୯୧୬ କ୍ୟୁବିକ୍ ମିଟର ବାଲି ଉଠାଣ ପାଇଁ ସ୍ୱୀକୃତି ଦିଆଯାଇଥିଲେ ସୁଦ୍ଧା ଲିଜ୍‌ଧାରୀ ବାର୍ଷିକ ତଦୁର୍ଦ୍ଧ ବାଲି ଉଠାଇ ଚାଲିଛନ୍ତି। ପ୍ରତ୍ୟେହ ଶହ ଶହ ହାଇୱାରେ ଜେସିବି ସାହାଯ୍ୟରେ ବାଲି ଉଠାଣ ହେଉଥିବାର ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶହ ଶହ ଭାରୀଯାନଗୁଡିକରେ ଓଭରଲୋଡ ବାଲି ଯାଉଥିବାରୁ ନଦୀ ଓ ନାଳବନ୍ଧଗୁଡିକ ଶୀଘ୍ର ନଷ୍ଟ ହେଇଯାଉଥିବାର ମଧ୍ୟ ପ୍ରମାଣ ରହିଛି। ଏତଦ୍‌ବ୍ୟତୀତ ଦିନରାତି ଭାରୀଯାନଗୁଡିକ ସଂକୀର୍ଣ୍ଣ ନଦୀ ବନ୍ଧ ଦେଇ ଯାଉଥିବାରୁ ରାସ୍ତାରେ ଦୈନନ୍ଦିନ ଯାତାୟାତ କରୁଥିବା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଛାତ୍ରଛାତ୍ରୀଙ୍କ ଯାତାୟାତରେ ମଧ୍ୟ ଘୋର ଅସୁବିଧା ସୃଷ୍ଟି ହେଉଛି। ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ଜନଜୀବନ ଚାଲିଯାଉଥିବାର ମଧ୍ୟ ନଜିର ରହିଛି। ଏ ବିଷୟରେ ବାରମ୍ବାର ପ୍ରଶାସନକୁ ଅବଗତ କରାଗଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଜରିପଡା ମୌଜାରେ ଥିବା ଉକ୍ତ ବାଲିଘାଟର ଜଣେ ଲିଜ୍‌ଧାରୀ ତାଙ୍କର ନିର୍ଦ୍ଧାରିତ ନଦୀଶଯ୍ୟାରୁ ବାଲି ଉଠାଇବା ସହିତ ନିକଟସ୍ଥ ଉରାଳୀ ମୌଜାରୁ ମଧ୍ୟ ବାଲି ଉଠାଯାଉଛି ବୋଲି ସ୍ଥାନୀୟ ଜନପ୍ରତିନିଧି ତଥା ସରପଞ୍ଚ ଙ୍ଗ ଅଭିଷେକ ବେହେରା ଅଭିଯୋଗ କରିଛନ୍ତି। ଏ ବିଷୟରେ ପ୍ରଶାସନକୁ ବାରମ୍ବାର ଅବଗତ କରିବା ସହିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଏ ବିଷୟରେ ଅଭିଯୋଗ କଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ ବୋଲି ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାର ବାଲି ଚୋରାଚାଲାଣକୁ ସଂପୂର୍ଣ୍ଣ ଭାବରେ ବିରୋଧ କରୁଥିବା ବେଳେ ଦୈନିକ ଟ୍ରାଞ୍ଜିଟ୍ ପାସ୍‌ରେ ଯେତିକି ବାଲି ଉଠିବା କଥା ବିନା ଟିପିରେ ତାହାଠାରୁ ଯଥେଷ୍ଟ ଅଧିକ ବାଲି ଉଠାଯିବା ସହିତ ବାଲିମାଫିଆମାନେ ଲାଭବାନ୍ ହେଉଥିବା ବେଳେ ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବା ଜାଣି ସୁଦ୍ଧା ପ୍ରଶାସନ କାହିଁକି ନିରବଦ୍ରଷ୍ଟା ସାଜିଛି ତାହା ମଧ୍ୟ ଅଞ୍ଚଳବାସୀଙ୍କ ମନରେ ଘୋର ସନ୍ଦେହ ସୃଷ୍ଟି କରିଛି। ଆଗାମୀ ଦିନରେ ଯଦି ଏହାର ସ୍ଥାୟୀ ସମାଧାନ ନ ହୁଏ ତେବେ ଜନଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଶ୍ରୀ ବେହେରା ଖୋଲାଖୋଲି ଚେତାବନୀ ଦେଇଛନ୍ତି।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଭଦ୍ରେଶ୍ୱର,୩।୧୨(ସମିସ): ମାହାଙ୍ଗା ବ୍ଲକ ଗୋପାଳପୁରସ୍ଥିତ ସାମାଜିକ ସଙ୍ଗଠନ ୟେସ ଉଇ କ୍ୟାନ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏରକଣା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜ୍ଞାନରଞ୍ଜନ ନାୟକଙ୍କ ସମେତ ଏକାଧିକ ଡାକ୍ତର ଯୋଗଦାନ କରି ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରିବା ସହ ସେମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠାନର ଅଧ୍ୟକ୍ଷ ଯୁବସମାଜସେବୀ ସତ୍ୟଜିତ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାସ୍ଥ୍ୟ ଶିବିରରେ ୫୦ରୁ ଉର୍ଦ୍ଧ୍ୱ ରୋଗୀ ଯୋଗଦାନ କରି ଡାକ୍ତରଙ୍କ ପରାମର୍ଶ ନେବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ପ୍ରଦୀପ୍ତ ନାଥଶର୍ମା, ଅବୁଲ ହାସନ, ସୁବାଷ ଚନ୍ଦ୍ର ମହାନ୍ତି, ପ୍ରକାଶ ଚନ୍ଦ୍ର ପ୍ରଧାନ, ଜଗବନ୍ଧୁ ଗୋଚ୍ଛାୟତ, ବିଚିତ୍ରାନନ୍ଦ ବିଶ୍ୱାଳ, ନିତ୍ୟାନନ୍ଦ ରାଉତ, ବିଧାନଚନ୍ଦ୍ର ପ୍ରଧାନ, ପ୍ରଦୀପ୍ତ ପାଳ, ଦେବସ୍ମିତା ଦାସ, ଶ୍ୟାମସୁନ୍ଦର ପ୍ରଧାନ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।



| ମୁଦ୍ରା ବିନିମୟ ମୂଲ୍ୟ | ସୁନା, ରୁପା ଦର (ଟଙ୍କାରେ) | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (୨୨ କ୍ୟାରେଟ୍) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| • ଡଲାର ୯୦.୧୩ • ପାଉଣ୍ଡ ୧୧୯.୮୬ | • ସୁନା: ୧,୧୯,୭୦୦ (ନୂଆଦିଲ୍ଲୀ) | • ସେନ୍‌ସେକ୍ସ ୮୫,୧୦୬.୦୦ | • ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର) |
| • ୟୁରୋ ୧୦୪.୩୪ • ୟେନ୍ ୦.୫୭ | • ରୁପା : ୧,୯୯,୦୦୦ (କେଜି) | • ନିଫ୍ଟି ୨୫,୯୮୬.୦୦ | • ଡିଜେଲ୍ - ୯୨.୮୦ |

**ରେକର୍ଡ ସ୍ତରକୁ ଖସିଲା ଟଙ୍କା**

# ଏବେ ସବୁ ହେବ ମହଙ୍ଗା

## ବଢ଼ିବ ସ୍ମାର୍ଟଫୋନ୍, ପେଟ୍ରୋଲ, ଲାପଟପ୍ ଦାମ୍

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ବୁଧବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଐତିହାସିକ ହ୍ରାସ ଘଟିଛି। ପ୍ରଥମ ଥର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦ ଟଙ୍କା ସ୍ତର ଅତିକ୍ରମ କରିଛି। ବିଦେଶୀ ପାଣ୍ଠିର ପ୍ରବାହ, ଅଶୋଧିତ ତୈଳର ଉଚ୍ଚ ମୂଲ୍ୟ ଏବଂ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ଏହାର ମୁଖ୍ୟ କାରଣ ଥିଲା। ଫରେକ୍ସ ବ୍ୟବସାୟୀମାନେ କହିଛନ୍ତି ଯେ ଅଧିକାଂଶ ସମୟ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗୁରୁତ୍ୱପୂର୍ଣ୍ଣ ହସ୍ତକ୍ଷେପର ଅଭାବ ମଧ୍ୟ ବଜାର ଉପରେ ଚାପ ପକାଇଥିଲା। ଟଙ୍କାର ଏହି ଦୁର୍ବଳତା କେବଳ ସେୟାର ବଜାର କିମ୍ବା ବିଦେଶୀ ମୁଦ୍ରା ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ବର୍ତ୍ତମାନ ସାଧାରଣ ଭାରତୀୟ ପରିବାରକୁ ମଧ୍ୟ ପ୍ରଭାବିତ କରୁଛି। ଏଥିଯୋଗୁ ଆଗାମୀ ଦିନରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟଠାରୁ ଆରମ୍ଭ କରି ଇଏମ୍ଆଇ, ପିଲାମାନଙ୍କ ପାଠପଢ଼ା ଫି' ଏବଂବିଦେଶ ଯାତ୍ରା ଖର୍ଚ୍ଚ ଢ଼େର ବଢ଼ିଯିବ।



ଭାରତ ଏହାର ତୈଳ ଆବଶ୍ୟକତାର ୯୦% ଆମଦାନୀ କରେ। ଏହା ବ୍ୟତୀତ, ଆମେ ଇଲେକ୍ଟ୍ରୋନିକ୍ସ, ସାର ଏବଂ ରନ୍ଧନ ତେଲ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇଁ ବିଦେଶୀ ଯୋଗାଣକାରୀଙ୍କ ଉପରେ ନିର୍ଭର କରୁ। ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଏହି ସମସ୍ତ ଆମଦାନୀ କରାଯାଉଥିବା ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଥାଏ। ଏହାର ଅର୍ଥ ହେଉଛି ଏଣିକି ଆପଣଙ୍କୁ ଡଲାରରେ ଅଧିକ ଦେୟ ଦେବାକୁ ପଡିବ। ଏହାର ଅର୍ଥ ହେଉଛି ଆପଣଙ୍କର ପରବର୍ତ୍ତୀ ଆଇଫୋନ୍, ରେଫ୍ରିଜରେଟର କିମ୍ବା କାର କିଣିବା ଅଧିକ ମହଙ୍ଗା ହୋଇପାରେ। ଟଙ୍କା ମୂଲ୍ୟ ଖସିଲେ ଆମଦାନୀ ମହଙ୍ଗା ହେବା ଯୋଗୁ ରୋଷେଇ ତେଲ, ଏଲ୍‌ପିଜି ଏବଂ ପେଟ୍ରୋଲ ମୂଲ୍ୟ ବୃଦ୍ଧି ଘିବ, ଯାହା, ବିଶେଷକରି ନିମ୍ନ ଏବଂ ମଧ୍ୟମ ଆୟ ପରିବାରଗୁଡିକର ଘର ଖର୍ଚ୍ଚ ବଢ଼ାଇବ। ଏହାଛଡା ବିଦେଶରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ୨୦୨୩ ତୁଳନାରେ ବାର୍ଷିକ ୫ ରୁ ୧୦ ଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିପାରେ, ବିଶେଷକରି ଯେଉଁମାନେ ଟ୍ୟୁସନ୍ ଫି' ଏବଂ ଡଲାରରେ ଜୀବନଯାପନ ଖର୍ଚ୍ଚ ଦିଅନ୍ତି। ଏହାବାଦ୍ ଶିକ୍ଷା ଋଣ ଉପରେ ବୋଝ ମଧ୍ୟ ବୃଦ୍ଧି ପାଇବ। ପ୍ରତି ଡଲାର ୮୦ ଟଙ୍କାରେ ନିଆଯାଇଥିବା ଋଣ ପରିଶୋଧ କରୁଥିବା ଛାତ୍ରମାନଙ୍କୁ ଏବେ ଟଙ୍କା ହିସାବରେ ୧୨-୧୩% ଅଧିକ ଦେବାକୁ ପଡିବ।

**ବିଦେଶରେ ପଢ଼ାରେ ୨୦୨୩ ତୁଳନାରେ ବାର୍ଷିକ ୫ ରୁ ୧୦ ଲକ୍ଷ ଅଧିକ ଖର୍ଚ୍ଚ ହେବ**

**ଇଏମ୍ଆଇ, ପିଲାଙ୍କ ପାଠପଢ଼ା ଫି', ବିଦେଶ ଯାତ୍ରା ଖର୍ଚ୍ଚ ବଢ଼ିବ**

ଟଙ୍କାର ମୂଲ୍ୟ ହ୍ରାସର ୩ ବଡ଼ କାରଣ ହେଉଛି, ଆମେରିକା ସହିତ ସମ୍ପ୍ରତି ବାଣିଜ୍ୟ ଆଲୋଚନା ବିଫଳ ହୋଇଛି। ଆମେରିକା ଭାରତୀୟ ରପ୍ତାନି ଉପରେ ଶୁଳ୍କ ବୃଦ୍ଧି କରିଛି, କିଛି ପରିମାଣରେ ୫୦% ପର୍ଯ୍ୟନ୍ତ। ଏହା ଭାରତୀୟ ବ୍ୟବସାୟଗୁଡ଼ିକର ବିଶ୍ୱାସକୁ ଦୋହଲାଇ ଦେଇଛି। ଦ୍ୱିତୀୟଟି ହେଉଛି, ଭାରତରେ ସ୍ଥିର ମୁଦ୍ରାସ୍ଫୀତି ଏବଂ ଅଭିବୃଦ୍ଧି ସତ୍ତ୍ୱେ, ବିଦେଶୀ ନିବେଶକମାନେ ୨୦୨୫ରେ ଭାରତୀୟ ଷ୍ଟକ ବଜାରରୁ ୧୭ ବିଲିୟନ ଡଲାର ପ୍ରତ୍ୟାହାର କରିଥିଲେ। ଏହା ଟଙ୍କା ଉପରେ ଚାପ ବୃଦ୍ଧି କରିଛି।

ଶେଷଟି ହେଉଛି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଭାରତର ବିନିମୟ ହାର ବ୍ୟବସ୍ଥାକୁ "ସ୍ଥିର" ରୁ "କ୍ରଲ୍-ଲାଇକ୍" ରେ ପରିବର୍ତ୍ତନ କରିଛି। ଏହାର ଅର୍ଥ ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ଟଙ୍କାକୁ ସୁରକ୍ଷା ଦେବା ପରିବର୍ତ୍ତେ ନିୟନ୍ତ୍ରଣ କରୁଛି।

## ନାଲ୍‌କୋ ପକ୍ଷରୁ ଦିବ୍ୟାଙ୍ଗଜନଙ୍କୁ ସହାୟତା



**ଭୁବନେଶ୍ୱର,୩।୧୨(ସମିସ):** ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ(ନାଲକୋ) ପକ୍ଷରୁ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ନିମନ୍ତେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫ ଅବସରରେ ଅନୁଗୋଳ, ଦାମନଯୋଡ଼ି ଏବଂ ଭୁବନେଶ୍ୱରଠାରେ କମ୍ପାନୀର ସିଏସଆର କାର୍ଯ୍ୟକ୍ରମ ଅନ୍ତର୍ଗତ ସହାୟତା ଶିବିରମାନ ଆୟୋଜନ କରାଯାଇ ଦିବ୍ୟାଙ୍ଗଜନମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଛି। ଅନୁଗୋଳସ୍ଥିତ ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସରେ ବଣ୍ଟନ ଶିବିରର ଶୃଙ୍ଖଳା ଆରମ୍ଭ କରାଯାଇଛି ଯେଉଁଥିରେ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ସିଏମଡି, ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏବଂ ପଙ୍କଜ କୁମାର ଶର୍ମା ନିର୍ଦ୍ଦେଶକ (ଉତ୍ପାଦନ) ଉପସ୍ଥିତ ଥିଲେ। ଏହି ଅବସରରେ କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଭୁବନେଶ୍ୱରରେ ଭୀମ ଭୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଶିବିରରେ ଜଗଦୀଶ ଅରୋରା, ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ), ନାଲକୋର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ନାଲକୋ ଫାଉଣ୍ଡେସନର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୭୬ ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସହାୟକ ଉପକରଣ ବଣ୍ଟନ କରିଥିଲେ।

## ବାଣିଜ୍ୟ, ସ୍ୱାସ୍ଥ୍ୟ, କୃଷିରେ ହୋଇପାରେ ଭାରତ-ରୁଷ ଚୁକ୍ତି

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଗୁରୁବାର ଭାରତ ଆସୁଛନ୍ତି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍। ତାଙ୍କର ଏହି ଦୁଇଦିନିଆ ଗସ୍ତ ଭାରତ ଗସ୍ତ ଉଭୟ ଦେଶ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ବ୍ୟବସାୟ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଏକାଧିକ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇପାରେ। ଭାରତ ଏବଂ ରୁଷ ମଧ୍ୟରେ ବାଣିଜ୍ୟ, ସ୍ୱାସ୍ଥ୍ୟ, କୃଷି, ଗଣମାଧ୍ୟମ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇପାରେ ବୋଲି ଆଶା କରାଯାଉଛି। ପୁଟିନ୍‌ଙ୍କ ଏହି ଗସ୍ତ ଭାରତ-ରୁଷ ରଣନୈତିକ ସହଭାଗୀର ୨୫ତମ ବର୍ଷ ପୂର୍ତ୍ତିକୁ ପାଳନ କରିବାକୁ କରାଯାଉଛି। ତା' ସହିତ ଦୁଇ ଦେଶ ମଧ୍ୟରେ ୨୩ତମ ଦ୍ୱିପାକ୍ଷିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ।

୨୦୨୨ ଫେବୃଆରୀ ପରେ ପୁଟିନ୍‌ଙ୍କ ଏହା ପ୍ରଥମ ଭାରତ ଗସ୍ତ ହେବ। ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ନେଇ ରୁଷିଆ ରାଷ୍ଟ୍ରପତିଙ୍କ ସହାୟକ ଉରି ଉଶାକୋଭ କହିଛନ୍ତି ଯେ ଉଭୟ ନେତା ବାଣିଜ୍ୟ ଏବଂ ଅର୍ଥନୈତିକ ସହଭାଗୀତା ବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋଚନା କରିବେ। ୨୦୨୪ରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୨% ବୃଦ୍ଧି ପାଇ ୬୩.୬ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା। ହେଲେ ଗୋଟେ ସମସ୍ୟା ହେଉଛି ବଢୁଥିବା ବାଣିଜ୍ୟ ଅସନ୍ତୁଳନ ନେଇ ଭାରତ ଚିନ୍ତିତ ରହୁଛି। ତେଣୁ ଭାରତର ଚିନ୍ତାକୁ ଦୂର କରିବାକୁ ରୁଷ ପ୍ରସ୍ତୁତ ଅଛି। ଏବଂ ବାହ୍ୟ ଚାପରୁ ଦ୍ୱିପାକ୍ଷିକ କାରବାରକୁ ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା ତିଆରି କରିବାକୁ ଆଲୋଚନା ହୋଇପାରେ ବୋଲି ଉଶାକୋଭ କହିଛନ୍ତି। ଏଥିରେ ବଡ଼ କଥା ହେଲା ୨୦୩୦ ପର୍ଯ୍ୟନ୍ତ ଋଷ-ଇଣ୍ଡିଆ ଇକୋନୋମିକ କୋଅପରେସନ ଷ୍ଟ୍ରାଟେଜିକ ଏରିଆର ଡେଭଲପମେଣ୍ଟ ପାଇଁ ପ୍ରୋଗ୍ରାମ ହେବ। ଏଥିସହିତ ବାଣିଜ୍ୟ, ଉର୍ଜା, କୃଷି, ସ୍ୱାସ୍ଥ୍ୟ ଓ ମିଡିଆ କଭରେଜ କ୍ଷେତ୍ର ନେଇ ଏଗ୍ରୀମେଣ୍ଟ ହେବ। ଏହା ପୂର୍ବରୁ ମସ୍କୋରେ ଅଗଷ୍ଟ ମାସରେ ଅନୁଷ୍ଠିତ ହୋଇଥିବା ଆନ୍ତଃସରକାରୀ କମିଶନର ବୈଠକରେ ଶିଳ୍ପ ସହଯୋଗ, ଇନୋଭେସନ ଟେକ୍ନୋଲୋଜି, ଖଣି, ପରିବହନ ସଂଯୋଗ, ମହାକାଶ, ସ୍ୱାସ୍ଥ୍ୟସେବା ଏବଂ ଶ୍ରମ ବଳ ବାଣ୍ଟିବା ଭଳି ବୃହତ୍ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯାଇଥିଲା। ତେବେ ଶୁକ୍ରବାର ଅପରାହ୍ଣରେ, ଭାରତ ମଣ୍ଡପମରେ ଭାରତ-ରୁଷ ବ୍ୟବସାୟ ଫୋରମକୁ ମୋଦି ଏବଂ ପୁଟିନ ମିଳିତ ଭାବରେ ସମ୍ବୋଧିତ କରିବେ, ଯେଉଁଠାରେ ନିବେଶ ସୁଯୋଗ, ଉତ୍ପାଦନ ସହଭାଗୀତା ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗ ଉପରେ ଆଲୋକପାତ କରାଯିବ।

## ତତ୍କାଳ କାଉଣ୍ଟର ଟିକଟ ଉପରେ ଓଟିପି ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଭାରତୀୟ ରେଳବାଇ ତତ୍କାଳ ଟିକେଟ ବୁକିଂ ନିୟମରେ ଏକ ପ୍ରମୁଖ ପରିବର୍ତ୍ତନ କରିଛି, ଯାହା ଓଟିପି-ଆଧାରିତ ସିଷ୍ଟମକୁ ବାଧ୍ୟତାମୂଳକ କରିଛି। ଏହି ନୂତନ ନିୟମ ଡିସେମ୍ବର ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ଏହାକୁ କିଛି ନିର୍ଦ୍ଦିଷ୍ଟ ଟ୍ରେନ୍ ସେବାରେ ଆରମ୍ଭ ହେବ। ଏହାର ଉଦ୍ଦେଶ୍ୟ ହେଉଛି ଠକେଇ ବୁକିଂକୁ ରୋକିବା ଏବଂ ଯାତ୍ରୀମାନଙ୍କୁ ଏକ ସୁଯୋଗ ପ୍ରଦାନ କରିବା ଯେଉଁମାନେ ପ୍ରକୃତରେ ଜରୁରୀକାଳୀନ ଯାତ୍ରା କରିବାକୁ ଆବଶ୍ୟକ କରନ୍ତି କିନ୍ତୁ ଏକ ନିଶ୍ଚିତ ଟିକେଟ୍ ପାଇପାରିବେ ନାହିଁ।

ରେଳବାଇ ଡିସେମ୍ବର ୧ରୁ ମୁମ୍ବଇ ସେଣ୍ଟ୍ରାଲ୍-ଅହମ୍ମଦାବାଦ ଶତାବ୍ଦୀ ଏକ୍ସପ୍ରେସ୍ ସହିତ ଆରମ୍ଭ କରି ତତ୍କାଳ ଟିକଟ ପାଇଁ ଓଟିପି ବାଧ୍ୟତାମୂଳକ କରିଛି। ବୁକିଂ ସମୟରେ ପଞ୍ଜୀକୃତ ମୋବାଇଲ୍ ନମ୍ବରରେ ପଠାଯାଇଥିବା ଓଟିପି ଏଣ୍ଟ୍ରି କରିବା ପରେ ହିଁ ବୁକିଂ ସମାପ୍ତ ହେବ। ରେଳବାଇ କହିଛି ଯେ ଏହା ନକଲି ମୋବାଇଲ୍ ନମ୍ବର ବ୍ୟବହାରକୁ ରୋକିବ ଏବଂ ପ୍ରକୃତ ଏବଂ ପ୍ରକୃତ ଯାତ୍ରୀଙ୍କୁ ଟିକେଟ୍ ପାଇବାର ସମ୍ଭାବନା ବୃଦ୍ଧି କରିବ। ଆଗାମୀ ମାସଗୁଡ଼ିକରେ ଏହା ସମସ୍ତ ରେଳ ଜୋନରେ କାର୍ଯ୍ୟକାରୀ ହେବ। ନୂତନ ବ୍ୟବସ୍ଥା କେବଳ ଅନଲାଇନ୍ ବୁକିଂ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ




କମ୍ପ୍ୟୁଟରାଇଜଡ୍ ରେଳବାଇ କାଉଣ୍ଟର, ଆଇଆର୍‌ସିଟିସି ୱେବସାଇଟ୍, ମୋବାଇଲ୍ ଆପ୍ ଏବଂ ଅଧିକୃତ ରେଳ ଏଜେଣ୍ଟମାନଙ୍କ ପାଇଁ ମଧ୍ୟ ଲାଗୁ ହେବ। ରେଳବାଇ ବିଶ୍ୱାସ କରେ ଯେ ଏହି ବ୍ୟବସ୍ଥା ବୁକିଂ ପ୍ରକ୍ରିୟାକୁ ଅଧିକ ସୁରକ୍ଷିତ ଏବଂ ସ୍ୱଚ୍ଛ କରିବ। ଏହି ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାତ୍ରୀ ଚିହ୍ନଟ ସୁନିଶ୍ଚିତ କରିବା। ଟିକଟ୍ ବୁକ୍ କରିବା ପୂର୍ବରୁ ଯାତ୍ରୀମାନଙ୍କୁ ସେମାନଙ୍କର ମୋବାଇଲ୍ ନମ୍ବର ଅପଡେଟ୍ କରିବାକୁ ରେଳବାଇ ପରାମର୍ଶ ଦେଇଛି। ଆଇଆର୍‌ସିଟିସି ଆକାଉଣ୍ଟରେ ସମାନ ନମ୍ବର ସକ୍ରିୟ ରହିବା ଆବଶ୍ୟକ ଯେଉଁଠାରେ ସେମାନେ ଓଟିପି ପାଇବେ। ବୁକିଂ ସମୟରେ ଅନ୍ୟ କାହାର ନମ୍ବର ପ୍ରବେଶ କରିବା ସୁପାରିଶ କରାଯାଇଛି, କାରଣ ଓଟିପି ପଠାଇବା ପରେ ନମ୍ବର ପରିବର୍ତ୍ତନ କରିବା ସମ୍ଭବ ହେବ ନାହିଁ।

## ଭୁବନେଶ୍ୱର ଭାରତର ପରବର୍ତ୍ତୀ ବୃହତ ବାଣିଜ୍ୟିକ ହବ୍: ଜେଏଲ୍ଏଲ୍

**ଭୁବନେଶ୍ୱର,୩।୧୨(ସମିସ):** ଭୁବନେଶ୍ୱରରେ ଅଭୂତପୂର୍ବ ବାଣିଜ୍ୟିକ ଅଭିବୃଦ୍ଧି ଘଟିଛି। ୨୦୨୪ ମସିହାରେ କାର୍ଯ୍ୟାଳୟ ଖୁଚୁରା ଏବଂ ଶିଳ୍ପ ବିଭାଗରେ ମୋଟ ରିଅଲ୍ ଇଷ୍ଟେଟ୍ ଷ୍ଟକ୍ ୮.୮ ନିୟୁତ ବର୍ଗଫୁଟରେ ପହଞ୍ଚିଛି, ଯାହା ଓଡ଼ିଶା ରାଜଧାନୀକୁ ପାରମ୍ପରିକ ମହାନଗର ବାହାରେ ଭାରତର ଦ୍ରୁତତମ ଉଦୀୟମାନ ବ୍ୟବସାୟ ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିଥିବା ଜେଏଲ୍ ଏଲ୍ ରିପୋର୍ଟରେ କୁହାଯାଇଛି। ସହରର ବାଣିଜ୍ୟିକ କାର୍ଯ୍ୟାଳୟ ବଜାର ୬.୪ ନିୟୁତ ବର୍ଗଫୁଟ ଷ୍ଟକ୍ ସହିତ ଏହି ସମ୍ପ୍ରସାରଣକୁ ଆଗେଇ ନେଇଛି ଯାହା ୨୦୨୭ ସୁଦ୍ଧା ୭ ନିୟୁତ ବର୍ଗଫୁଟକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଖାଲି ପଦବୀ ହାର ୮% ରେ ସ୍ଥିରତା ବଜାୟ ରଖିଛି ଏବଂ ବର୍ଗଫୁଟ ପିଛା ୩୫-୯୫ ଟଙ୍କା ଭଡ଼ା ପରିସର ରହିଛି, ଭୁବନେଶ୍ୱର ପ୍ରତିଯୋଗିତାମୂଳକ ମୂଲ୍ୟରେ ଗୁଣାତ୍ମକ ଭିର୍ତିଭୂମି ଖୋଜୁଥିବା ବ୍ୟବସାୟ ପାଇଁ ଆକର୍ଷଣୀୟ ମୂଲ୍ୟ ପ୍ରସ୍ତାବ ପ୍ରଦାନ କରୁଛି। ଜେଏଲଏଲ ଭାରତର ଇଷ୍ଟ ଏବଂ ଏମର୍ଜୀଙ୍ଗ ବଜାରର ବରିଷ୍ଠ ପରିଚାଳନା ନିର୍ଦ୍ଦେଶକ ସୁରେଖା ବିହାନୀ କହିଛନ୍ତି ଯେ, ଭୁବନେଶ୍ୱର ଭାରତର ପରବର୍ତ୍ତୀ ପିଢ଼ିର ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ ସୁଯୋଗର ପ୍ରତିନିଧିତ୍ୱ କରୁଛି, ଯାହା ବିଶ୍ୱ ସ୍ତରୀୟ ଭିର୍ତିଭୂମି ବିକାଶକୁ ପ୍ରତିଯୋଗିତାମୂଳକ ପରିଚାଳନା ଖର୍ଚ୍ଚ ଏବଂ ଅସାଧାରଣ ପ୍ରତିଭା ଉପଲବ୍ଧତା ସହିତ ମିଶ୍ରଣ କରୁଛି।

## କୋଟକ ମ୍ୟୁଚୁଆଲ ଫଣ୍ଡର ୨୦୨୬ ବାର୍ଷିକ ଦୃଷ୍ଟିକୋଣ

**ମୁମ୍ବଇ,୩।୧୨:** କୋଟକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ (କେଏମ୍ଏଏମ୍‌ସି/ କୋଟକ ମ୍ୟୁଚୁଆଲ ଫଣ୍ଡ) ୨୦୨୬ ନିମନ୍ତେ ତାହାର ବଜାର ଦୃଷ୍ଟିକୋଣ ଉନ୍ମୋଚନ କରିଛି। ଏଥିରେ ଆସନ୍ତା ବର୍ଷ ଭାରତର ଆର୍ଥିକ ବଜାରକୁ ରୂପରେଖ ପ୍ରଦାନ କରିବା ଆଶା କରାଯାଉଥିବା ମାକ୍ରୋ ଇକୋନୋମିକ ପରିବେଶ ଏବଂ ମୁଖ୍ୟ ପୁଞ୍ଜିନିବେଶ ବିଷୟଗୁଡିକ ସମ୍ପର୍କରେ ପୂର୍ଣ୍ଣାଙ୍ଗ ମତାମତ ପ୍ରଦାନ କରିଛି। ରିପୋର୍ଟରେ ସମସ୍ତ ଇକ୍ୱିଟି, ଫିକ୍ସଡ ଆୟ ଏବଂ ବିଷୟଗତ କ୍ଷେତ୍ରଗୁଡିକରେ ସୁଯୋଗଗୁଡିକ ସମ୍ପର୍କରେ ଉଲ୍ଲେଖ କରାଯିବା ସହିତ ପୁଞ୍ଜିନିବେଶକମାନେ ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ ବୋଲି ନିଲେଶ ଶାହ, ମ୍ୟାନେଜିଂ ଡାଇରେକ୍ଟର, କୋଟକ ମହିନ୍ଦ୍ରା ଏଏମ୍‌ସି କହିଥିଲେ।

## ବିଶ୍ୱ ଏଡସ୍ ଦିବସରେ ବେଦାନ୍ତ ଆଲୁମିନିୟମ୍‌ର ଜନସ୍ୱାସ୍ଥ୍ୟ ଅଭିଯାନ




**ଭୁବନେଶ୍ୱର, ୩।୧୨(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ସାରା ରାଜ୍ୟରେ ଜନସ୍ୱାସ୍ଥ୍ୟ ପ୍ରସାର ସହିତ ୨୦୨୫ ବିଶ୍ୱ ଏଡସ୍ ଦିବସ ପାଳନ କରିଛି। ଜାତୀୟ ଏଡସ୍ ନିୟନ୍ତ୍ରଣ ସଂଗଠନ (ଏନଏସିଓ), ଓଡ଼ିଶା ରାଜ୍ୟ ଏଡସ୍ ନିୟବଣ ସମାଜ (ଓଏସଏସିଏସ), ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଶିକ୍ଷାନୁଷ୍ଠାନ ସହିତ ମିଳିତ ଭାବରେ, କମ୍ପାନୀ ଛାତଛାତ୍ରୀ, ଫ୍ରଂଟଲାଇନ କର୍ମୀ ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ଏଚଆଇଭି/ଏଡସ୍ ନିବାରଣ, ପ୍ରାରମ୍ଭିକ ପରୀକ୍ଷା ଏବଂ କଳଙ୍କ ହ୍ରାସ ଉପରେ ସଚେତନତା ପ୍ରସାର କରିବା ପାଇଁ ସଂଗଠିତ କରିଛି। ବିଶ୍ୱ ଏଡସ୍ ଦିବସ ଏକ ସ୍ମାରଣକାରୀ ତଥା ନିରନ୍ତର ଜନସ୍ୱାସ୍ଥ୍ୟ ସଚେତନତା ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ସଂକ୍ରମଣକୁ ରୋକିବା ଏବଂ ପ୍ରଭାବିତ ବ୍ୟକ୍ତିମାନଙ୍କୁ ସମର୍ଥନ କରିବା ପାଇଁ କେନ୍ଦ୍ରବିନ୍ଦୁ। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ହେଉଛି ସ୍ଥାୟୀ ସମ୍ପ୍ରଦାୟର ମୂଳଦୁଆ। ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ ମାତୃ-ଶିଶୁ କଲ୍ୟାଣଠାରୁ ଆରମ୍ଭ କରି ଏଚଆଇଭି/ଏଡସ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସଚେତନତା ପର୍ଯ୍ୟନ୍ତ, ଆମର ପ୍ରୟାସ ସାର୍ବଜନୀନ ସ୍ୱାସ୍ଥ୍ୟର ପ୍ରତ୍ୟେକ ଦିଗକୁ ବ୍ୟାପିଛି।

**ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ନେଇ ସଂସଦରେ ରେଳ ମନ୍ତ୍ରୀଙ୍କ ସୂଚନା**

## ଜୁନାଗଡ଼-ନବରଙ୍ଗପୁର, ଜୟପୁର-ମାଲକାନଗିରି ରେଳ ଲାଇନ୍ ପାଇଁ ଜମି ଅଧିଗ୍ରହଣ ଜାରି

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** ଓଡ଼ିଶାର ଜୁନାଗଡ଼ ଏବଂ ନବରଙ୍ଗପୁର (୧୧୬ କିଲୋମିଟର) ମଧ୍ୟରେ ନୂତନ ରେଳ ଲାଇନ କାମ ପାଇଁ ୨,୮୬୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପରେ ୩୭୬.୬୪ ହେକ୍ଟର ଘରୋଇ ଜମି ଅଧିଗ୍ରହଣ, ୫୮.୮୭ ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୩୫୧.୬୮ ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପକୁ ଜମି ଅଧିଗ୍ରହଣ ପାଇଁ 'ସ୍ୱତନ୍ତ୍ର ରେଳ ପ୍ରକଳ୍ପ' ଭାବରେ ଅଧିସୂଚିତ କରାଯାଇଛି। ଜମି ଅଧିଗ୍ରହଣ ପାଇଁ କ୍ଷମତାପ୍ରାପ୍ତ ପ୍ରାଧିକରଣ (ସିଏଏଲଏ) ନିଯୁକ୍ତ କରାଯାଇଛି ଏବଂ ଅଧିଗ୍ରହଣ କାର୍ଯ୍ୟ ହାତକୁ ନିଆଯାଇଛି। ଜୁନାଗଡ଼ ଓ ନବରଙ୍ଗପୁର ନୂଆ ରେଳ ଲାଇନ, ନବରଙ୍ଗପୁର-ଜୟପୁର ରେଳ ପ୍ରକଳ୍ପ, ଜୟପୁର-ମାଲକାନଗିରି ନୂଆ ରେଳ ଲାଇନ ପ୍ରକଳ୍ପ ସମେତ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ବିଷୟରେ ଆଜି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ଏହି ସୂଚନା ଦେଇଛନ୍ତି।

ରେଳ ମନ୍ତ୍ରୀ କହିଛନ୍ତି, ନବରଙ୍ଗପୁର-ଜୟପୁର (୪୧ କିମିର) ନୂତନ ଲାଇନ

**୨୦୨୫-୨୬ରେ ରାଜ୍ୟକୁ ୧୦,୫୯୯ କୋଟିର ବଜେଟ୍ ଆବଣ୍ଟିତ**

ପ୍ରକଳ୍ପକୁ ୭୪୮ କୋଟି ଟଙ୍କା ଅଟକଳ ସହିତ ଖର୍ଚ୍ଚ ସହଭାଗିତା ଭିତ୍ତିରେ ମଞ୍ଜୁର ହୋଇଛି। ଏହି ପ୍ରକଳ୍ପରେ ୨୯୧.୮୭ ହେକ୍ଟର ଘରୋଇ ଜମି ଅଧିଗ୍ରହଣ, ୩୩.୫୯ ହେକ୍ଟର ସରକାରୀ ଜମି ପୃଥକୀକରଣ ଏବଂ ୧୩.୪୭ ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପ ପାଇଁ ଜମି ଓଡ଼ିଶା ସରକାର ଯୋଗାଇବାକୁ ଥିବାରୁ ରାଜ୍ୟ ସରକାର ଜମି ଅଧିଗ୍ରହଣ କରିଛନ୍ତି। ଏପର୍ଯ୍ୟନ୍ତ, ମୋଟ ୩୩୮.୯୪ ହେକ୍ଟର ଆବଶ୍ୟକ ଜମି ମଧ୍ୟରୁ ୧୨.୪୧ ହେକ୍ଟର ଜମି ଅଧିଗ୍ରହଣ କରାଯାଇଛି। ଇନ୍ଦ୍ରାବତୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି। ସେହିପରି ଜୟପୁର-ମାଲକାନଗିରି (୧୩୦ କିମିର) ନୂତନ ରେଳ ଲାଇନ ପ୍ରକଳ୍ପକୁ ୨,୩୪୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଏହି ପ୍ରକଳ୍ପରେ ୫୦୫.୪୩ ହେକ୍ଟର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯାଇଛି। ମାଲକାନଗିରି - ପାଣ୍ଡୁରଙ୍ଗପୁରମ ଭାୟା ଭଦ୍ରାଚଳମ ଷ୍ଟେସନ (୧୭୪ କିମି) ମଧ୍ୟରେ ନୂତନ ରେଳ ଲାଇନ କାର୍ଯ୍ୟ ୩,୫୯୨ କୋଟି ଟଙ୍କା ଦିଆଯାଇଛି। ୨୦୦୯-୨୦୧୪ ମଧ୍ୟରେ ଓଡ଼ିଶାକୁ ମାତ୍ର ୮୩୮ କୋଟି ଟଙ୍କାର ରେଳ ବଜେଟ୍ ମିଳିଥିବା ବେଳେ କେବଳ ୨୦୨୫-୨୬ରେ ଏହାର ପ୍ରାୟ ୧୩ ଗୁଣ ଅଧିକ ୧୦,୫୯୯ କୋଟି ଟଙ୍କାର ରେଳ ବଜେଟ୍ ଆବଣ୍ଟନ କରାଯାଇଥିବା ରେଳ ମନ୍ତ୍ରୀ କହିଛନ୍ତି।

## ସବୁ ପାନ ମସଲା ପ୍ୟାକ୍‌ରେ ଖୁଚୁରା ମୂଲ୍ୟ ମୁଦ୍ରଣ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୩।୧୨(ଏଜେନ୍ସି):** କେନ୍ଦ୍ର ଉପଭୋକ୍ତା ବ୍ୟାପାର ବିଭାଗ ସମସ୍ତ ପାନ ମସଲା ପ୍ୟାକ୍‌ରେ ଖୁଚୁରା ବିକ୍ରୟ ମୂଲ୍ୟ (ଆର୍‌ଏସ୍‌ପି) ମୁଦ୍ରଣ ନିୟମ ବାଧ୍ୟତାମୂଳକ କରିଛି। ସେମାନଙ୍କୁ ଲିଗାଲ୍ ମାପ (ପ୍ୟାକେଜ୍ଡ କମୋଡିଟିଜ୍) ନିୟମ, ୨୦୧୧ ଅନୁଯାୟୀ ଅନ୍ୟାନ୍ୟ ବାଧ୍ୟତାମୂଳକ ଘୋଷଣା ମଧ୍ୟ ପ୍ରଦର୍ଶନ କରିବାକୁ ପଡିବ। ଏଥିପାଇଁ ଗ୍ରାହକ ବ୍ୟାପାର ବିଭାଗ ନିୟମ ସଂଶୋଧନ କରିଛି।

ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ଯେ ସାଧାରଣ ବିଧିବଦ୍ଧ ନିୟମ (ଜିଏସ୍ଆର୍) ୮୮୧(ଇ) ମାଧ୍ୟମରେ ଅଧିସୂଚିତ ଏହି ସଂଶୋଧନ ୨୦୨୬ ଫେବୃଆରୀ ପହିଲାରୁ କାର୍ଯ୍ୟକାରୀ ହେବ। କାର୍ଯ୍ୟକାରୀ ହେବା ତାରିଖରୁ, ସମସ୍ତ ଉତ୍ପାଦକ, ପ୍ୟାକର୍ ଏବଂ ପାନ ମସଲାର ଆମଦାନୀକାରୀଙ୍କୁ ଏହା ଅନୁପାଳନ କରିବାକୁ ବାଧ୍ୟତାମୂଳକ ହେବ। ଏହି




ସଂଶୋଧନରେ ପୂର୍ବ ଛାଡ଼କୁ ହଟାଇ ଦିଆଯାଇଛି, ଯାହା କିଛି ଘୋଷଣାକୁ ଏଡାଇବା ପାଇଁ ୧୦ ଗ୍ରାମ କିମ୍ବା ତା'ଠାରୁ କମ୍ ଛୋଟ ପ୍ୟାକ୍‌କୁ ଅନୁମତି ଦେଇଥିଲା। ବର୍ତ୍ତମାନ, ଏହି ଛୋଟ ପ୍ୟାକ୍‌ଗୁଡ଼ିକରେ ଖୁଚୁରା ବିକ୍ରୟ ମୂଲ୍ୟ ଏବଂ ୨୦୧୧ ନିୟମ ଅନୁଯାୟୀ ଆବଶ୍ୟକ ସମସ୍ତ ଅନ୍ୟ ଘୋଷଣା ମଧ୍ୟ ପ୍ରଦର୍ଶନ କରିବାକୁ ପଡିବ। ନିୟମ ୨୬(ଏ) ଅନୁଯାୟୀ ପୂର୍ବ ସର୍ତ୍ତକୁ ପ୍ରତ୍ୟାହାର କରାଯାଇଛି ଏବଂ ପାନ ମସଲା ପାଇଁ ଏକ ନୂତନ ସର୍ତ୍ତ ସହିତ

### ଫେବୃଆରୀ ପହିଲାରୁ ହେବ କାର୍ଯ୍ୟକାରୀ

ବଦଳାଯାଇଛି।

ବିଭାଗ କହିଛି ଯେ ଏହି ପଦକ୍ଷେପ ସମସ୍ତ ପ୍ୟାକ୍ ଆକାରରେ ସ୍ୱଚ୍ଛ ମୂଲ୍ୟ ସୂଚନା ସୁନିଶ୍ଚିତ କରି ଗ୍ରାହକ ସୁରକ୍ଷାକୁ ସୁଦୃଢ଼ କରିଥାଏ। ଆଶା କରାଯାଉଛି ଯେ ଏହା ଛୋଟ ପ୍ୟାକ୍ ଆକାରରେ ଭ୍ରାମକ କିମ୍ବା ପ୍ରତାରଣାମୂଳକ ମୂଲ୍ୟକୁ ରୋକିବ ଏବଂ ଗ୍ରାହକମାନଙ୍କୁ ଉତ୍ତମ-ସୂଚନାପୂର୍ଣ୍ଣ କ୍ରୟ ନିଷ୍ପତ୍ତି ନେବାକୁ ସକ୍ଷମ କରିବ। ସମସ୍ତ ପ୍ୟାକ୍ ଉପରେ ଖୁଚୁରା ବିକ୍ରି ମୂଲ୍ୟ ଆବଶ୍ୟକ କରି ଏହି ପରିବର୍ତ୍ତନ ପାନ ମସଲା ଉପରେ ଖୁଚୁରା ବିକ୍ରୟ ମୂଲ୍ୟ-ଆଧାରିତ ଜିଏସ୍‌ଟି ଆଦାୟକୁ କାର୍ଯ୍ୟକାରୀ କରିବାକୁ ମଧ୍ୟ ସହଜ କରିଥାଏ। ଏହା ଜିଏସ୍‌ଟି ପରିଷଦର ନିଷ୍ପତ୍ତିଗୁଡ଼ିକର ସହଜ କାର୍ଯ୍ୟାନ୍ୱୟନକୁ ସହଜ କରିବ ଏବଂ କ୍ଷୁଦ୍ରତମ ୟୁନିଟ୍ ସମେତ ସମସ୍ତ ପ୍ୟାକ୍ ଆକାରରେ ସଠିକ୍ କର ମୂଲ୍ୟାଙ୍କନ ଏବଂ ରାଜସ୍ୱ ସଂଗ୍ରହ ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି।

# ୟୁରୋପକୁ ପୁଟିନଙ୍କ ଧମକ



## ଯୁଦ୍ଧ ପାଇଁ ପ୍ରସ୍ତୁତ, ସେମାନଙ୍କ ପରାଜୟ ନିଶ୍ଚିତ

- ଶାନ୍ତି ଚୁକ୍ତି ପାଇଁ କେହି ବଞ୍ଚିବେ ନାହିଁ
- ୟୁକ୍ରେନ ଯୁଦ୍ଧ ନେଇ ଟ୍ରମ୍ପଙ୍କ ହ୍ୱାଇଁଙ୍କ ସହ ପୁଟିନଙ୍କ ବୈଠକ

ମସ୍କୋ, ୩।୧୨(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁରୋପୀୟ ଦେଶଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ, ତେବେ ରୁଷ୍ ଏହାର କଡ଼ା ଜବାବ ଦେବ ବୋଲି ସେ କହିଛନ୍ତି। କିନ୍ତୁ ରୁଷ୍ ୟୁରୋପ ସହ ଯୁଦ୍ଧ ଚାହୁଁ ନ ଥିବା ପୁଟିନ ସ୍ପଷ୍ଟ କରିଛନ୍ତି। ଯଦି ୟୁରୋପ ଯୁଦ୍ଧ ଆରମ୍ଭ କରେ ତେବେ ମାମଲା ଏତେ ଶେଷ ହୋଇଯିବ ଯେ ଶାନ୍ତି ଚୁକ୍ତି ପାଇଁ କଥା ହେବାକୁ ବି କେହି ବଞ୍ଚିବେ ନାହିଁ। ପୁଟିନ କହିଛନ୍ତି ଯେ ରୁଷିଆ ସମ୍ପୂର୍ଣ୍ଣ କ୍ଷମତାର ସହ ୟୁକ୍ରେନରେ ଯୁଦ୍ଧ ଲଢୁନାହିଁ। ଏହି ଯୁଦ୍ଧ କେବଳ ସର୍ଜିକାଲ ଅପରେସନରେ ସୀମିତ ରହିଛି। ଯଦି ୟୁରୋପ ସହ ଯୁଦ୍ଧ ହୁଏ, ତେବେ ସମ୍ପୂର୍ଣ୍ଣ ସାମର୍ଥ୍ୟ ସହ ରୁଷ ଲଢ଼ି ଦୃଢ଼ ଜବାବ ଦେବ। ସୂଚନାଯୋଗ୍ୟ ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁକ୍ରେନ ସହ ସବୁଠାରୁ ଦୀର୍ଘ ଯୁଦ୍ଧରେ ରୁଷ ଲଢ଼େଇ କରୁଛି। ଏହା ପୂର୍ବରୁ ୨୦୨୯ ସୁଦ୍ଧା ରୁଷିଆ ନାଟୋ ଉପରେ ଅକ୍ରମଣ କରିପାରେ ବୋଲି ଜର୍ମାନୀ ବିଦେଶ ମନ୍ତ୍ରୀ ଯୋହାନ ବେଡଫୁଲ୍ କହି ହଇଚଇ ସୃଷ୍ଟି କରିଥିଲେ। ତେବେ ୟୁରୋପ ଉପରେ ରୁଷିଆ କେବେ ବି ଆକ୍ରମଣ କରିବ ନାହିଁ ବୋଲି ସେତେବେଳେ ପୁଟିନ କହିଥିଲେ।

ଇତିମଧ୍ୟରେ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟ୍‌କଫ୍ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହ୍ୱାଇଁ ଜାରେଡ୍ କୁଶନେର ୟୁକ୍ରେନ ଯୁଦ୍ଧକୁ ନେଇ ରୁଷ ରାଷ୍ଟ୍ରପତିଙ୍କ ସହ ୫ ଘଣ୍ଟା ଧରି ବୈଠକ କରିଛନ୍ତି। ତେବେ ଦୁଇ ପକ୍ଷ କୌଣସି ନିଷ୍କର୍ସରେ ପହଞ୍ଚି ପାରିନାହାନ୍ତି। ତେବେ ଏହି ଆଲୋଚନା ଫଳପ୍ରଦ ଥିଲା ବୋଲି ପୁଟିନଙ୍କ ବୈଦେଶିକ ନୀତି ଉପଦେଷ୍ଟା ୟୁରୀ ଉଶାକୋଭ୍ କହିଛନ୍ତି। କିନ୍ତୁ ସହମତି ହେବାଭଳି କୌଣସି ପ୍ରସ୍ତାବ ଏପର୍ଯ୍ୟନ୍ତ ଆସିନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଯେପର୍ଯ୍ୟନ୍ତ ୟୁକ୍ରେନ ରୁଷିଆର ଡୋନବାସ ଅଞ୍ଚଳ ହସ୍ତାନ୍ତର ନ କରିଛି, ସେ ପର୍ଯ୍ୟନ୍ତ କୌଣସି ଚୁକ୍ତି ହେବ ନାହିଁ ବୋଲି ପୁଟିନ ସ୍ପଷ୍ଟ କରିଛନ୍ତି। ତେବେ ଆମେରିକା ଦେଇଥିବା ଶାନ୍ତି ପ୍ରସ୍ତାବର କିଛି ଅଂଶ ଉପରେ ପୁଟିନ ସହମତି ପ୍ରକାଶ କରିଛନ୍ତି। କିନ୍ତୁ ଅନ୍ୟ କେତୋଟି ପ୍ରସ୍ତାବ ନେଇ ପୁଟିନ ଅସହମତି ଅଛନ୍ତି। ଏବେ କିଛି ପ୍ରସଙ୍ଗ ନେଇ କାର୍ଯ୍ୟ କରିବାର ଆବଶ୍ୟକତା ଅଛି ବୋଲି ସେ କହିଛନ୍ତି। ଅନ୍ୟପଟେ ଏପର୍ଯ୍ୟନ୍ତ ଟ୍ରମ୍ପ ଓ ପୁଟିନଙ୍କ ମଧ୍ୟରେ ନୂଆ ବୈଠକ ନେଇ କୌଣସି କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇନାହିଁ ବୋଲି ଉଶକୋଭ କହିଛନ୍ତି। ଏହି ପ୍ରସ୍ତାବିତ ନୂଆ ବୈଠକ ଶାନ୍ତି ଯୋଜନାର ପ୍ରଗତି ଉପରେ ନିର୍ଭର କରୁଛି ବୋଲି ସେ କହିଛନ୍ତି। ଅବଶ୍ୟ ପୂର୍ବରୁ ଆମେ ଯୁଦ୍ଧ ଚାହୁଁନାହୁଁ ବୋଲି ପୁଟିନ କହିଥିଲେ।

## ମିଥ୍ୟା ଖବର ଗଣତନ୍ତ୍ର ପାଇଁ ବିପଦ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ମିଥ୍ୟା ଖବର ଓ ଡିପ୍‌ଫେକ ଗଣତନ୍ତ୍ର ପାଇଁ ବଡ଼ ବିପଦ ସୃଷ୍ଟି କରୁଛି। ବୁଧବାର ଲୋକସଭାରେ ଏ କଥା କହିଛନ୍ତି କେନ୍ଦ୍ର ଇଲେକଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭୁଲ ସୂଚନା ଓ ଆର୍ଟିଫିସିଆଲ ଜେନେରେଟେଡ ଡିପ୍‌ଫେକ ଯୋଗୁଁ ହିଁ ଗଣତନ୍ତ୍ର କ୍ଷତିଗ୍ରସ୍ତ ହେଉଛି। ତେଣୁ ଏହା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କିଛି ଲୋକ ଓ ଗ୍ରୁପ୍ ସାମାଜିକ ଗଣମାଧ୍ୟମକୁ ନିଜ ଇଚ୍ଛା ଅନୁଯାୟୀ ବ୍ୟବହାର କରୁଛନ୍ତି। ସେମାନେ ଦେଶର ସମ୍ବିଧାନ କିମ୍ବା ସଂସଦ ଦ୍ୱାରା ପ୍ରଣୟନ ହୋଇଥିବା ଆଇନକୁ ପାଳନ କରିବାକୁ ଚାହାନ୍ତି ନାହିଁ ବୋଲି ମନେ ହେଉଛି। ଏହାକୁ ରୋକିବା ପାଇଁ ଓ ଏଭଳି ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଡ଼ା ଆଇନ୍ ଆଣିବା ଜରୁରୀ ବୋଲି ସେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ଏ ନେଇ କିଛି ଦିନ ତଳେ ନୂଆ ନିୟମ ଲାଗୁ କରାଯାଇଛି। ଏଥିରେ ୩୬ ଘଣ୍ଟା ମଧ୍ୟରେ ଭିଡିଓ ହଟାଇବାର ନିୟମ ରହିଛି। ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଡିପ୍‌ଫେକ୍‌ର ଚିହ୍ନଟ କରିବା ଓ ଏହା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏକ କାର୍ଯ୍ୟ ଖସଡ଼ା ମଧ୍ୟ ଜାରି କରାଯାଇଛି। ତେବେ ଏ ନେଇ ବିଚାର ବିମର୍ଶ ଜାରି ରହିଛି ବୋଲି ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

## ଗର୍ଭବତୀ ମହିଳାଙ୍କୁ ଭାରତ ଫେରାଇ ଆଣିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର କେନ୍ଦ୍ର ସରକାରଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶକୁ ପଠାଯାଇଥିବା ୯ ମାସର ଗର୍ଭବତୀ ସୋନାଲି ଖାତୁନ୍ ଓ ତାଙ୍କ ୮ ବର୍ଷର ପିଲାକୁ ପୁଣି ଭାରତକୁ ଫେରାଇ ଆଣିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବେଳେବେଳେ ମାନବିକତା ଆଗରେ ଆଇନକୁ ମଧ୍ୟ ନଇଁବାକୁ ହୁଏ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟା ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟକୁ କହିଥିଲେ ଯେ, ସରକାର ସୋନାଲି ଓ ତାଙ୍କ ପୁଅଙ୍କୁ ଭାରତକୁ ଆସିବାକୁ ଦେବେ। ମାନବିକତାକୁ ଭିତ୍ତିକରି ଏହି ଅନୁମତି ଦିଆଯିବ। କିନ୍ତୁ ନାଗରିକତା ସହ ଜଡିତ ମାମଲାରେ ସରକାରଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ଆସିବ ନାହିଁ। ଉଲ୍ଲେଖଥାଉ କି, ବାଂଲାଦେଶୀ ହେବା କାରଣରୁ ସୋନାଲି ଓ ତାଙ୍କ ପରିବାରର ୫ ସଦସ୍ୟଙ୍କୁ ଗତ ଜୁନ୍‌ରେ ଦିଲ୍ଲୀରେ ଗିରଫ କରାଯାଇଥିଲା। ପରେ ଜୁନ୍ ୨୭ରେ ଏହି ପରିବାରକୁ ବାଂଲାଦେଶକୁ ପଠାଇ ଦିଆଯାଇଥିଲା। ଏବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୦ରେ ହେବ।

## ନିଜଠାରୁ ଅଧିକ ସୁନ୍ଦର ଦିଶିବାରୁ ୪ ପିଲାଙ୍କୁ ବୁଡ଼ାଇ ମାରିଲେ ମହିଳା

ପାନିପତ, ୩।୧୨(ଏଜେନ୍ସି): ହରିୟାଣା ପାନିପତର ପୁନମ ଚକିତ କଲା ଭଳି କାଣ୍ଡ ଘଟାଇଛନ୍ତି। ଦେଖିବାକୁ ତାଙ୍କଠାରୁ ଅଧିକ ସୁନ୍ଦର ହୋଇଥିବାରୁ ଇର୍ଷାନ୍ୱିତ ହୋଇ ସେ ୩ ଜଣ ଝିଅଙ୍କ ସହ ୪ ପିଲାଙ୍କୁ ହତ୍ୟା କରିଛନ୍ତି। ଏମାନଙ୍କ ମଧ୍ୟରେ ତାଙ୍କ ପୁଅ ଓ ଝିଆରୀ ମଧ୍ୟ ସାମିଲ ଅଛନ୍ତି। ପାନିପତ ପୁଲିସ୍ ବୁଧବାର ପୁନମକୁ ଗିରଫ କରିଛି। ନିଜଠାରୁ ଅଧିକ ସୁନ୍ଦର ହୋଇଥିବା ଝିଅମାନଙ୍କୁ ମହିଳା ଜଣକ ଟାର୍ଗେଟ କରୁଥିଲେ। ଏହି ୪ଜଣ ପିଲାଙ୍କ ମୃତ୍ୟୁର କାରଣ ସମାନ ହୋଇଥିଲା। ତେଣୁ ଲୋକଙ୍କ ମନରେ ପୁନମ ପ୍ରତି ସନ୍ଦେହ ସୃଷ୍ଟି ହୋଇଥିଲା। ସବୁ ପିଲାଙ୍କୁ ସେ ଭିନ୍ନ ଭିନ୍ନ ସମୟରେ ପାଣି ଟବ୍‌ରେ ବୁଡାଇ ମାରୁଥିଲା। ପ୍ରତ୍ୟେକ ପିଲାଙ୍କ ମୃତ୍ୟୁ ଘଟଣାକୁ ଦୁର୍ଘଟଣା ରୂପ ଦେବାକୁ ପ୍ରୟାସ କରୁଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ପିଲାଙ୍କୁ ମାରିବା ପରେ ସେ ଖୁସି ମନାଉଥିଲେ। ତେବେ ଶେଷ ପିଲାର ମୃତ୍ୟୁ ହେବାର ୩୬ ଘଣ୍ଟା ମଧ୍ୟରେ ମାମଲାର ପର୍ଦ୍ଦାଫାସ ହୋଇଥିଲା। ସମ୍ପୃକ୍ତ ମହିଳା ନିଜ ଦୋଷ ସ୍ୱୀକାର କରିଛି। ୨୦୨୩ରେ ସେ ନିଜ ପୁଅକୁ ମଧ୍ୟ ସମାନ ଢଙ୍ଗରେ ହତ୍ୟା କରିଥିଲା।

## ସୋନିଆ ଗାନ୍ଧୀ ନାମଥିବା ମହିଳାଙ୍କୁ ପ୍ରାର୍ଥୀ କଲା ବିଜେପି

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): କେରଳର ମୁନ୍ନାର ଜିଲ୍ଲାର ନଗର ନିଗମ ନିର୍ବାଚନ ସାରା ଦେଶରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ବିଜେପି ନାଥାଆନ୍ନି ୱାର୍ଡରେ ସୋନିଆ ଗାନ୍ଧୀ ନାମରେ ଜଣେ ମହିଳାଙ୍କୁ ଟିକଟ୍ ଦେବା ପରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କଂଗ୍ରେସ ବରିଷ୍ଠ ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପତ୍ନୀ ସୋନିଆଙ୍କ ସହ ତାଙ୍କ ନାମ ସମାନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ତେବେ ଦୁହିଁଙ୍କ ମଧ୍ୟରେ କୌଣସି ସମ୍ପର୍କ ନାହିଁ। ୩୪ ବର୍ଷୀୟ ସୋନିଆ ଗାନ୍ଧୀ ମୁନ୍ନାରରେ ରୁହନ୍ତି। କଂଗ୍ରେସ ନେତା ସୋନିଆ ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ବାପା ଦୁରେ ରାଜ୍ ଝିଅର ଏହି ନାମ ରଖିଥିଲେ। ପରେ ବିଜେପି ନେତା ସୁବାସଙ୍କ ସହ ସେ ଝିଅର ବିବାହ କରାଇଥିଲେ। ଏବେ ସୁବାସ ତାଙ୍କୁ ବିଜେପି ଟିକଟ୍‌ରୁ ନିର୍ବାଚନ ଲଢ଼ିବାର ବ୍ୟବସ୍ଥା କରାଇଛନ୍ତି।

### ବାଂଲାଦେଶ ସୀମାରୁ ଚୋରା ଚାଲାଣକାରୀ ଗିରଫ
## ୩ କୋଟିର ସୁନା ବିସ୍କୁଟ ଜବତ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗ ନଦିଆ ଜିଲ୍ଲାରେଭାରତ ଓ ବାଂଲାଦେଶ ସୀମା ନିକଟରୁ ବିଏସ୍‌ଏଫ୍ ଜଣେ ଚୋରା ଚାଲାଣକାରୀକୁ ଗିରଫ କରିଛି। ଏହି ବାଂଲାଦେଶୀ ପାଖରୁ ୩.୦୫ କୋଟି ଟଙ୍କାର ସୁନା ବିସ୍କୁଟ୍ ଜବତ କରାଯାଇଛି। ଦୁଇଜଣ ଚୋରା ଚାଲାଣକାରୀଙ୍କ ବିଷୟରେ ଗୁଇନ୍ଦା ସୂଚନା ମିଳିଥିଲା। ଉଭୟେ ଭାରତକୁ ଆସୁଥିବା ଦେଖାଯାଇଥିଲା। ଜଣେ ଧରା ପଡ଼ିଥିବାବେଳେ ଆଉ ଜଣେ ଦୌଡ଼ି ପଳାଇଥିଲା। ଧରାଯାଇଥିବା ଠକଠାରୁ ୨୦ଟି ସୁନା ବିସ୍କୁଟ୍ ଜବତ କରାଯାଇଛି ଓ ଏଗୁଡିକର ମୋଟ ଓଜନ ୨.୩୫ କେଜି ବୋଲି ଜଣାଯାଇଛି।

# ଇଣ୍ଡିଗୋ ବିମାନ ବିଭ୍ରାଟ

## ଦେଶବ୍ୟାପୀ ୧୨୩୨ ବିମାନ ସେବା ବାତିଲ

### କର୍ମଚାରୀ ଅଭାବ ଓ ବୈଷୟିକ ତ୍ରୁଟି

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଭାରତରେ ବିମାନ ଚଳାଚଳରେ ବୁଧବାର ବଡ଼ ସମସ୍ୟା ଦେଖା ଦେଇଛି। ଦେଶର ଅନେକ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଉଡ଼ାଣ ପ୍ରଭାବିତ ହୋଇଛି। କାରଣ ଏହି ଏୟାରଲାଇନ ଭୟଙ୍କର ପରିଚାଳନା ଗତ ସମସ୍ୟାର ସମ୍ମୁଖୀନ ହୋଇଛି। ଚାଳକ ଦଳର କର୍ମଚାରୀ ଅଭାବ ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହି କାରଣରୁ ଆଜି କେବଳ ଦୁଇ ଶହରୁ ଅଧିକ ଉଡ଼ାଣ ବାତିଲ କରିଦିଆଯାଇଛି। ଅନେକ ବିମାନ ବିଳମ୍ବରେ ମଧ୍ୟ ଉଡ଼ାଣ ଆରମ୍ଭ କରିଛି। ଇଣ୍ଡିଗୋ ୱେବସାଇଟ ଅନୁଯାୟୀ, ଏହି ଏୟାରଲାଇନ ଭାରତରେ ଦିନକୁ ୨୨୦୦ ଉଡ଼ାଣ ପରିଚାଳନା କରୁଛି। ତେବେ ସମୟାନୁବର୍ତ୍ତିତାରେ ଇଣ୍ଡିଗୋର ପ୍ରଦର୍ଶନ ଭଲ ନାହିଁ। ମାତ୍ର ୩୫ ପ୍ରତିଶତ ବିମାନ ଠିକ୍ ସମୟରେ ଉଡ଼ାଣ କରୁଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଏଥିଯୋଗୁଁ ମଙ୍ଗଳବାର ୧୪୦୦ ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ଗତ ମାସରେ ମୋଟ ୧୨୩୨ ବିମାନ ବାତିଲ କରିଦିଆଯାଇଛି ବୋଲି ଇଣ୍ଡିଗୋ ପକ୍ଷରୁ ଡିଜିସିଏକୁ ସୂଚନା ଦିଆଯାଇଛି। ଏହି ସମସ୍ୟା ସମ୍ବନ୍ଧରେ ଏୟାରଲାଇନକୁ ବିସ୍ତୃତ ବିବରଣୀ ମଗାଯାଇଛି। ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କମ୍ପାନୀ କହିଛି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣ ସୁଦ୍ଧା ଦିଲ୍ଲୀ, ମୁମ୍ବଇ, ବେଙ୍ଗାଲୁରୁ ଏବଂ ହାଇଦରାବାଦ ଭଳି ବିମାନବନ୍ଦରରେ ଏଭଳି ସମସ୍ୟା ହୋଇଛି। ଏହାକୁ ନେଇ ଯାତ୍ରୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ପୂର୍ବରୁ ପାଇଲଟ ଏବଂ ଅନ୍ୟ କର୍ମଚାରୀଙ୍କୁ ଡବଲ ଡ୍ୟୁଟିରେ କାର୍ଯ୍ୟ କରିବାକୁ ଇଣ୍ଡିଗୋ କହୁଥିଲା। ମାତ୍ର ଗତ ମାସରେ ସରକାର ନିୟମକୁ କଡ଼ାକଡ଼ କରିଦେଇଥିଲେ। ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ନିୟମ ପରିବର୍ତ୍ତନ କରି କର୍ମଚାରୀଙ୍କୁ ଦିନକୁ ୮ ଘଣ୍ଟା,ସପ୍ତାହକୁ ୩୫ ଘଣ୍ଟା, ମାସକୁ ୧୨୫ ଘଣ୍ଟା ଏବଂ ବର୍ଷକୁ ହଜାରେ ଘଣ୍ଟାରୁଅଧିକ ସମୟ କାମ ନ କରାଇବାକୁ କେନ୍ଦ୍ର କହିଥିଲା। ନୂଆ ନିୟମରେ ଦିନକୁ ୧୦ ଘଣ୍ଟା ବିଶ୍ରାମ ଏବଂ ହ୍ୟୁମାନ ରୋଷ୍ଟର (ପାଳିରେ ଦାୟିତ୍ୱ) ଦେବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ନିୟମ ଇଣ୍ଡିଗୋ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି।




# ଓହରିଲେ ସରକାର; 'ସଂଚାର ସାଥୀ' ବାଧ୍ୟତାମୂଳକ ନୁହେଁ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ବିରୋଧୀଙ୍କ ତୀବ୍ର ବିରୋଧ ପରେ କେନ୍ଦ୍ର ସରକାର ପଛଘୁଞ୍ଚା ଦେଇଛନ୍ତି। ମୋବାଇଲ ଫୋନ୍‌ରେ 'ସଞ୍ଚାର ସାଥୀ' ଆପ୍ଲିକେସନକୁ ପ୍ରି-ଇନ୍‌ଷ୍ଟଲ କରିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନେଇଛନ୍ତି। ତେବେ ଏଥିପାଇଁ ଟେଲିକମ୍ ବିଭାଗ ଭିନ୍ନ ତଥ୍ୟ ଦେଇଛି। 'ସଞ୍ଚାର ସାଥୀ' ଆପ୍‌ର ବର୍ଦ୍ଧିତ ଲୋକପ୍ରିୟତାକୁ ଦେଖି ପ୍ରି-ଇନଷ୍ଟଲ ପାଇଁ ମୋବାଇଲ ନିର୍ମାତା କମ୍ପାନୀଙ୍କୁ ଦିଆଯାଇଥିବା ବାଧ୍ୟତାମୂଳକ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନିଆଯାଇଥିବା କୁହାଯାଇଛି। ଟେଲିକମ୍ ବିଭାଗର ସୂଚନା ଅନୁଯାୟୀ, ବୁଧବାର ଦ୍ୱିପହର ୧୨ଟା ସୁଦ୍ଧା ଆପ୍‌କୁ ୧.୪୦ କୋଟି ଥର ଡାଉନଲୋଡ କରାଗଲାଣି। ଦୁଇ ଦିନରେ ନିଜ ଇଚ୍ଛାରେ ଆପ୍ ଇନ୍‌ଷ୍ଟଲ କରିଥିବା ଲୋକଙ୍କ ସଂଖ୍ୟା ୧୦ ଗୁଣ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ବୁଧବାର ଲୋକସଭାରେ କହିଛନ୍ତି ଯେ 'ସଞ୍ଚାର ସାଥୀ' ଆପ୍‌ରେ ଗୁଇନ୍ଦାଗିରି କରିବା ସମ୍ଭବ ନୁହେଁ କିମ୍ବା ଏପରି ହିଁ କରାଯିବ ନାହିଁ। କଂଗ୍ରେସ ନେତା ଦୀପେନ୍ଦ୍ର ହୁଡ୍ଡାଙ୍କ ପ୍ରଶ୍ନର ଉତ୍ତରରେ ସିନ୍ଧିଆ କହିଥିଲେ ଯେ ମତାମତ ଆଧାରରେ ଆପ୍ ଇନ୍‌ଷ୍ଟଲ କରିବାର ନିର୍ଦ୍ଦେଶକୁ ମନ୍ତ୍ରାଳୟ ବଦଳାଇ ଦେଇଛି। ସୂଚନାଯୋଗ୍ୟ ଯେ ଗତ ୨୮ ତାରିଖରେ 'ସଞ୍ଚାର ସାଥୀ'କୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହି ଦିନ ଦୂରସଞ୍ଚାର ବିଭାଗ ମୋବାଇଲ ନିର୍ମାତା କମ୍ପାନୀଙ୍କ ପାଇଁ ଏକ ନିର୍ଦ୍ଦେଶ ଜାରି କରିଥିଲା। ଏଥିରେ ଉକ୍ତ ଆପ୍‌କୁ ମୋବାଇଲଗୁଡ଼ିକରେ ପ୍ରି-ଇନଷ୍ଟଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ନୂଆ ସହିତ ପୁରୁଣା ଫୋନ୍‌ରେ ସଫ୍ଟୱେର ଇନ୍‌ଷ୍ଟଲ ମାଧ୍ୟମରେ ଆପ୍ ଇନଷ୍ଟଲକୁ ବାଧ୍ୟତାମୂଳକ କରିଦିଆଯାଇଥିଲା।

# ୩୨ ହଜାର ଶିକ୍ଷକଙ୍କ ଚାକିରି ଯିବନି: କଲିକତା ହାଇକୋର୍ଟ

କୋଲକାତା, ୩।୧୨(ଏଜେନ୍ସି): ପଶ୍ଚିମବଙ୍ଗରେ ଏବେ ୩୨, ୦୦୦ ପ୍ରାଥମିକ ଶିକ୍ଷକଙ୍କ ଚାକିରି ଯିବନାହିଁ ବୋଲି ନିଶ୍ଚିତ ହୋଇଛି। କଲକାତା ହାଇକୋର୍ଟର ଏକ ଡିଭିଜନ ଖଣ୍ଡପୀଠ ବୁଧବାର ୨୦୨୩ର ନିଷ୍ପତ୍ତିକୁ ବଦଳାଇଛନ୍ତି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଓ ରୀତାବ୍ରତ କୁମାର ମିତ୍ରଙ୍କ ଖଣ୍ଡପୀଠ ଏ ନେଇ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ୯ ବର୍ଷ ପରେ ଚାକିରିରୁ ହଟାଇବା ଫଳରେ ପ୍ରାଥମିକ ଶିକ୍ଷକ ଓ ତାଙ୍କ ପରିବାର ଉପରେ ବଡ଼ ନକରାତ୍ମକ ପ୍ରଭାବ ପଡ଼ିବ ବୋଲି ଖଣ୍ଡପୀଠ କହିଛନ୍ତି। ଉଲ୍ଲେଖଥାଉ କି, ୨୦୨୩ରେ ଜଷ୍ଟିସ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଏକକ ଖଣ୍ଡପୀଠ ୨୦୧୬ରେ ଭର୍ତ୍ତି ହୋଇଥିବା ଶିକ୍ଷକମାନଙ୍କ ନିଯୁକ୍ତିକୁ ରଦ୍ଦ କରିଥିଲେ। ଏହି ଚାକିରି ପ୍ରଦାନ ପ୍ରକ୍ରିୟା ବିରୋଧରେ କିଛି ପ୍ରାର୍ଥୀ ହାଇକୋର୍ଟରେ ଆବେଦନ କରିଥିଲେ। ଚୟନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଆବେଦନ କରାଯାଇଥିଲା। କିନ୍ତୁ ରାୟକୁ ବଜାୟ ରଖିବାକୁ ଡିଭିଜନ ଖଣ୍ଡପୀଠ ଅସହମତି ପ୍ରକାଶ କରିଛନ୍ତି। ସବୁ ଚାକିରି ପ୍ରଦାନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ପ୍ରମାଣିତ ହୋଇ ନଥିବାରୁ ଏହାକୁ ଲାଗୁ କରାଯାଇପାରିବ ନାହିଁ ବୋଲି ଡିଭିଜନ ଖଣ୍ଡପୀଠ କହିଛନ୍ତି। ପଶ୍ଚିମବଙ୍ଗ ବୋର୍ଡ ଅଫ୍ ପ୍ରାଇମେରୀ ଏଜୁକେଶନ ୨୦୧୪ରେ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଟିଇଟି) ପ୍ୟାନେଲ ଜରିଆରେ ଏହି ଶିକ୍ଷକମାନଙ୍କୁ ଚାକିରି ପ୍ରଦାନ କରାଯାଇଥିଲା।

# ଦିଲ୍ଲୀ ବିଷାକ୍ତ: ୩ ବର୍ଷରେ ୨ ଲକ୍ଷ ଶ୍ୱାସରୋଗୀ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉତ୍କଟ ସମସ୍ୟା ସୃଷ୍ଟି କରିଛି। ଏହା ଲୋକଙ୍କୁ ମୃତ୍ୟୁମୁଖରେ ପକାଇ ଦେଉଛି। ସରକାରୀ ପରିସଂଖ୍ୟାନ ଅନୁସାରେ ଗତ ୩ ବର୍ଷ ମଧ୍ୟରେ ଏହି ସମସ୍ୟା ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି। ଏହି ଅବଧି ମଧ୍ୟରେ ଦିଲ୍ଲୀର ୬ଟି ବଡ଼ ହସ୍ପିଟାଲରେ ୨ ଲକ୍ଷରୁ ଅଧିକ ରୋଗୀ ଭର୍ତ୍ତି ହୋଇଛନ୍ତି ବୋଲି ଜଣା ପଡ଼ିଛି। ଏବେ ସଂସଦରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦିଲ୍ଲୀରେ ବିଷାକ୍ତ ବାୟୁ ସଙ୍କଟ ଉପରେ ନୂଆ ତଥ୍ୟ ଉପସ୍ଥାପନ କରିଛନ୍ତି। ଦିଲ୍ଲୀର ୬ଟି ପ୍ରମୁଖ କେନ୍ଦ୍ରୀୟ ସରକାରୀ ଚିକିତ୍ସାଳୟରେ ୨୦୨୨ରୁ ୨୦୨୪ ମଧ୍ୟରେ ଜରୁରୀକାଳୀନ ବିଭାଗରେ ୨, ୦୪, ୭୫୮ ତୀବ୍ର ଶ୍ୱାସକ୍ରିୟା ରୋଗ (ଏଆରଆଇ) ମାମଲା ରେକର୍ଡ କରାଯାଇଛି। ଏହି ୬ଟି ହସ୍ପିଟାଲ ହେଲା ଏମ୍ସ, ସଫଦରଜଙ୍ଗ, ଏଲ୍‌ଏଚ୍‌ଏମ୍‌ସି ଗ୍ରୁପ୍, ଆରଏମ୍‌ଏଲ, ଏନ୍‌ଆଇଟିଆର୍‌ଡି ଓ ଭିପିସିଆଇ। ଏଥିମଧ୍ୟରୁ ୧୫ ପ୍ରତିଶତ ଅର୍ଥାତ ୩୦, ୪୨୦ ରୋଗୀ ହସ୍ପିଟାଲରେ ନିହାତି ଭର୍ତ୍ତି ହେବା ଆବଶ୍ୟକ ବୋଲି କୁହାଯାଇଛି। ଏହା ଦିଲ୍ଲୀର ସୃଷ୍ଟି ହୋଇଥିବା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟକୁ ସୂଚିତ କରୁଛି। ରାଜ୍ୟସଭାରେ ମନୋନୀତ ସାଂସଦ ବିକ୍ରମଜିତ୍ ସିଂ ସାହାଣୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ପ୍ରତାପରାଓ ଯାଦବ ଏହି ତଥ୍ୟ ଦେଇଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସ ସମ୍ପର୍କିତ ରୋଗ ବୃଦ୍ଧି ପାଇଛି ବୋଲି ସରକାର ସ୍ୱୀକାର କରିଛନ୍ତି। ଅବଶ୍ୟ ସରକାର କେବଳ ପ୍ରଦୂଷଣ ପାଇଁ ଏହା ହେଉ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଖାଦ୍ୟ, ପାନୀୟ, ସାମାଜିକ ଓ ଆର୍ଥିକ ସ୍ଥିତି କାରଣରୁ ମଧ୍ୟ ଏହିଭଳି ସ୍ଥିତି ଉପୁଜୁଛି ବୋଲି ସରକାର କହିଛନ୍ତି। ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ବଢ଼ିବା କାରଣରୁ ହାସ୍ପିଟାଲଗୁଡିକରେ ଜରୁରୀକାଳୀନ ଶ୍ୱାସ ସମ୍ପର୍କିତ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଆଇସିଏମ୍‌ଆର୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଏହି ସର୍ଭେରେ ୩୩୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ନେଇ ଅଧ୍ୟୟନ କରାଯାଇଥିଲା। ଏଥରେ ପ୍ରଦୂଷିତ ବାୟୁ ଓ ଶ୍ୱାସ ସମ୍ପର୍କିତ ରୋଗ ସିଧାସଳଖ ସମ୍ପର୍କ ଥିବା ଜଣାପଡ଼ିଛି।

# ଆଫଗାନିସ୍ତାନରେ ୧୩ ବର୍ଷର ନାବାଳକ ହାତରେ ଦିଆଗଲା ମୃତ୍ୟୁଦଣ୍ଡ

- ଦେଖିବାକୁ ଷ୍ଟାଡିୟମରେ ରୁଣ୍ଡ ହେଲେ ୮୦ ହଜାର ଲୋକ
- ନାବାଳକଙ୍କ ପରିବାରର ୧୩ ସଦସ୍ୟଙ୍କୁ ହତ୍ୟା କରିଥିଲା ଅଭିଯୁକ୍ତ

କାବୁଲ, ୩।୧୨(ଏଜେନ୍ସି): ଆଫଗାନିସ୍ତାନର ଖୋସ୍ତ ରାଜ୍ୟର ଏକ ଷ୍ଟାଡିୟମରେ ୮୦ ହଜାର ଲୋକଙ୍କ ସାମ୍ନାରେ ଜଣେ ଅପରାଧୀଙ୍କୁ ଗୁଳି କରାଯାଇଛି। ଜଣେ ୧୩ ବର୍ଷର ନାବାଳକ ଦ୍ୱାରା ଗୁଳି କରାଯାଇ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତ ଜଣକ ନାବାଳକଙ୍କ ପରିବାରର ୧୩ଜଣଙ୍କୁ ହତ୍ୟା କରିଥିଲା। ଏମାନଙ୍କ ମଧ୍ୟରେ ଏକାଧିକ ଛୋଟ ପିଲା ଓ ମହିଳା ସାମିଲ ଥିଲେ। ଦଣ୍ଡ ଦେବା ପୂର୍ବରୁ ଅଭିଯୁକ୍ତକୁ କ୍ଷମା କରିବାକୁ ଚାହୁଁଛ କି ବୋଲି ତାଲିବାନ ଅଧିକାରୀମାନେ ଏହି ୧୩ ବର୍ଷର ନାବାଳକକୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମନା କରିଦେଇଥିଲେ। ଏହାପରେ ଅଧିକାରୀମାନେ ନାବାଳକକୁ ବନ୍ଧୁକ ଦେଇ ସାମ୍ନାରେ ଠିଆ ହୋଇଥିବା ଅଭିଯୁକ୍ତକୁ ଗୁଳି ମାରିବାକୁ କହିଥିଲେ। ଅଭିଯୁକ୍ତ ଓ ନାବାଳକ ସମ୍ପର୍କୀୟ ବୋଲି କୁହାଯାଇଛି। ଏହି ମାମଲାରେ ଆଉ ଦୁଇଜଣ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବାକୁ କୁହାଯାଇଛି। କିନ୍ତୁ ଏମାନଙ୍କୁ ଦଣ୍ଡିତ କରାଯାଇନାହିଁ। କାରଣ ପୀଡ଼ିତଙ୍କ କିଛି ସନ୍ତାନ ସେତେବେଳେ ଉପସ୍ଥିତ ନ ଥିଲେ। ଖୋସ୍ତର ସେଣ୍ଟ୍ରାଲ ଷ୍ଟାଡିୟମରେ ଦଣ୍ଡବିଧାନର ଏହି ପ୍ରକ୍ରିୟାକୁ ଦେଖିବା ପାଇଁ ଲୋକେ ଏକାଠି ହୋଇଥିଲେ। ଉଲ୍ଲେଖଥାଉ କି, ୨୦୨୧ ଅଗଷ୍ଟ ୧୫ରେ ତାଲିବାନ ଦ୍ୱିତୀୟଥର ପାଇଁ ଶାସନକୁ ଆସିବା ପରେ ୧୧ଜଣଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲାଣି।



# ଦିଲ୍ଲୀ ଏମ୍‌ସିଡି ଉପ-ନିର୍ବାଚନରେ ବିଜେପିକୁ ୨ ଆସନରେ ଘାଟା

- ବିଜେପି ୭, ଆପ୍ ୩ ଆସନରେ ବିଜୟୀ
- ଖାତା ଖୋଲିଲା କଂଗ୍ରେସ

ନୂଆଦିଲ୍ଲୀ, ୩।୧୨(ଏଜେନ୍ସି): ଦିଲ୍ଲୀ ନଗର ନିଗମ (ଏମ୍‌ସିଡି)ର ୧୨ଟି ୱାର୍ଡରେ ହୋଇଥିବା ଉପ-ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି। ବିଜେପି ୭, ଆମ ଆଦମୀ ପାର୍ଟି (ଆପ୍) ୩ ଏବଂ କଂଗ୍ରେସ ଓ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ (ଏଆଇଏଫ୍‌ବି) ଗୋଟିଏ ଲେଖାଏ ୱାର୍ଡରେ ବିଜୟ ହାସଲ କରିଛି। ଦିଲ୍ଲୀରେ ବିଜେପି ସରକାର ଶାସନକୁ ଆସିବା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ଦଳର ୨ ଆସନ କ୍ଷତି ହୋଇଛି। ଏହା ଲୋକପ୍ରିୟତା ହ୍ରାସକୁ ଦେଖାଉଛି। ସରକାର ନିଜ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଥିବା କୁହାଯାଉଛି।ଅନ୍ୟପଟେ କଂଗ୍ରେସ ଖାତା ଖୋଲିବାରେ ସଫଳ ହୋଇଛି। ଗତ ନିର୍ବାଚନରେ ୧୨ଟି ୱାର୍ଡରୁ ବିଜେପି ୯ଟି ଓ ଆପ୍ ୩ଟି ୱାର୍ଡରେ ବିଜୟୀ ହୋଇଥିଲା। ଏଥର ବିଜେପି ଦ୍ୱାରକା-ବି, ଆଶୋକ ବିହାର, ଗ୍ରେଟର କୈଳାଶ, ଡିଚାଉ କାଲାନ, ଶାଲିମାର ବାଗ-ବି, ବିନୋଦ ନଗର, ଚାନ୍ଦିନୀ ଚୌକରେ ବିଜୟ ହାସଲ କରିଛି। ସେହିପରି ଆପ୍ ନାରାଇନା, ମୁଣ୍ଡକା ଓ ଦକ୍ଷିଣପୁରୀରେ ବିଜୟୀ ହୋଇଛି। ସେହିପରି କଂଗ୍ରେସ ସଂଗମ ବିହାର-ଏରେ ୩୬୨୮ ଭୋଟ୍‌ରେ ବିଜୟ ହାସଲ କରିଛି। ଚାନ୍ଦନୀ ମହଲରେ ଏଆଇଏଫ୍‌ବିର ମହମ୍ମଦ ଇମ୍ରାନ ବିଜୟୀ ହୋଇଛନ୍ତି।

ନଭେମ୍ବର ୩୦ରେ ଏହି ୧୨ଟି ୱାର୍ଡରେ ହୋଇଥିବା ନିର୍ବାଚନରେ ୩୮.୫୧ ପ୍ରତିଶତ ମତଦାନ ହୋଇଥିଲା। ୨୦୨୨ରେ ୨୫୦ଟି ୱାର୍ଡରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଓ ସେତେବେଳେ ମତଦାନ ୫୦.୪୭ ପ୍ରତିଶତ ଥିଲା। ତେଣୁ ଏଥର ଉପ-ନିର୍ବାଚନରେ ମତଦାନ ହାର ଯଥେଷ୍ଟ ତଳକୁ ଖସିଛି। ଉପ-ନିର୍ବାଚନରେ ବିଜେପିଠାରୁ ଆପ୍ ୨ଟି ସିଟ୍ ଛଡାଇ ନେଇଛି। ସେହିପରି ଆପ୍ ମଧ୍ୟ ତା'ର ଦୁଇଟି ଆସନରେ ପରାଜୟ ବରଣ କରିଥିଲେ ମଧ୍ୟ ମୋଟ୍ ଉପରେ ୩ଟି ବଜାୟ ରଖିଛି। ମୋଟ୍ ଉପରେ ଏହି ନିର୍ବାଚନରେ ୫୧ଟି ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ଏହି ୧୨ଟି ୱାର୍ଡର ବିଜୟୀ ହୋଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୧ ଜଣ ବିଧାୟକ ଓ ଜଣେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ଫଳରେ ଏହି ଆସନଗୁଡିକ ଫାଙ୍କା ପଡ଼ିଥିଲା। ନିର୍ବାଚନ ପରେ ଦିଲ୍ଲୀ ଏମ୍‌ସିଡିରେ ବିଜେପିର ୧୨୩, ଆପର ୧୦୨, କଂଗ୍ରେସର ୯ ଓ ଅନ୍ୟମାନଙ୍କର ୧୬ଟି ସିଟ୍ ରହିଛି।

# ବନ୍ୟଜୀବ ସୁରକ୍ଷାରେ ମହିଳା

**ମହିଳାମାନେ ବିଭିନ୍ନ ଦିଗରେ ଆଗକୁ ବଢ଼ୁଛନ୍ତି । ପ୍ରଶାସନିକ ସେବାରେ ଯୋଗଦେଇ ଦେଶର ଦାୟିତ୍ୱଭାର ହାତକୁ ନେଇଛନ୍ତି । ଭାରତୀୟ ସେନାରେ ମଧ୍ୟ ମହିଳାମାନେ ନୂଆ ଉଡ଼ାଣ ଭରିଛନ୍ତି । ଏହି କ୍ରମରେ ଏବେ ବନ୍ୟଜୀବ ସଂରକ୍ଷଣରେ ମଧ୍ୟ ମହିଳାମାନେ ନୂତନ ଛାପ ସୃଷ୍ଟି କରିଛନ୍ତି । ହିଂସ୍ର ବନ୍ୟଜନ୍ତୁଙ୍କୁ ନ ଡରି ସାହସ, ସମର୍ପଣ ଦ୍ୱାରା ସେମାନଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି । ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି, ତାହା ସେମାନେ ନିଜ କାର୍ଯ୍ୟ ମାଧ୍ୟମରେ ପ୍ରମାଣ କରିଛନ୍ତି । ଭାରତରେ ବନ୍ୟଜୀବ ସୁରକ୍ଷାରେ କାର୍ଯ୍ୟରତ ସେହିଭଳି କିଛି ମହିଳାଙ୍କୁ ନେଇ ଏହି ଉପସ୍ଥାପନା ।**



### ଝୁନି ବାଇ

ଝୁନି ବାଇ ମଧ୍ୟପ୍ରଦେଶ ପେଞ୍ଚ ଟାଇଗର ରିଜର୍ଭରେ, ଜଣେ ସାହାସୀ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରିଆସୁଛନ୍ତି । ଦୀର୍ଘ ୨୦ ବର୍ଷ ଧରି ଜଙ୍ଗଲ ଓ ବନ୍ୟଜୀବ ସଂରକ୍ଷଣରେ ସେ ନିଜକୁ ସମର୍ପଣ କରିଛନ୍ତି । ଏ କ୍ଷେତ୍ରରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ମହିଳାଙ୍କ ମଧ୍ୟରେ ସେ ପ୍ରଥମେ । ଜଣେ ଆଦିବାସୀ ମହିଳା ଭାବେ ବନ୍ୟଜୀବ ସଂରକ୍ଷଣରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜଙ୍ଗଲରେ କାର୍ଯ୍ୟରତ ସମୟରେ ସେ ଅନେକ ଜଙ୍ଗଲୀ ପଶୁଙ୍କ ସାମ୍ନା କରିଛନ୍ତି, ଏହାସତ୍ତ୍ୱେ ସେ ନିଜ କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହାନ୍ତି । ସାହସ ଓ ସମର୍ପଣ ଭାବ ପାଇଁ ସେ ୨୦୨୫ ମସିହାରେ ୭୬ ତମ ଗଣତନ୍ତ୍ର ଦିବସରେ ବିଶେଷ ଅତିଥି ଭାବେ ଦିଲ୍ଲୀ ଯାଇଥିଲେ । ଏହା ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି ଥିଲା । ତେବେ ସେ ମୋବାଇଲ ଫୋନ୍ କିମ୍ବା କୌଣସି ପ୍ରକାର ଡିଜିଟାଲ୍ ଉପକରଣ ବ୍ୟବହାର କରନ୍ତିନି ।



### ରସିଲା ବଧେର

ଗୁଜୁରାଟ ଗୀର୍ ଅଭୟାରଣ୍ୟର ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟରତ ରସିଲା ବଧେର । ସେ ନିଜ କାର୍ଯ୍ୟ ମାଧ୍ୟମରେ ବନ୍ୟଜୀବଙ୍କ ପ୍ରତି ଥିବା ଭଲପାଇବାକୁ ଦର୍ଶାଇଥାନ୍ତି । ସେ ଗୀର୍ ଉଦ୍ଧାର ବିଭାଗର ମୁଖ୍ୟ ହୋଇଥିଲେ । ତେବେ ସେ ବାର ବର୍ଷ ମଧ୍ୟରେ ୧୧୦୦ରୁ ଊର୍ଦ୍ଧ୍ୱ ଜଙ୍ଗଲୀ ପଶୁଙ୍କୁ ଉଦ୍ଧାର କରିଛନ୍ତି । ଏଥିରେ ଚିତାବାଘ, ସିଂହ ଓ କୁମ୍ଭୀର ଅଛନ୍ତି । ମାର୍ଚ୍ଚ ୨୦୧୩ ସେ ଏକ ନିର୍ମାଣଧୀନ କୂଅରୁ ଗୀର୍‌ର ଏକ ଚିତାବାଘକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ପ୍ରଥମ ମହିଳା ଫରେଷ୍ଟ ଗାର୍ଡ ଭାବେ ୨୦୦୮ ରେ ସେ ଚର୍ଚ୍ଚାକୁ ଆସିଥିଲେ ।



### ଅଞ୍ଜୁ ଚୌହାନ୍

ସାଧାରଣତଃ ମହିଳାମାନେ ଝିଟିପିଟି, ଅସରପା ଦେଖିଲେ ଡରିଯାନ୍ତି । କିନ୍ତୁ ଅଞ୍ଜୁ ସେମାନଙ୍କଠୁ ସମ୍ପୂର୍ଣ୍ଣ ଭିନ୍ନ । ସେ ନିର୍ଭୟ ତଥା ସାହସର ସହ ବିଷାକ୍ତ ସାପଙ୍କୁ ଉଦ୍ଧାର କରନ୍ତି । 'ସ୍ନେକ୍ ଲେଡି' ଭାବେ ପରିଚିତ ଅଞ୍ଜୁ ରାଜସ୍ଥାନ ସିରୋହୀ ଜିଲ୍ଲା ପିଣ୍ଡୱାଡ଼ା ତହସିଲ୍‌ରେ ରୁହନ୍ତି । ସିରୋହୀ ଜଙ୍ଗଲରେ ସେ ଫରେଷ୍ଟ ଗାର୍ଡ ଭାବେ କାର୍ଯ୍ୟ କରନ୍ତି । ଏହାପରେ ବଳକା ସମୟ ବନ୍ୟଜୀବ ଉଦ୍ଧାର କାର୍ଯ୍ୟ କରନ୍ତି । ସେ ଖୁବ୍ ସାହସର ସହ ଜନଗହଳି ସ୍ଥାନରୁ ବିଷାକ୍ତ ସାପ ଉଦ୍ଧାର କରି ଜଙ୍ଗଲରେ ନେଇ ଛାଡ଼ନ୍ତି । ଏପର୍ଯ୍ୟନ୍ତ ସେ ୩୦୦୦ରୁ ଅଧିକ ସାପ, ୩୦ରୁ ଊର୍ଦ୍ଧ୍ୱ କୁମ୍ଭୀର ଉଦ୍ଧାର କରିଛନ୍ତି ।



### ସାବିତ୍ରୀ ଆମ୍ମା

ସାଧାରଣତଃ ବନ୍ୟଜୀବଙ୍କଠାରୁ ସମସ୍ତେ ଦୂରେଇ ରହିଥାନ୍ତି । ସେମାନଙ୍କ ପାଖକୁ ଯିବାକୁ ଡରନ୍ତି । କିନ୍ତୁ ବେଙ୍ଗାଲୁରୁ ବନ୍ନେରଘଟ୍ଟା ଚିଡ଼ିଆଖାନାର କେୟାର ଟେକର୍ ସାବିତ୍ରୀ ଆମ୍ମା ଏମାନଙ୍କଠୁ ଭିନ୍ନ । ସେ ସନ୍ତାନ ଭଳି ନିଜ କୋଳରେ ସିଂହ, ଚିତାବାଘଙ୍କୁ ଲାଳନ ପାଳନ କରିଥାନ୍ତି । ତାଙ୍କୁ ଦେଖି ହିଂସ୍ର ପ୍ରାଣୀମାନେ ଦୌଡ଼ିଆସନ୍ତି । ସାବିତ୍ରୀ ଆମ୍ମା ବନ୍ୟଜୀବଙ୍କୁ ସନ୍ତାନ ଭଳି ସ୍ନେହ ଆଦର କରିଥାନ୍ତି । ସ୍ନେହ, ଶ୍ରଦ୍ଧାର ମୂଲ୍ୟ କେବଳ ମଣିଷ ନୁହେଁ, ପଶୁମାନେ ମଧ୍ୟ ବୁଝନ୍ତି ବୋଲି ତାଙ୍କ ନିଷ୍ଠାପର ସେବାରୁ ବୁଝାପଡ଼େ ।

# ପ୍ୟାଣ୍ଟ ଚେନ୍ ଖରାପ ଥିଲେ

**ଅନେକ ସମୟରେ ଜିନ୍ସ ପିନ୍ଧିବାବେଳେ ଚେନ୍ ଖରାପ ହୋଇଯାଏ । ଫଳରେ ବାରମ୍ବାର ଏହାକୁ ବାହାରକୁ ନେଇ ଠିକ୍ କରିବାକୁ ପଡ଼ିଥାଏ । କିନ୍ତୁ କିଛି ସହଜ ଉପାୟ ଆପଣାଇ ଏହି ସମସ୍ୟାକୁ ଚୁଟ୍‌କିରେ ସମାଧାନ କରିପାରିବେ । ଜାଣିବା ସେ ବିଷୟରେ...**



### ନଡ଼ିଆତେଲ

ଅଧିକାଂଶ ସମୟରେ ପ୍ୟାଣ୍ଟ ପିନ୍ଧିବା ପରେ ଚେନ୍ ଦେଲା ବେଳକୁ ଏହା ଅଧାରେ ରହିଯାଏ । ଏପରିସ୍ଥଳେ ବାହାରକୁ ଯାଇ ବାରମ୍ବାର ଠିକ୍ କରିବା ସହଜ ହୋଇ ନ ଥାଏ । ତେଣୁ ଘରେ ଏହାକୁ ଠିକ୍ କରିବାକୁ ଚାହୁଁଥିଲେ ଏଥିରେ ନଡ଼ିଆତେଲ ବ୍ୟବହାର କରିପାରିବେ ।

### ମହମବତୀ

ମହମବତୀ ସାହାଯ୍ୟରେ ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିପାରିବେ । ଏଥିପାଇଁ ଖଣ୍ଡେ ମହମବତୀ ନେଇ ଏହାକୁ ଚେନ୍ ଖରାପ ଥିବା ସ୍ଥାନରେ ଲଗାଇ ଘଷି ଦିଅନ୍ତୁ । ମହମ ସଂସ୍ପର୍ଶରେ ଆସି ଚେନ୍‌ଟି ଠିକ୍ ହୋଇଯାଏ ।

### ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍

ଜିନ୍ସ ପ୍ୟାଣ୍ଟର ଚେନ୍ ଠିକ୍ କରିବାକୁ ଚାହୁଁଥିଲେ, ଏଥିପାଇଁ ସାବୁନ୍ ଓ ଗ୍ରାଫାଇଟ୍ ପେନ୍‌ସିଲ୍ ମଧ୍ୟ ବ୍ୟବହାର କରିପାରିବେ ।

### ଭ୍ୟାସେଲିନ୍

ଚେନ୍‌ରେ ଭ୍ୟାସେଲିନ୍ ଲଗାଇ ହାତରେ ଏପଟସେପଟ କଲେ ଚେନ ଠିକ୍‌ରେ କାର୍ଯ୍ୟ କରିଥାଏ ।

# ଶାଢ଼ି ସହ ଦୁପଟ୍ଟା

**ଦୁପଟ୍ଟା ସାଂସ୍କୃତିକ ଗୌରବର ପ୍ରତୀକ ଭାବେ ଜଣାଯାଏ । ଏହାକୁ ଚୁଡ଼ିଦାର, କୁର୍ତ୍ତୀ ସମେତ ଏଣିକି ଶାଢ଼ିରେ ମଧ୍ୟ ପକାଉଛନ୍ତି । ଏହାକୁ ଷ୍ଟାଇଲ୍ ତଥା ସୃଜନାତ୍ମକ ଶୈଳୀରେ ପକାଇଲେ ଏହା ଅଧିକ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ । ଏଥିପାଇଁ ଆବଶ୍ୟକ କେତେକ ଡ୍ରେପିଂ ଷ୍ଟାଇଲ୍ ରହିଛି ଜାଣିବା ସେ ବିଷୟରେ...**

### କ୍ଲାସିକ୍ ଫ୍ରଣ୍ଟ ପ୍ଲିଟ୍

ଏହା ଶାଢ଼ି ପିନ୍ଧିବାର ପାରମ୍ପରିକ ଓ ଚୀରସବୁଜ ପ୍ରକ୍ରିୟା ମଧ୍ୟରୁ ଗୋଟିଏ । ଦୁପଟ୍ଟାକୁ ପାଞ୍ଚ- ଛଅ ପରସ୍ତ ଭାଙ୍ଗି କାନ୍ଧରେ ପିନ୍ କରନ୍ତୁ । ଏହି ଡ୍ରେପିଙ୍ଗ୍‌ରୁ ଶାଢ଼ିର ସମ୍ପୂର୍ଣ୍ଣ ଡିଜାଇନ୍ ଦିଶିଥାଏ । ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ । ବୋଟ୍‌ନେକ, ସ୍ଲିଭ୍‌ଲେସ୍ ଓ ଅଫ୍‌ସୋଲ୍‌ଡର ବ୍ଲାଉଜ୍‌କୁ ଏହା ଖୁବ୍ ସୁନ୍ଦର ମାନିଥାଏ । ଏହା ବିବାହ ପାର୍ଟି ସମେତ ପାରମ୍ପରିକ, ପର୍ବପର୍ବାଣୀରେ ମଧ୍ୟ ଭଲ ଲାଗିଥାଏ ।

### ବିବାହ ଶାଢ଼ିରେ ଦୁପଟ୍ଟା

ମହିଳାମାନେ ବିବାହ ପାର୍ଟିରେ ମଧ୍ୟ ଶାଢ଼ି ସହ ଓଢ଼ଣୀ ପକାଇପାରିବେ । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ପାରମ୍ପରିକ ଲୁକ୍ ଚାହୁଁଥିଲେ, ହାଲୁକା ପେଷ୍ଟାଲ୍ ରଙ୍ଗ ବା ଏମ୍ବ୍ରୋଡୋରୀ କାମ ଥିବା ପକାଇପାରିବେ ।




# ୱିଣ୍ଟର୍ ଫୁଟ୍‌ୱେୟାର୍

**ଶୀତଦିନେ ପାଦକୁ ଥଣ୍ଡାରୁ ସୁରକ୍ଷା ଦେବା ପାଇଁ ଅନେକେ ଶୀତ ସ୍ଲିପର୍, ଜୋତା ଆଦି ବ୍ୟବହାର କରିଥାନ୍ତି । ଏହା ପାଦକୁ ଆରମ ଦେବା ସହ ସୁନ୍ଦର ରଖିଥାଏ । ତେବେ ଜାଣିବା କେତୋଟି ନୂଆ ଡିଜାଇନର୍ ସ୍ଲିପର୍ ବିଷୟରେ ।**



### ଗଦିବୁଟ୍

ଏହା ବ୍ୟତୀତ ଚାହିଁଲେ ଗଦିଯୁକ୍ତ ବୁଟ୍ ପିନ୍ଧିପାରିବେ । ଏହା ଗୋଇଠିର ଉପର ଅଂଶ ଯାଏ ରହିଥାଏ । ତେଣୁ ଏହା ଶୀତଦିନେ ପିନ୍ଧିବା ପାଇଁ ଖୁବ୍ ଭଲ ହୋଇଥାଏ । ଅଧିକାଂଶ ମହିଳାଙ୍କୁ ଏ ପ୍ରକାର ୱିଣ୍ଟର୍ ସ୍ଲିପର୍ ଖୁବ୍ ପସନ୍ଦ ।

### ମୋକାସିନ୍

ଥଣ୍ଡାରୁ ପାଦକୁ ସୁରକ୍ଷିତ କରି କୋମଳ ରଖିବାକୁ ଚାହୁଁଥିଲେ, ମୋକାସିନ୍ ସ୍ଲିପର୍ ପିନ୍ଧିପାରିବେ । ଏହା ପାଦକୁ ଥଣ୍ଡାରୁ ସୁରକ୍ଷା ଦେଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ କିଣିପାରିବେ ।

### ସ୍ଲିପ୍ ଅନ୍ ଷ୍ଟାଇଲ୍

ଶୀତଦିନେ ଘରେ ପିନ୍ଧିବା ପାଇଁ ଏହି ସ୍ଲିପର୍ ଭଲ ହୋଇଥାଏ । ଏହା ସ୍ଲିପ୍ ଅନ୍ ଷ୍ଟାଇଲର ସ୍ଲିପର । ଏହା ଅଧା ପାଦକୁ ଢାଙ୍କି ରଖିଥାଏ । ଏହା ପିନ୍ଧିବାରେ ଖୁବ୍ ଆରାମଦାୟକ ଅନୁଭୂତି ମିଳିଥାଏ । ଏହା ଶୀତଦିନ ପାଇଁ ଗୋଟିଏ ଭଲ ବିକଳ୍ପ ହୋଇଥାଏ ।



### ଉଲେନ୍

ସାଧାରଣତଃ ଉଲେନ୍ ଚପଲ ପାଦକୁ ନରମ ଓ ଆରାମଦାୟକ ଲାଗିଥାଏ । ଏହା ପାଦକୁ ଉଷୁମ ଓ ସୁନ୍ଦର ରଖିବାରେ ମଧ୍ୟ ସହାୟକ ହୋଇଥାଏ । ଏହା ଉଭୟ ଅନ୍‌ଲାଇନ୍ ଓ ବଜାରରେ ଉପଲବ୍ଧ ।

# ମୋ ହାଣ୍ଡିଶାଳରୁ... ଦହି ଉପମା



### ଆବଶ୍ୟକ ସାମଗ୍ରୀ

ସୁଜି - ୨୫୦ ଗ୍ରାମ୍, କଟା ଗାଜର - ଏକ କପ୍, କଟା ପିଆଜ – ଅଧା କପ୍, ଗ୍ରୀନ୍ ମଟର - ଅଧା କପ୍, କାଜୁ - ଚାରି ପାଞ୍ଚୋଟି, ଚିନାବାଦାମ- ଅଧା କପ୍, ମୁଗ - ଏକ ଚାମଚ, ଭୃସଙ୍ଗପତ୍ର- ଏକ ପାଖୁଡ଼ା, କଟା କଞ୍ଚାଲଙ୍କା - ଅଳ୍ପ, ମୁଗଡାଲି - ଏକ ଚାମଚ, ବିରି - ଏକ ଚାମଚ, ଦହି - ଏକ ଏପ୍, ଲୁଣ – ସ୍ୱାଦ ଅନୁସାରେ, ଘିଅ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ବାଉଲ୍‌ରେ ଅଳ୍ପ ଦହି, ପାଣି, କଟା କଞ୍ଚାଲଙ୍କା, ଧନିଆପତ୍ର, ଅଦା ପକାଇ ଭଲରେ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ଘିଅ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ସୋରିଷ, ଶୁଖିଲା ଲଙ୍କା, ଭୃସଙ୍ଗପତ୍ର, ବିରିଡାଲି, ବୁଟଡାଲି, ପକାଇ ଭାଜନ୍ତୁ । କିଛି ସମୟ ପରେ ପିଆଜ, ଗାଜର, ଗ୍ରୀନ୍ ମଟର, ସହ ସୁଜି ପକାଇ ଭାଜି ଦିଅନ୍ତୁ । ଏହାପରେ ସେଥିରେ ଗୋଳାଇ ରଖିଥିବା ଦହି ପାଣି ଦିଅନ୍ତୁ । ଫୁଟିଗଲା ପରେ ଏକ ଢାଙ୍କୁଣି ଘୋଡ଼ାଇ କିଛି ସମୟ ଢାଙ୍କି ଦିଅନ୍ତୁ । ଏହାପରେ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଦହି ଉପମା' ।

# ଲ୍ୟାପ୍‌ଟପ୍ ବ୍ୟାଗ୍

**କର୍ମଜୀବୀ ମହିଳାଙ୍କ ପାଇଁ ଅଫିସ୍ ବ୍ୟାଗ୍ କେବଳ ଜିନିଷ ରଖିବାର ମାଧ୍ୟମ ନୁହେଁ, ଏହା ଷ୍ଟାଇଲ, ଦକ୍ଷତା ଓ ବ୍ୟକ୍ତିତ୍ୱକୁ ଦର୍ଶାଏ । ପ୍ରତି ମହିଳାଙ୍କ ପାଇଁ ଏହି ବ୍ୟାଗ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥାଏ । ଏଥିରେ ଲ୍ୟାପଟପ୍, ଟାବ୍‌ଲେଟ୍, ଫାଇଲ୍, ପାଣିବୋତଲ, ମେକ୍‌ଅପ୍ ଆଦି ଜିନିଷ ସୁରକ୍ଷିତ ରହିଥାଏ ।**

### ଲେଦର ଟୋଟ୍ ବ୍ୟାଗ୍

ସମୟାନୁସରେ ବିଭିନ୍ନ ଡିଜାଇନର ଟୋଟ୍ ବ୍ୟାଗ୍ ଉପଲବ୍ଧ ହେଲାଣି । ଏଥିରେ ପ୍ୟାଡେଡ୍ ଲ୍ୟାପଟପ୍ ସ୍ଲିଭ ରହିଛି । ଏହା ଭଲ ଲେଦରରେ ଉପଲବ୍ଧ ହୋଇଥାଏ । ଏହା ଅଫିସ୍, ମିଟିଂ, ଏପରିକି ବିଜିନେଶ ଟ୍ରାଭେଲ୍ ପାଇଁ ଭଲ ହୋଇଥାଏ ।

### ଷ୍ଟାଇଲିଶ୍ ବ୍ୟାକ୍‌ପ୍ୟାକ୍

ବ୍ୟାଗ୍‌ପ୍ୟାକ୍ କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ୨୦୨୫ ମସିହାରେ ସ୍ଲିକ, ମିନିମାଲିଷ୍ଟ, ଓ ଲେଦର ବ୍ୟାକ ପ୍ୟାକ୍ ଅଫିସ୍ ଫେଶନରେ ନିଜର ସ୍ଥାନ ରଖିଛି । ଏଥିରେ ଏକ ଲ୍ୟାପଟପ୍ ରଖିବା ପାଇଁ ଜାଗା ରହିଛି । ଏହା ଦେଖିବାକୁ ଷ୍ଟାଇଲିଶ ଓ ଆକର୍ଷଣୀୟ ହୋଇଥାଏ । ଏହା କର୍ମଜୀବୀ ମହିଳାଙ୍କ ପାଇଁ ଖୁବ୍ ଭଲ ହୋଇଥାଏ ।



### ବ୍ରିଫ୍‌କେସ୍ ହ୍ୟାଣ୍ଡବ୍ୟାଗ୍

ଏହା ପାରମ୍ପରିକ ବ୍ରିଫ୍‌କେଶର ଏକ ଷ୍ଟାଇଲିଶ୍ ଭର୍ସନ ଭାବେ ଜଣାଯାଏ । ଏଥିରେ ମଲ୍ଟିପ୍ଲେ କମ୍ପୋନେଟ୍ସ, ଲ୍ୟାପ୍‌ଟପ୍ ସ୍ଲିବ, ଏବଂ ଅର୍ଗାନାଇଜର ପକେଟ୍ ଥାଏ । ଏହା ସର୍ବଦା ଟପ୍ ହ୍ୟାଣ୍ଡଲ, ସଟ୍ ସୋଲ୍‌ଡର୍ ଷ୍ଟ୍ରିପ ସହିତ ଥାଏ । ଏଥିରୁ ଏକ ପ୍ରଫେସନାଲ୍ ଲୁକ୍ ମିଳିଥାଏ ।

# ଷ୍ଟ୍ରବେରୀରୁ ସୁନ୍ଦର ତ୍ୱଚା



**ଷ୍ଟ୍ରବେରୀ ସ୍ୱାଦିଷ୍ଟ ହେବା ସହ ଏଥିରେ ବହୁ ପୋଷକ ତତ୍ତ୍ୱ ରହିଥାଏ । ଯାହା ତ୍ୱଚାକୁ ସୁସ୍ଥ ଓ ସୁନ୍ଦର ରଖିଥାଏ । ଏଥିସହ ତ୍ୱଚା ଦାଗ, ବୟସଛାପ, ଚର୍ମକୁଞ୍ଚନ ଆଦି ସମସ୍ୟାକୁ ଦୂର କରି ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । ତେବେ ଦୈନନ୍ଦିନ ସ୍କିନ୍‌କେୟାର୍ ରୁଟିନ୍‌ରେ ଏହା କିପରି ସାମିଲ କରିବେ ଜାଣି ରଖନ୍ତୁ ।**

- କିଛି ଷ୍ଟ୍ରବେରୀକୁ ଚକଟି ଏଥିରେ କିଛି ବୁନ୍ଦା ମହୁ ମିଶାନ୍ତୁ । ଏହାକୁ ମୁହଁରେ ୧୫ ମିନିଟ୍ ଲଗାଇ ରଖିବା ପରେ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ ।
- ଏଥିରେ ସାଲିସେଲିକ୍ ଏସିଡ୍ ଥାଏ, ଯାହା ବ୍ରଣ ଓ ଦାଗ ସହ ଲଢ଼ିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ । ଏହା ଲୋମଛିଦ୍ରକୁ ବନ୍ଦ କରିଥାଏ । ତ୍ୱଚାରେ ଥିବା ଅତିରିକ୍ତ ତେଲକୁ ବାହାର କରିଥାଏ । ସେହିପରି, ଷ୍ଟ୍ରବେରୀରେ ଥିବା ଆଣ୍ଟି ଇନ୍‌ଫ୍ଲାମେଣ୍ଟୋରୀଗୁଣ ବ୍ରଣ ଓ ଦାଗ ସମସ୍ୟାରୁ ସୁରକ୍ଷା ଦେଇଥାଏ ।
- ଷ୍ଟ୍ରବେରୀକୁ ଚକଟି ଦହି ମିଶାଇ ଫେସ୍‌ମାସ୍କ ଭାବେ ଲଗାଇପାରିବେ । ସେହିପରି ଚାହିଁଲେ ଷ୍ଟ୍ରବେରୀ ଜୁସ୍‌କୁ ଟୋନର୍ ଭାବେ ବ୍ୟବହାର କରିପାରିବେ । ଏହାଦ୍ୱାରା ତ୍ୱଚାରେ ଥିବା ଅତିରିକ୍ତ ତେଲ ବାହାରିଯାଏ ।
- ଏଥିରେ ଥିବା ପାଣି ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ । ଏଥିସହ ଜ୍ୱଳନ, ସଂକ୍ରମଣ ସମସ୍ୟାକୁ ଦୂର କରିଥାଏ ।

## ମାର୍କ୍ରମ୍‌ଙ୍କ ଶତକ ଆଗରେ ଫିକା ପଡ଼ିଲେ କୋହଲି-ଗାଏକ୍ୱାଡ୍

# ଦକ୍ଷିଣ ଆଫ୍ରିକା ୪ ୱିକେଟରେ ବିଜୟୀ

ରାୟପୁର,୩।୧୨(ଏଜେନ୍ସି):

ଆଇଡେନ୍ ମାରକ୍ରମ (୧୧୦)ଙ୍କ ଶତକ, ଦୁଇ ଯୁବ ଖେଳାଳି ମାଥ୍ୟୁ ବ୍ରିଜ୍‌କେ (୬୮) ଓ ଡିୱାଲ୍ଡ ବ୍ରେଭିସ୍ (୫୪)ଙ୍କ ଅର୍ଦ୍ଧଶତକ ଆଗରେ ଫିକା ପଡ଼ିଛି ସୁପରଷ୍ଟାର ବିରାଟ କୋହଲି (୧୦୨) ଓ ଯୁବ ଖେଳାଳି ଋତୁରାଜ ଗାଏକ୍ୱାଡ୍ (୧୦୫)ଙ୍କ ଶତକ। ମାରକ୍ରମ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ୪ ୱିକେଟରେ ଭାରତକୁ ହରାଇ ଏଠାରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ବିଜୟୀ ହୋଇଛି। ଏହି ବିଜୟ

### ଶନିବାର ନିର୍ଣ୍ଣାୟକ ମୁକାବିଲା

ଫଳରେ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୧-୧ରେ ବରାବର ସ୍ଥିତିକୁ ନେଇଆସିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଭାରତ ୧୭ ରନ୍‌ରେ ଜିତିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ବିଶାଖାପାଟଣାରେ ଆସନ୍ତା ୬ ତାରିଖ ଶନିବାର ଖେଳାଯିବ। ଏହି ମ୍ୟାଚ୍‌ରେ ଚମତ୍କାର ଶତକ ସହ ସର୍ବାଧିକ ୧୧୦ ରନ୍ କରିଥିବା ମାରକ୍ରମଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ କିଙ୍ଗ୍ ବିରାଟ କୋହଲିଙ୍କ ୫୩ତମ ଓ ଋତୁରାଜ ଗାଏକ୍ୱାଡଙ୍କ ପ୍ରଥମ ଶତକ ବଳରେ ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟରେ ୩୫୮ ରନ୍ ସଂଗ୍ରହ କରିଥିଲା। କିଙ୍ଗ୍ କୋହଲି ଚଳିତ ସିରିଜ୍‌ରେ କ୍ରମାଗତ ଦ୍ୱିତୀୟ ଶତକ ହାସଲ କରି ୧୦୨ ଓ ମହାରାଷ୍ଟ୍ରର ଋତୁରାଜ ଗାଏକ୍ୱାଡ ଜୀବନର ପ୍ରଥମ ଦିନିକିଆ ଶତକ ସହ ୧୦୫ ରନ୍ କରିଥିଲେ। କାମଚଳା ଅଧିନାୟକ ଲୋକେଶ ରାହୁଲ ତାଙ୍କ ଫିନିସିଂ ଫର୍ମ ବଜାୟ ରଖି ୪୩ ବଲ୍‌ରୁ ୬୬ ରନ୍ କରି ଚଳିତ ସିରିଜ୍‌ରେ କ୍ରମାଗତ ଅର୍ଦ୍ଧଶତକ ହାସଲ କରିବାରେ ସମର୍ଥ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ୟାନ୍‌ସେନ୍ ସର୍ବାଧିକ ୨ଟି, ନାନ୍ଦ୍ରେ ବର୍ଗର ଓ ଲୁଙ୍ଗି ଏନ୍‌ଗିଡି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

ଜବାବରେ ବ୍ୟାଟିଂକୁ ସୁହାଉଥିବା ପିଚ୍‌ରେ ୩୫୯ ରନ୍‌ର ଟାର୍ଗେଟ ଦକ୍ଷିଣ ଆଫ୍ରିକା ଲାଗି କଷ୍ଟକର ହେବ ନାହିଁ ବୋଲି ଆରମ୍ଭରୁ ଜଣାପଡ଼ିଥିଲା। କ୍ୱିଣ୍ଟନ ଡି କକ୍ ଶୀଘ୍ର ଆଉଟ ହେବା ପରେ ଆଇଡେନ୍ ମାରକ୍ରମ ଦ୍ୱିତୀୟ ୱିକେଟରେ ତେମ୍ବା ବଭୁମା (୪୬)ଙ୍କ ସହ ୧୦୧ ଓ ମାଥ୍ୟୁ ବ୍ରିଜ୍‌କେ (୬୮)ଙ୍କ ସହ ୫୫ ବଲ୍‌ରୁ ୭୦ ରନ୍ ଉଠାଇ ଦଳକୁ ଆଗକୁ ବଢ଼ାଇଥିଲେ। ମାରକ୍ରମ ୫୩ ରନ୍‌ରେ ଦେଇଥିବା କ୍ୟାଚ୍ ଆଉଟର ସୁଯୋଗକୁ ଜୟସ୍ୱାଲ ହାତଛଡ଼ା କରିବା ପରେ ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଥିଲା। ସେ ୮୮ ବଲ୍‌ରେ ଶତକ ପୂରଣ କରିବା ସହ ୧୧୦ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ପରେ ଦୁଇ ଯୁବ ଖେଳାଳି ବ୍ରିଜ୍‌କେ ଓ ବ୍ରେଭିସ୍ (୫୪) ଅର୍ଦ୍ଧଶତକ ହାସଲ କରିବା ଓ ୯୨ ରନ୍‌ର ଭାଗୀଦାରି କରିଥିଲେ ମଧ୍ୟ ଦଳକୁ ମ୍ୟାଚ୍ ଜିତାଇବା ପୂର୍ବରୁ ଆଉଟ ହୋଇଯାଇଥିଲେ। ଏମାନଙ୍କ ଆଉଟ ପରେ ୟାନ୍‌ସେନଙ୍କ ୱିକେଟ ପଡ଼ିବା ଓ ଟୋନି ଡି ଜୋର୍ଜି ଆହତ ହୋଇ ପଡ଼ିଆରୁ ବିଦା ହେବା ପରେ ଭାରତୀୟ ସମର୍ଥକ ବିଜୟ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ପ୍ରଥମ ଦିନିକିଆରେ ପାର୍ଟନରଙ୍କ ଅଭାବରୁ ମ୍ୟାଚ୍ ଜିତାଇପାରି ନ ଥିବା କର୍ବିନ ବୋଷ୍ ଓ କେଶବ ମହାରାଜ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦକ୍ଷିଣ ଆଫ୍ରିକାକୁ ଏହି ଦମ୍‌ଦାର ବିଜୟ ଭେଟିଦେଇଥିଲେ। ବୋଷ୍ ୨୬ ଓ ମହାରାଜ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଆଜିର ବିଜୟ ପରେ ଦକ୍ଷିଣ ଆଫ୍ରିକା ତୃତୀୟଥର ଲାଗି ୩୫୦ କିମ୍ବା ତା'ଠାରୁ ଅଧିକ ରନ୍ ଚେଜ୍ କରି ମ୍ୟାଚ୍ ଜିତିବାର ରେକର୍ଡ କରିଛି।


ମାରକ୍ରମ: ମ୍ୟାନ୍ ଅଫ୍ ଦି ମ୍ୟାଚ୍
ଋତୁରାଜ ଗାଏକ୍ୱାଡ
ବିରାଟ କୋହଲି

**ସଂକ୍ଷିପ୍ତ ସ୍କୋର**

**ଭାରତ: ୩୫୮/୫, ୫୦ ଓଭର** (ଗାଏକ୍ୱାଡ- ୧୦୫, କୋହଲି- ୧୦୨, ରାହୁଲ- ଅପରାଜିତ ୬୬, ୟାନ୍‌ସେନ୍-୨/୬୩)।

**ଦକ୍ଷିଣ ଆଫ୍ରିକା: ୩୬୨/୬, ୪୯.୨ ଓଭର** (ମାର୍କରାମ-୧୧୦, ବ୍ରିଜ୍‌କେ-୬୮, ବ୍ରେଭିସ୍-୫୪, ବଭୁମା-୪୬, ଅର୍ଶଦୀପ-୨/୪୮, ପ୍ରସିଦ୍ଧ-୨/୭୯)

### ଟି-୨୦ ବିଶ୍ୱକପ୍

## ଭାରତୀୟ ଦଳର ଜର୍ସି ଉନ୍ମୋଚନ କଲେ ରୋହିତ



ରାୟପୁର, ୩।୧୨ (ଏଜେନ୍ସି): ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳର ଜର୍ସି ଉନ୍ମୋଚିତ ହୋଇଯାଇଛି। ବୁଧବାର ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ର ପ୍ରଥମ ଇନିଂସ ପରେ ବରିଷ୍ଠ ଖେଳାଳି ରୋହିତ୍ ଶର୍ମା ଓ ବ୍ୟାଟର୍ ତିଲକ ବର୍ମା ନୂଆ ଜର୍ସିକୁ ଉନ୍ମୋଚିତ କରିଥିଲେ। ଏହି ନୂତନ ଜର୍ସିରେ ହାଲକା ନୀଳ ଓ ଗାଢ଼ ନୀଳ ରଙ୍ଗର ପଟି ରହିଛି। ସେହିଭଳି କାନ୍ଧର ଉପର ପାର୍ଶ୍ୱରେ ୩ଟି ଧଳା ଗାର ରହିଥିବାବେଳେ ତଳ ପାର୍ଶ୍ୱରେ ଗେରୁଆ ରଙ୍ଗର ଏକ ପଟି ରହିଛି। ଜର୍ସିର ସାମ୍ନା ପାର୍ଶ୍ୱରେ 'ଇଣ୍ଡିଆ' ସହ ମୁଖ୍ୟ ପ୍ରାୟୋଜକ ଆପୋଲ ଟାୟାର୍ସର ନାମ ମଧ୍ୟ ଉଲ୍ଲେଖ ରହିଛି। ପୁରୁଷ ଟି-୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଭାରତ ଓ ଶ୍ରୀଲଙ୍କାର ମୋଟ୍ ୮ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯିବ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଆମେରିକା, ନେଦରଲାଣ୍ଡସ ଓ ନାମିବ୍ୟା ସହ ଭାରତ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ଉଦ୍‌ଘାଟନୀ ଦିବସରେ ଆମେରିକା ସହ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚଟି ମୁମ୍ବଇରେ ଖେଳାଯିବ।

## ସମସ୍ତ ଫର୍ମାଟ୍‌ରୁ ମୋହିତ୍ ଶର୍ମାଙ୍କ ଅବସର

ଚଣ୍ଡିଗଡ଼, ୩।୧୨ (ଏଜେନ୍ସି): ଭେଟେରାନ ଭାରତୀୟ ଦ୍ରୁତ ବୋଲର ମୋହିତ୍ ଶର୍ମା ବୁଧବାର କ୍ରିକେଟ୍‌ର ସମସ୍ତ ପ୍ରକାର ଫର୍ମାଟ୍‌ରୁ ଅବସର ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୩୭ ବର୍ଷୀୟ ମୋହିତ ଅବସନ ନେଇ ସୂଚନା ଦେଇଛନ୍ତି। ସ୍ୱଳ୍ପ ସମୟର ଅନ୍ତର୍ଜାତୀୟ କ୍ୟାରିୟରରେ ହରିୟାଣାର ଏହି ଦ୍ରୁତ ବୋଲର ଭାରତ ପାଇଁ ୨୬ଟି ଦିନିକିଆ ଓ ୮ଟି ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୩୧ ଓ ୬ଟି ୱିକେଟ୍ ନେଇଛନ୍ତି। ୨୦୧୫ ଦିନିକିଆ ବିଶ୍ୱକପ୍‌ରେ ମଧ୍ୟ ସେ ଖେଳିବାର ସୁଯୋଗ ପାଇଥିଲେ। ତେବେ ଆଇପିଏଲ୍‌ରେ ମୋହିତ୍ ବେଶ୍ ସକ୍ରିୟ ଥିଲେ। ଆଇପିଏଲ୍‌ରେ ୪ଟି ଟିମ୍ ପାଇଁ ଖେଳିଥିବା ମୋହିତ୍ ୧୨୦ଟି ମ୍ୟାଚ୍ ଖେଳି ମୋଟ୍ ୧୩୪ଟି ୱିକେଟ୍ ଅକ୍ତିଆର କରିଛନ୍ତି।

### ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ

## ଉଭୟ କ୍ୱାର୍ଟରରେ ତନ୍‌ଭୀ



ଭୁବନେଶ୍ୱର,୩।୧୨(ସମିସ): ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଟଲ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ଓ ୧୭ ବର୍ଷରୁ କମ୍ ବାଳିକା ବିଭାଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଖେଳାଯାଇଥିବା ୧୫ ବର୍ଷରୁ କମ୍ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ତନ୍‌ଭୀ ୨-୦ରେ ରାଜସ୍ଥାନର ଅନ୍‌ଭି ରାଠୋରଙ୍କୁ ଏବଂ ୧୭ ବର୍ଷରୁ କମ୍ ବିଭାଗରେ କର୍ଣ୍ଣାଟକର ହିତାଶ୍ରୀ ଏଲ୍‌ଙ୍କୁ ମଧ୍ୟ ୨-୦ରେ ହରାଇ କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି। ୧୫ ବର୍ଷରୁ କମ୍ ବିଭାଗରେ ତାମିଲନାଡୁର ଅନୁଶ୍ରୀ ଜିଏସ୍ ୨-୦ରେ ଟପ୍ ସିଡ୍ ମାନିମୁଥୁଙ୍କୁ ହରାଇ ଏହି ବିଭାଗରୁ ବିଦାୟ ନେଇଛନ୍ତି।

## ଯୁବ ଏସିଆନ୍ ପାରା ଗେମ୍ସ: ଜାନକୀ, ପାୟଲ ମନୋନୀତ




ଭୁବନେଶ୍ୱର, ୩।୧୨ (ସମିସ): ଦୁବାଇରେ ଡିସେମ୍ବର ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା ଯୁବ ଏସିଆନ୍ ପାରା ଗେମ୍ସ -୨୦୨୫ ପାଇଁ ଓଡିଶାର ଦୁଇଜଣ ପାରା ଖେଳାଳିଙ୍କୁ ଚୟନ କରାଯାଇଛି। ସେମାନେ ହେଲେ ଜାନକୀ ଓରାମ ଓ ପାୟଲ ନାଗ। ଜାନକୀ ପାରା ଆଥଲେଟିକ୍ସର ଟି-୧୨ ବର୍ଗରେ ୧୦୦, ୨୦୦ ମିଟର ଓ ଲଙ୍ଗ୍ ଜମ୍ପେ ଭାଗ ନେବେ।। ସେହିପରି ପାୟଲ ପାରା ଆର୍ଚେରୀରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପାରା ଅଲିମ୍ପିଆନ୍ ଶୀତଲ ଦେବୀଙ୍କୁ ହରାଇ ପାୟଲ ଜାତୀୟ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ। ଉଭୟ ଖେଳାଳିଙ୍କୁ ଓଡିଶା ପାରା ସ୍ପୋର୍ଟ୍ସ ଆସୋସିଏସନ ର ସଭାପତି କମଳାକାନ୍ତ ରଥ ଓ ସମ୍ପାଦକ ସୁନୀଲ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

### ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷିତ

## ହାର୍ଦ୍ଦିକ ସାମିଲ, ନୀତୀଶ ଓ ରିଙ୍କୁ ବିଦା

ରାୟପୁର,୩।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଦଳରେ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସାମିଲ କରାଯାଇଛି। ଏହା ଫଳରେ ଦଳ ସହ ଥିବା ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଓ ଖେଳିବାକୁ ସୁଯୋଗ ପାଉ ନ ଥିବା ବିସ୍ଫୋରକ ବ୍ୟାଟର ରିଙ୍କୁ ସିଂଙ୍କୁ ଦଳରୁ ବାଦ୍ ଦିଆଯାଇଛି। ସବୁଠାରୁ ବଡ଼ କଥା ହେଲା ଉପଅଧିନାୟକ ଶୁବମନ ଗିଲ୍‌ଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଛି। କୋଲକାତା ଟେଷ୍ଟରେ ବେକରେ ଆଘାତ ପାଇଥିବା ଗିଲ୍ ଏବେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଫିଟ୍ ହେବାକୁ ଚିକିତ୍ସିତ ହେଉଛନ୍ତି। ଏଠାରେ ସେ ଫିଟ୍‌ନେସ୍ ଟେଷ୍ଟରେ ପାସ କଲେ ତାଙ୍କୁ ଦଳରେ ନିଆଯିବ। ସେ ଦଳକୁ ନ ଆସିବା ପର୍ଯ୍ୟନ୍ତ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଇନିଂସ ଓପନ କରିବେ। ଦଳରେ ତୃତୀୟ ଓପନର ନାହାନ୍ତି।

ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କୁ ସାମିଲ କରାଯାଇଛି। ଅର୍ଶଦୀପ ସିଂହ, ହର୍ଷିତ ରାଣା, ପାଣ୍ଡ୍ୟା, ଶିବମ ଦୁବେ ଆଦି ବୁମ୍‌ରାଙ୍କ ସହ ମିଶି ଖେଳିବେ। ଦୁଇ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ଏହି ବିଭାଗ ସମ୍ଭାଳିବେ। ଡିଫେଣ୍ଡିଂ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଓ ରନର୍ସ ଅପ୍ ମଧ୍ୟରେ ଖେଳାଯିବାକୁ ଥିବା ଏହି ସିରିଜ୍ ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ।

ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡ଼ିକ ମଧ୍ୟରୁ କଟକର ବାରବାଟୀରେ ଡିସେମ୍ବର ୯ ତାରିଖ ପ୍ରଥମ ମ୍ୟାଚ୍, ମୋହାଲିର ମୁଲାନପୁରରେ ୧୧ରେ ଦ୍ୱିତୀୟ, ହିମାଚଳର ଧର୍ମଶାଳାରେ ୧୪ରେ ତୃତୀୟ, ଲକ୍ଷ୍ନୌରେ ୧୭ରେ ଚତୁର୍ଥ ଓ ଅହମ୍ମଦାବାଦ୍‌ରେ ଡିସେମ୍ବର ୧୯ରେ ପଞ୍ଚମ ତଥା ଶେଷ ମ୍ୟାଚ୍ ଖେଳାଯିବ।

**ଘୋଷିତ ଦଳ**

ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଜିତେଶ ଶର୍ମା, ଅକ୍ଷର ପଟେଲଏ ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

## ମହିଳା ହକିରେ କିଟ୍‌କୁ ଐତିହାସିକ ସ୍ୱର୍ଣ୍ଣ



ଭୁବନେଶ୍ୱର, ୩।୧୨ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ମହିଳା ହକି ଇଭେଣ୍ଟରେ କିଟ୍ ଐତିହାସିକ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ବୁଧବାର ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲ ମୁକାବିଲାରେ କିଟ୍ ୧-୦ ଗୋଲ୍‌ରେ ଆଇଟିଏମ୍ ଗ୍ୱାଲିୟର ଦଳକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି କିଟ୍ ପୁରୁଷ ଟେନିସ ଦଳ ମଧ୍ୟ ଫାଇନାଲରେ ପ୍ରବେଶ କରି ଆଉ ଏକ ପଦକ ନିଶ୍ଚିତ କରିଛି। ଦେବାଶିଷ ସାହୁ ଓ କବୀର ହାଁସଦାଙ୍କୁ ନେଇ ଗଠିତ କିଟ୍ ଟେନିସ ଟିମ୍ ସେମିଫାଇନାଲରେ ଭାରତୀୟର ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା। ସ୍ୱର୍ଣ୍ଣ ପଦକ ଲାଗି ଫାଇନାଲରେ ମଣିପାଲ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ମୁକାବିଲା ହେବ। ଅପରପକ୍ଷରେ ଆଥ୍‌ଲେଟିକ୍ସରେ କିଟ୍‌ର ଅଭୟ ସିଂ ବୁଧବାର ଏକ ରୌପ୍ୟ ପଦକ ଜିତିଛନ୍ତି। ବର୍ତ୍ତମାନ ସୁଦ୍ଧା କିଟ୍ ବିଶ୍ୱବିଦ୍ୟାଳୟ ଦଳ ଏହି ସମ୍ମାନଜନକ ପ୍ରତିଯୋଗିତାରେ ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୮ କାଂସ୍ୟ ସହ ମୋଟ୍ ୧୬ଟି ପଦକ ବିଜୟୀ ହୋଇଯାଇଛି।

### ମହିଳା ଜୁନିଅର ହକି ବିଶ୍ୱକପ୍

## ଜର୍ମାନୀଠୁ ହାରିଲା ଭାରତ

ନୂଆଦିଲ୍ଲୀ, ୩।୧୨ (ଏଜେନ୍ସି): ଚିଲିରେ ଖେଳାଯାଉଥିବା ଏଫ୍‌ଆଇଏଚ୍ ଜୁନିଅର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣରେ ଭାରତ ପ୍ରଥମ ପରାଜୟବରଣ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଜର୍ମାନୀ ୩-୧ ଗୋଲରେ ଭାରତକୁ ହରାଇଦେଇଛି। ଭାରତ ପକ୍ଷରୁ ହୀନା ବାନୋ ଶେଷ ମୁହୂର୍ତ୍ତରେ ଏକ ଗୋଲ୍ ଶୁଝିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୧୩-୦ ଗୋଲରେ ନାମିବ୍ୟାକୁ ହରାଇଥିଲା। ଏବେ ଦୁଇଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତ ୩ ପଏଣ୍ଟ ପାଇ ପୁଲ୍-ସି'ରେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଜର୍ମାନୀ ଶୀର୍ଷକୁ ଉଠିଛି। ଭାରତ ଶେଷ ପୁଲ୍ ମ୍ୟାଚରେ ଶୁକ୍ରବାର ଆୟର୍ଲାଣ୍ଡକୁ ଭେଟିବ।

## ଆଇସିସି ର୍‍ୟାଙ୍କିଙ୍ଗ୍‌ରେ କୋହଲି ଉଠିଲେ

ଦୁବାଇ, ୩।୧୨ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ବୁଧବାର ଦିନିକିଆ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଭାରତର ତାରକା ଖେଳାଳି ବିରାଟ କୋହଲି ଗୋଟିଏ ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନ ଲାଭ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜର ପ୍ରଥମ ଦିନିକିଆରେ ଶତକ ମାରିବା ପରେ କୋହଲିଙ୍କ ଏହି ଉନ୍ନତି ଘଟିଛି। କିନ୍ତୁ କୋହଲି ବୁଧବାର ଦ୍ୱିତୀୟ ଦିନିକିଆରେ ପୁଣି ଏକ ଶତକ ହାସଲ କରିଥିବାରୁ ପରବର୍ତ୍ତୀ ସପ୍ତାହରେ ତାଙ୍କ ର୍‍ୟାଙ୍କିଙ୍ଗରେ ଆହୁରି ଉନ୍ନତି ଘଟିବା ନିଶ୍ଚିତ ହୋଇଛି।

### ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି

## ଓଡ଼ିଶାର ଇନିଂସ ପରାଜୟ

ଭୁବନେଶ୍ୱର,୩।୧୨(ସମିସ): ଉତ୍ତରାଖଣ୍ଡଠାରୁ ଏକ ଇନିଂସ ଓ ୧୫୦ ରନ୍‌ର ବଡ଼ ବ୍ୟବଧାନରେ ଓଡ଼ିଶା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ପରାଜିତ ହୋଇଛି। ଚଳିତ ସିଜନରେ ଓଡ଼ିଶା ହ୍ୟାଟ୍ରିକ୍ ପରାଜୟ ବରଣ କରିଛି। ଉତ୍ତରାଖଣ୍ଡର କାଶିପୁରଠାରେ ଆଜି ଶେଷ ହୋଇଥିବା ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ଓଡ଼ିଶା ୧୪୬ ରନ୍ କରିଥିଲା। ଜବାବରେ ଉତ୍ତରାଖଣ୍ଡ ୯ ୱିକେଟରେ ୫୫୨ ରନ୍ କରିବା ପରେ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ନିଶ ପଟେଲ ସର୍ବାଧିକ ୨୦୦ ରନ୍ କରିବା ସହ ୯ମ ୱିକେଟରେ ଦେବ୍‌ଙ୍କ ସହ ୨୨୨ ରନ୍ ଯୋଡିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସମ୍ବିତ ବେଜା ୪ଟି ଓ ପ୍ରିୟାଂଶୁ ମହାନ୍ତି ୩ଟି ୱିକେଟ ପାଇଥିଲେ। ଏହା ପରେ ଓଡ଼ିଶା ଦ୍ୱିତୀୟ ଇନିଂସରେ ମାତ୍ର ୨୫୬ ରନ୍ କରି ଅଲଆଉଟ ହୋଇଥିଲା। ବିଶ୍ୱଜିତ ପ୍ରଧାନ ୪୫ ଓ ଶ୍ରେୟାଂଶୁ ପଟ୍ଟନାୟକ ୩୯ ରନ୍ କରିଥିଲେ।

### ୫ ଦିନ ପରେ ବାରବାଟୀ ମୁକାବିଲା

## ଦ୍ୱନ୍ଦ୍ୱରେ 'ଡିଏମ୍‌ଏକ୍ସ' ଶୋ'

କଟକ,୩।୧୨(ସମିସ):

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୯ରେ ଖେଳାଯିବାକୁ ଥିବା ଟି-୨୦ ମୁକାବିଲାରେ ପ୍ରଥମଥର ନିମନ୍ତେ ବାରବାଟୀରେ ଡିଏମ୍‌ଏକ୍ସ ଶୋ' ହେବ ବୋଲି ଯୋଜନା କରାଯାଇଛି। ସଙ୍ଗୀତର ତାଳେତାଳେ ଫ୍ଲଡଲାଇଟ୍ ବ୍ୟବହାର ଦ୍ୱାରା ଏହି ଶୋ କରାଯିବ। ମ୍ୟାଚ୍ ପୂର୍ବରୁ ଏବଂ ଇନିଂସ୍ ମଝିରେ ଗୀତ-ଆଲୋକର ଫ୍ୟୁଜନ ଦେଖିବାକୁ ମିଳିବ। ତେବେ ଡିଏମ୍‌ଏକ୍ସ ଶୋ' ପାଇଁ ହୋଇଥିବା ଘୋଷଣାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଲାଣି। ଫ୍ଲଡଲାଇଟ୍ ତ୍ରୁଟି ଯୋଗୁଁ ଗତ ଫେବୃଆରୀରେ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍‌ରେ ବାରବାଟୀ ନିନ୍ଦା ମୁଣ୍ଡାଇଥିଲା। ଏଣୁ ଫ୍ଲଡଲାଇଟ୍ ଭରସାରେ ଶୋ କରାଯିବାକୁ ନେଇ ଏବେ ଓସିଏ ଚୂଡାନ୍ତ ନିଷ୍ପତ୍ତି ନେଇ ପାରୁନାହିଁ। ମ୍ୟାଚ୍ ପୂର୍ବରୁ ଦୁଇଦିନ ଡ୍ରାଏ ରନ୍ କରାଯିବ। ନଚେତ୍ ଶୋ' ବାତିଲ ହେବାର ଆଶଙ୍କା ଅଛି ବୋଲି ଓସିଏର ଜଣେ ସଦସ୍ୟ କହିଛନ୍ତି।

**ଆଜି ଟିକଟ କିଣିବେ ୨୩ ଅନୁବନ୍ଧିତ ୟୁନିଟ**



ବାରବାଟୀ ମୁକାବିଲାକୁ ଆଉ ୫ଦିନ ବାକି ରହିଛି। ରାଜ୍ୟର ଏହି ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁରେ ୪ର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ଆଜି ଓସିଏ ସହ ଅନୁବନ୍ଧିତ ୟୁନିଟଗୁଡିକ ନିମନ୍ତେ ଟିକଟ ବିକ୍ରି କରାଯାଇଥିଲା। ବୁଧବାର ୫୦ ୟୁନିଟ ଟିକଟ କ୍ରୟ କରିଥିବା ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅବଶିଷ୍ଟ ୨୩ ଅନୁବନ୍ଧିତ ୟୁନିଟ ସମେତ ଓସିଏ ପଦାଧିକାରୀ, ଆପେକ୍ସ କାଉନସିଲ ସଦସ୍ୟ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଗୁରୁବାର ଟିକଟ କିଣିବେ। ଅନ୍ୟପକ୍ଷରେ ଶୁକ୍ରବାର କାଉଣ୍ଟର ଟିକଟ ବିକ୍ରି ନିମନ୍ତେ ଆଜି ଓସିଏ କାର୍ଯ୍ୟାଳୟରେ ଏକ ବୈଠକ ଡକାଯାଇଥିଲା। ପୂର୍ବରୁ ଟିକଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡ୍‌ର ଚଉଡା ୨ଫୁଟ ରହୁଥିଲା। ଏହା ନିକଟରେ ଥିବା ସର୍ଭିସ ବ୍ୟାରିକେଡ ରହୁଥିଲା ୩ ଫୁଟ। ହେଲେ ଆଗାମୀ ମ୍ୟାଚ୍ ନିମନ୍ତେ ଜନସାଧାରଣଙ୍କ ପାଇଁ ହେବାକୁ ଥିବା ବ୍ୟାରିକେଡ ଅଢ଼େଇ ଫୁଟ ହେବ। ସର୍ଭିସ ବ୍ୟାରିକେଡକୁ ୪ ଫୁଟ୍ ଚଉଡ଼ା କରାଯିବ ବୋଲି ସ୍ଥିର ହୋଇଛି।

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS